

ଆଲିସା ହିଲୀଙ୍କ ଅବସର ଘୋଷଣା

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-199 ◆WEDNESDAY ◆14 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯୯ ◆ବୁଧବାର ◆୧୪ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


‘ସୁପ୍ରିମ’ ରାୟ

## ବୁଲା କୁକୁର କାମୁଡ଼ିଲେ କ୍ଷତିପୂରଣ ଦେବେ ସରକାର

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ବୁଲା କୁକୁର କାମୁଡା ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। କୁକୁର କାମୁଡ଼ିବା ଯୋଗୁଁ ଶିଶୁ କିମ୍ବା ବୃଦ୍ଧ ପ୍ରାଣ ହରାଇଲେ କିମ୍ବା ଆହତ ହେଲେ ରାଜ୍ୟ ସରକାରଗୁଡ଼ିକ କ୍ଷତିପୂରଣ ଦେବେ। ଏଥିପାଇଁ ବିପୁଳ କ୍ଷତିପୂରଣ ଧାର୍ଯ୍ୟ କରାଯିବ। କାରଣ ଏହି



ଚିନ୍ତିତ ବ୍ୟକ୍ତି କୁକୁରକୁ ଘରକୁ ନେଇଯାଆନ୍ତୁ

ଖାଦ୍ୟ ଦେଲେ ଉତ୍ତରଦାୟୀ ରହିବେ

ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ଗତ ୫ ବର୍ଷ ହେଲା କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମହେଟ୍ଟା ଏବଂ ଜଷ୍ଟିସ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ନାଥ କହିଲେ ଯେ କୁକୁରଙ୍କୁ ଖାଇବାକୁ ଦେଉଥିବା ବ୍ୟକ୍ତି ଓ ପଶୁ ।।ପ୍ରେମୀଙ୍କ ପାଇଁ ମଧ୍ୟ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବ। ଯଦି ଏହି ପଶୁଙ୍କ ପ୍ରତି ଏତେ ଭଲ ପାଇବା ରହିଛି, ତେବେ ସେମାନଙ୍କୁ ନିଜ ଘରକୁ ନେଇଯାଆନ୍ତୁ। କୁକୁର କାହିଁକି ରାସ୍ତାରେ ବୁଲୁଛନ୍ତି? ଲୋକଙ୍କୁ କାମୁଡ଼ି ଭୟ ସୃଷ୍ଟି କରାଉଛନ୍ତି। ମାମଲାକୁ ଏଭଳି ଛଡ଼ାଯିବ ନାହିଁ। ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସମସ୍ୟା ହଜାରେ ଗୁଣ ବଢ଼ି ଗଲାଣି। କୋର୍ଟଙ୍କ କାର୍ଯ୍ୟ ବଦଳରେ ଏହି ପ୍ରସଙ୍ଗ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ‘ସାର୍ବଜନୀନ ମଞ୍ଚ’ ପାଲଟି ଗଲାଣି। ଏହି ମାମଲାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ଅଧା ଦିନ ଦେବାକୁ ପଡ଼ିବ। ଏହାର ମୁକାବିଲା ପାଇଁ କି ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ▶ପୃଷ୍ଠା-୭

ଓଡ଼ିଶାରେ ଏସ୍‌ଆଇଆର୍ ପ୍ରସ୍ତୁତି ଆରମ୍ଭ

# ବଢ଼ିଲା ୭୦୦୦ ବୁଥ୍

## ୨୦୦୨ ଓ ୨୦୨୫ ମସିହା ଭୋଟର ତାଲିକାର ଏକୀକୃତ ଯାଞ୍ଚ ଆରମ୍ଭ

■ ଭୁବନେଶ୍ୱର, ୧୩।୧ (ସମିସ): ବର୍ତ୍ତମାନ ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର(ସ୍ୱତନ୍ତ୍ର ସଘନ ସଂଶୋଧନ) ପାଇଁ ପ୍ରସ୍ତୁତି ଜାରି ରହିଛି। ଏହି ପ୍ରକ୍ରିୟାରେ ରାଜ୍ୟରେ ବୁଥ୍ ସଂଖ୍ୟା ୭୦୦୦ ବୃଦ୍ଧି ପାଇଛି। ଗୋଟିଏ ବୁଥ୍‌ରେ ୧୨୦୦ ବା ତହିଁରୁ କମ୍ ଭୋଟର ରଖିବା ପ୍ରକ୍ରିୟାନୁସାରେ ବୁଥ୍‌ଗୁଡ଼ିକ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ରାଜ୍ୟରେ ପ୍ରାୟ ୩୭ ହଜାର ବୁଥ୍ ଥିବା ବେଳେ ଏବେ ଏହା ୪୪ ହଜାରରେ ପହଞ୍ଚିଛି। ସବୁ ବୁଥରେ ୧୨୦୦ରୁ କମ୍ ଭୋଟର ରହିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ଏସଆଇଆର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ରଙ୍କ ସୂଚନା ଅନୁସାରେ ରାଜ୍ୟରେ ପ୍ରସ୍ତୁତ ହୋଇଥିବା ୪୪ ହଜାର ବୁଥ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ବିଏଲଓ(ବୁଥ୍ ସ୍ତରୀୟ ଅଧିକାରୀ) ନିଯୁକ୍ତି ଦିଆଯାଇ ସାରିଛି। ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଲେ ସେମାନେ କିପରି ଏହାକୁ କାର୍ଯ୍ୟକାରୀ କରିବେ, ସେନେଇ ସେମାନଙ୍କୁ ୨ ଥର ତାଲିମ ପ୍ରଦାନ କରାଯାଇଛି। ସେହିପରି ଏଆରଓମାନଙ୍କୁ ମଧ୍ୟ ତାଲିମ ପ୍ରଦାନ ପ୍ରକ୍ରିୟା ସରିଛି। ଓଡ଼ିଶାରେ ଶେଷଥର ପାଇଁ ୨୦୦୨ ମସିହାରେ ଏସଆଇଆର ହୋଇଥିଲା। ସେହି ୨୦୦୨ ମସିହା ଏସ୍‌ଆଇଆର ରୋଲ ନାମଥିବା ବ୍ୟକ୍ତିମାନଙ୍କର ଯାଞ୍ଚର ଆବଶ୍ୟକତା ପଡ଼ିବ ନାହିଁ। ୨୦୦୨ ଏବଂ ୨୦୨୫ ଡାଟାକୁ ଏକତ୍ରୀକରଣ କରାଯାଉଛି। ପ୍ରାୟ ୭୦ ପ୍ରତିଶତ ମ୍ୟାପିଙ୍ଗ୍ କାର୍ଯ୍ୟ ସରିଯାଇଛି। ବଳକା ପ୍ରକ୍ରିୟା ଜାରି ରହିଛି। ଅଧିକରୁ ଅଧିକ ଭୋଟରଙ୍କୁ ଯେପରି ୨୦୦୨ ଏସଆଇଆର ରୋଲ ସହ ସଂଯୋଗ କରାଯାଇ ପାରିବ ସେଥିପାଇଁ ବ୍ୟବସ୍ଥା ହେଉଛି। ଏହାଦ୍ୱାରା ଉକ୍ତ ଭୋଟରଙ୍କୁ ଯାଞ୍ଚ ପାଇଁ ଆଉ କୌଣସି ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ ନାହିଁ। ଆପେଆପେ ସେମାନଙ୍କର ନାମ ଏସଆଇଆର ଡ୍ରାଫ୍ଟରେ ଆସିଯିବ। ତେବେ ଯେଉଁ ଭୋଟରଙ୍କ ନାମ ଆସିପାରିବ ନାହିଁ, ସେମାନଙ୍କୁ ନିର୍ଦ୍ଦିଷ୍ଟ ଡକ୍ୟୁମେଣ୍ଟ ଦେବାକୁ ପଡ଼ିବ। ବର୍ତ୍ତମାନ ବିହାରରେ ପ୍ରଥମ ପର୍ଯ୍ୟାରେ ଏସଆଇଆର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟରେ ଏସଆଇଆର ଜାରିରହିଛି। ସେଠାରେ ଯେଉଁ ଡକ୍ୟୁମେଣ୍ଟକୁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି, ତାହା ମଧ୍ୟ ଓଡ଼ିଶାରେ ଲାଗୁ ହେବ। ଲୋକେ ଯେପରି ବିଶେଷ ▶ପୃଷ୍ଠା-୭




ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ମାମଲା

## ସରକାରଙ୍କୁ ୬ ସପ୍ତାହ ମହଲତ

■ କଟକ, ୧୩।୧ (ସମିସ): ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିବା କାରଣରୁ ଲୋକାୟୁକ୍ତରେ ଅଚଳାବସ୍ଥା ସୃଷ୍ଟି ହେବା ଓ ପଦ ପୂରଣ ଦିଗରେ ସରକାର କିଛି ପଦକ୍ଷେପ ନେଉନଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ଶୁଣାଣି ବେଳେ ଉପସ୍ଥିତ ରହି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ସରକାର ଚେଷ୍ଟାରତ ଅଛନ୍ତି ଏବଂ ଓଡ଼ିଶା ଲୋକାୟୁକ୍ତ ଅଧିନିୟମ ୨୦୧୪ରେ କିଛିଟା ସଂଶୋଧନ ପାଇଁ ସରାକର ଚିନ୍ତା କରୁଛନ୍ତି ବୋଲି କହିଛନ୍ତି। ଏହି ମାମଲାରେ ସେ ଅଧିକ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ୬ ସପ୍ତାହ ସମୟ ଦେଇଛନ୍ତି। ଏଥିସହ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୂରଣ ଦିଗରେ ତତ୍ପରତା ପ୍ରକାଶ ପୂର୍ବକ ସରକାର ଉପଯୁକ୍ତ ପଦକ୍ଷେପ ▶ପୃଷ୍ଠା-୭

# ପୁଣି ଟ୍ରମ୍ପ ଟାରିଫ୍ ଟେନ୍‌ସନ୍

## ଇରାନ୍ ସହ କାରବାର ପାଇଁ ଭାରତ ଉପରେ ଆଉ ୨୫%

■ ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନିକଟରେ ଭାରତ ଉପରେ ୫୦୦ ପ୍ରତିଶତ ଟାରିଫ୍ ବା ଶୁଳ୍କ ଧାର୍ଯ୍ୟ କରିବାକୁ ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ସାନି ଶୁଳ୍କ ଧମକ ଦେଇଛନ୍ତି। ଟ୍ରମ୍ପ୍ ଆଜି ଘୋଷଣା କରିଛନ୍ତି ଯେ ଇରାନ ସହିତ ବାଣିଜ୍ୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହିତ ବାଣିଜ୍ୟ ଉପରେ ୨୫% ଶୁଳ୍କ ଦେବାକୁ ପଡିବ। ସେ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଟ୍ରୁଥ୍ ସୋସିଆଲ’ରେ ଏହି ଧମକ ଦେଇଛନ୍ତି। ଇରାନରେ ଦୀର୍ଘ ବର୍ଷ ଧରି ଚାଲିଥିବା ସରକାର ବିରୋଧୀ ପ୍ରତିବାଦ ମଧ୍ୟରେ ଟ୍ରମ୍ପ ଏଭଳି ନିଷ୍ପତ୍ତି ନେଇଛନ୍ତି।



ଟ୍ରମ୍ପଙ୍କ ଏହି ନୂତନ ଟାରିଫ୍ ଫଳରେ ଭାରତକୁ ଇରାନ୍ ସହ କାରବାରରେ ୭୫% ଟାରିଫ୍ ଦେବାକୁ ପଡିବ। କାରଣ ଟ୍ରମ୍ପ୍ ପୂର୍ବରୁ ରୁଷ ତେଲ ପାଇଁ ଭାରତ ଉପରେ ୫୦% ଟାରିଫ୍ ଲଗାଇସାରିଛନ୍ତି। ଏହି ଶୁଳ୍କର ୨୫% ପାରସ୍ପରିକ ଏବଂ ବାକି ୨୫% ହେଉଛି ରୁଷରୁ ଅଶୋଧିତ ତୈଳ କିଣିବା ପାଇଁ ଭାରତ ଉପରେ ଲାଗୁ ହୋଇଥିବା ଜୋରିମାନା। ଟ୍ରମ୍ପ୍ ଏବେ କହିଛନ୍ତି ଯେ ରୁଷ ସହିତ ବାଣିଜ୍ୟ ଜାରି ରଖିଥିବା ଦେଶଗୁଡ଼ିକ ▶ପୃଷ୍ଠା-୭

ଚୌଦ୍ୱାରରେ ଲଜ୍ଜା!

## ଭିଡିଓ ଭାଇରାଲ ଧମକ ଦେଇ ଛାତ୍ରୀଙ୍କୁ ଦୁଷ୍କର୍ମ

■ ଚୌଦ୍ୱାର, ୧୩।୧ (ସମିସ): ଚୌଦ୍ୱାରରେ ଲଜ୍ଜା। ଅଷ୍ଟମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଏହାର ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ପରେ ବାରମ୍ବାର ଦୁଷ୍କର୍ମ କରିବା ଭଳି ଏକ ଲଜ୍ଜାଜନକ ଘଟଣା ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଅଞ୍ଚଳରେ ଘଟିଛି। ଏହି ଘଟଣାରେ ପୁଲିସ ମଳୟ ସ୍ୱାଇଁ (୨୨) ନାମକ ଜଣେ ଯୁବକକୁ ଗିରଫ କରିଛି।

ମଳୟ ଜଣେ ଗାଡ଼ି ଚାଳକ। ସେ ମୁଣ୍ଡମାଳ ଅଞ୍ଚଳରେ ଭଡ଼ାରେ ରହୁଥିଲା। ଅନେକ ସମୟରେ ସେ ନିଶାସକ୍ତ ଅବସ୍ଥାରେ ରହି ସ୍କୁଲ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ହଇରାଣ କରୁଥିଲା। ୧୫ଦିନ ତଳେ ନାବାଳିକାଜଣଙ୍କ ସ୍କୁଲରୁ ଏକୁଟିଆ ଫେରୁଥିବା ବେଳେ ମଳୟ ତାଙ୍କୁ କୌଶଳକ୍ରମେ ନିଶା ଖୁଆଇ ଅଚେତ କରିବା ପରେ ଓଟିଏମ୍ କଲୋନୀର ଏକ ପରିତ୍ୟକ୍ତ ▶ପୃଷ୍ଠା-୭

ନଅ ତାଲା, ସେଚ ସଦନ ଓ ରାଜୀବ ଭବନ ଭଙ୍ଗ ନିଷ୍ପତ୍ତି



## ଘରେ ନ ପଶୁଣୁ ମୁଣ୍ଡରେ ଚାଳ

■ ଭୁବନେଶ୍ୱର,୧୩।୧(ସମିସ): ନୂଆଦିଲ୍ଲୀରେ ସଂସଦର ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଭଳି ନୂଆ ଲୋକସେବା ଭବନ ଓ ବିଧାନସଭା ସାଙ୍ଗକୁ ଗୋଟିଏ କ୍ୟାମ୍ପସରେ ରାଜ୍ୟର ସବୁ ମୁଖ୍ୟାଳୟ ରଖିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନକ୍ସା। ଏମିତି କି ଏହି କ୍ୟାମ୍ପସ ଭିତରେ ଏମ୍‌ଏଲ୍‌ଏ କଲୋନୀ ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମଧ୍ୟ ରହିବା ନେଇ ଏକ ବିରାଟ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ଘରେ ନ ପଶୁଣୁ ଚାଳରେ ମୁଣ୍ଡ ବାଜିବା ପରି ସରକାରଙ୍କ ଏହି ପରିକଳ୍ପନାକୁ ନେଇ ଆରମ୍ଭ ହୋଇଛି ବିବାଦ। ବର୍ତ୍ତମାନ ଲୋକସେବା ଭବନର ଅତି ନିକଟରେ ଥିବା ନଅ ତାଲା, ସେଚ ସଦନ ଏବଂ ରାଜୀବ ଭବନକୁ ଭଙ୍ଗାଯିବ ବୋଲି ମଙ୍ଗଳବାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କରିଥିବା ଘୋଷଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସବୁ କୋଠା ବିପଦସଙ୍କୁଳ ବୋଲି ▶ପୃଷ୍ଠା-୭

୨୭ ବର୍ଷର ବିଲ୍ଡିଂ ‘ଅନସେଫ୍’ ଘୋଷଣାକୁ ନେଇ ପ୍ରଶ୍ନ

ରାଜୀବ ଗାନ୍ଧୀଙ୍କ ନାଁ ହଟାଇବାକୁ ସରକାରଙ୍କ ନାଟକ: କଂଗ୍ରେସ


SIKSHA ‘O’ ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଶୀତ ଆଉ ତିନି ଦିନ

■ ଭୁବନେଶ୍ୱର, ୧୩।୧ (ସମିସ): ଉତ୍ତରା ଥଣ୍ଡା ପବନ ଯୋଗୁଁ ରାଜ୍ୟରେ ଥଣ୍ଡା ଜାରି ରହିଛି। ମାତ୍ର ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଶୀତରେ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଜି ଉଦୟଗିରିରେ ପୁଣି ଥରେ ତାପମାତ୍ରା ୪.୬ ଡିଗ୍ରୀକୁ ଖସିଛି। ସେହିପରି ରାଉରକେଲା ୭.୧, ଫୁଲବାଣୀ ୭.୧, ଝାରସୁଗୁଡ଼ା ୭.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ଏହି ସମୟ ପାଇଁ ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଜନିତ ୟେଲୋଆଲର୍ଟ ଜାରିକରାଯାଇଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ କଟକ, ଜଗତସିଂହପୁର, ଅନୁଗୁଳ, ଝାରସୁଗୁଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ଶୀତଲହରୀ ଆଶଙ୍କା ।।ରେ ଆଲର୍ଟ ଜାରି ହୋଇଛି। ପଶ୍ଚିମା ଝଡ଼ ସକ୍ରିୟ ହେବା ପୂର୍ବରୁ ଆସନ୍ତା ୩-୪ ଦିନ ଅଧିକାଂଶ ଅଞ୍ଚଳରେ ଘନ କୁହୁଡ଼ି ହୋଇପାରେ। ଏଥିରେ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କୋରାପୁଟ ଥିବା ପାଣିପାଗ କେନ୍ଦ୍ର କହିଛି।


FIDE SOCIAL CHESS YEAR '25 | Chess in Education 2026 | KIIT

KALINGA INSTITUTE OF INDUSTRIAL TECHNOLOGY-KIIT
Hosts
Chess Mahakumbh ଚେସ୍ ମହାକୁମ୍ଭ
International Conference
on
Social & Educational Chess
in Association with
International Chess Federation (FIDE) &
All India Chess Federation (AICF)
14th -16th January 2026
Following Legends of Chess to grace the occasion

Mr. Arkady Dvorkovich
President, FIDE &
Former Deputy Prime Minister of Russia

Padma Vibhushan Grandmaster
Shri Viswanathan Anand
Deputy President, FIDE
Five times World Champion

Grandmaster
Ms. Dana Reizniece
Deputy Chair, FIDE
Former Finance Minister
Republic of Latvia

Mr. Nitin Narang
President, AICF

Mr. Dev A Patel
Hony. Secretary, AICF

Mr. Ranjan Mohanty
Member Event
Commission, FIDE

Eminent personalities in Chess from 40 countries, along with 80 delegates from India, will grace the event

TOTAL PARTICIPANTS 5200+
• FIDE DELEGATES : 43 • AICF DELEGATES : 76 • AOCA DELEGATES : 60
• PLAYERS FROM 40 COUNTRIES • 5000+ PLAYERS FROM INDIA
First time in India at KIIT University, Bhubaneswar, Odisha

KIIT, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ମାଡ଼ି ଚାଲ, ସହାୟତା ପଠାଉଛି

## ଇରାନରେ ଆନ୍ଦୋଳନକାରୀଙ୍କୁ ଉସୁକାଇଲେ ଆମେରିକା ରାଷ୍ଟ୍ରପତି



- ଇରାନରେ ଖାମନେଇଙ୍କ ଦମନଲୀଳା ଜାରି
- ଦୁଇ ସପ୍ତାହରେ ୫ ହଜାର ବିରୋଧୀଙ୍କୁ ହତ୍ୟା
- ଆନ୍ଦୋଳନକାରୀଙ୍କୁ ଆଖିବୁଜା ଗୁଳିମାଡ଼
- ନେତାମାନଙ୍କୁ ଫାଶୀ ଦିଆଯାଉଛି




ୱାସିଂଟନ/ତେହରାନ, ୧୩।୧ (ଏଜେନ୍ସି): ଇରାନ।ରେ ଦରଦାମ ବୃଦ୍ଧି ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ଭୟଙ୍କର ଆକାର ଧାରଣ କରିଛି । ଆନ୍ଦୋଳନକୁ ଦମନ କରିବା ଲାଗି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଇରାନ ଭିତରେ ଏବଂ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ଏହି ଆନ୍ଦୋଳନ ଆଉ ଦରଦାମ ବୃଦ୍ଧିରେ ସୀମିତ ରହିନାହିଁ । ସର୍ବୋଚ୍ଚ ନେତା ଅଲୀ ଖାମନେଇଙ୍କୁ ବିଦା କରିବା ଲାଗି ଆନ୍ଦୋଳନ ଜୋର ଧରିଲାଣି । ଦେଶର ସମସ୍ତ ୩୧ଟି ପ୍ରଦେଶରେ ବ୍ୟାପିଯାଇଥିବା ଏହି ଆନ୍ଦୋଳନରେ ଯୁବକ ଓ ମହିଳାମାନେ ମଧ୍ୟ ସାମିଲ ହୋଇଛନ୍ତି । ଦରଦାମ ବୃଦ୍ଧି ସହିତ ନାରୀ ନିର୍ଯାତନାକୁ ନେଇ ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଅସନ୍ତୋଷ ଏବେ ବିସ୍ଫୋରଣ ହେବାରେ ଲାଗିଛି । ଖାମନେଇ ସରକାରଙ୍କ ଦମନ ନୀତି ସତ୍ତ୍ୱେ ଆନ୍ଦୋଳନ ବ୍ୟାପିବାରେ ଲାଗିଛି । ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଦମ୍ଭ ଦେବାକୁ ଯାଇ କହିଛନ୍ତି, 'ଆପଣମାନେ ମାଡ଼ି ଚାଲନ୍ତୁ, ମୁଁ ସହାୟତା ପଠାଉଛି ।' ଆଜି ସାମାଜିକ ଗଣମାଧ୍ୟମରେ ସେ ଏହି ବାର୍ତ୍ତା ଦେଇ କହିଛନ୍ତି ଯେ ଆନ୍ଦୋଳନକାରମାନେ ପଛକୁ ନହଟି ବିଭିନ୍ନ ଅନୁଷ୍ଠାନକୁ କବଜା କରନ୍ତୁ । କିନ୍ତୁ ସେ କେଉଁ ପ୍ରକାର ସହାୟତା ପଠାଉଛନ୍ତି, ତାହା କହି ନାହାନ୍ତି । ତେବେ ସେ ସାମରିକ କାଯର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଏଭଳି ଧମକକୁ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛି ରୁଷିଆ । ରାଷ୍ଟ୍ରପତି ପୁତିନ କହିଛନ୍ତି ଯେ ୨୦୨୫ରେ ଇରାନ ଉପରେ ଆକ୍ରମଣ କରି ଟ୍ରମ୍ପ ଯାହା ଭୁଲ କରିଛନ୍ତି, ତାହା ଆଉଥରେ ଦୋହରାନ୍ତୁ ନାହିଁ । ସେହି ଆକ୍ରମଣର ପରିଣତି ଭୟଙ୍କର ହୋଇଥିଲା । ୨୦୨୬ରେ ଏହାକୁ ଏଡ଼ାଇ ହେବ ନାହିଁ ବୋଲି ଟ୍ରମ୍ପଙ୍କୁ ଚେତାବନୀ ଶୁଣାଇଛନ୍ତି ।

ଇରାନରେ ଆନ୍ଦୋଳନ ଭୟଙ୍କର ରୂପ ଧାରଣ କରିଥିବାରୁ ଏହାକୁ ଦୃଢ଼ ହସ୍ତରେ ଦମନ କରିବାରେ ଲାଗି ପଡ଼ିଛନ୍ତି ସୁରକ୍ଷା ବାହିନୀ । ସୁରକ୍ଷା ବାହିନୀ ପକ୍ଷରୁ ଆନ୍ଦୋଳନକାରମାନଙ୍କ ଉପରେ ଆଖିବୁଜା ଗୁଳିମାଡ଼ କରାଯାଉଛି । ଏହାସହିତ ଅନେକ ଯୁବ ଆନ୍ଦୋଳନକାରୀଙ୍କୁ ଫାଶୀ ଦିଆଯାଉଥିବାର ଖବର ମଧ୍ୟ ମିଳିଛି । ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଦୁଇ ସପ୍ତାହ ମଧ୍ୟରେ ଇରାନରେ ସୁରକ୍ଷା ବାହିନୀ କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଗଲାଣି । ତେବେ ୨ ହଜାର ଲୋକ ପ୍ରାଣ ହରାଇଥିବା ଇରାନ ସରକାର ସ୍ୱୀକାରା କରିଛନ୍ତି । ଇରାନରେ ଇଣ୍ଟରନେଟ୍ ଏବଂ ଫୋନ ସେବା ବନ୍ଦ ରହିଥିବାରୁ ପ୍ରକୃତ ତଥ୍ୟ ମିଳିପାରୁ ନାହିଁ । ତେବେ ଆନ୍ଦୋଳନକୁ ନେଇ ସମଗ୍ର ଇରାନରେ ଉତ୍ତେଜନା ଲାଗି ରହିଛି । ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରୀ ସଂପତ୍ତିରେ ନିଆଁ ଲଗାଇଦେଉଛନ୍ତି । ସେମାନଙ୍କୁ ଦେଖିବା ମାତ୍ରେ ନେସନାଲ ଗାର୍ଡ ଗୁଳିମାଡ଼ କରୁଛନ୍ତି ।

ଇତିମଧ୍ୟରେ ଇରାନ ପରିସ୍ଥିତିକୁ ନେଇ ବିଶ୍ୱବ୍ୟାପୀ ଉଦବେଗ ପ୍ରକାଶ ପାଇଲାଣି । ଇରାନରେ ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ଖାମନେଇ ପ୍ରଶାସନ ଯେଉଁଭଳି ନରସଂହାର ଚଳାଇଛି, ତାହାକୁ ନେଇ ଆମେରିକା ଉଦ୍‌ବେଗ ପ୍ରକାଶ କରିବା ସହିତ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ସହାୟତା ଯୋଗାଇବା ଲାଗି ତାଙ୍କ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ଅଛି । ଏଥିପାଇଁ ତାଙ୍କ ସେନା ପ୍ରସ୍ତୁତ ହୋଇ ରହିଛନ୍ତି । ତେବେ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନ ପକ୍ଷରୁ ମଧ୍ୟ ଆମେରିକା ଓ ଇସ୍ରାଏଲକୁ ଧମକ ଦିଆଯାଇଛି ।

## ୟୁକ୍ରେନରେ ପୁଣି ଆକ୍ରମଣ କଲା ରୁଷ: ୪ ମୃତ

କିଭ୍, ୧୩।୧ (ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନାହିଁ । କ୍ରମାଗତ ଭାବେ ଏହା ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି । ଏହି କ୍ରମରେ ମଙ୍ଗଳବାର ସକାଳେ ୟୁକ୍ରେନ୍‌ରେ ରୁଷ ଭୟଙ୍କର ଆକ୍ରମଣ କରିଛି । ୟୁକ୍ରେନ ଗଣମାଧ୍ୟମ ଏହାକୁ ବର୍ଷର ସବୁଠାରୁ ବଡ଼ ଆକ୍ରମଣ କହିଛି । ସୂଚନା ଅନୁଯାୟୀ, ରୁଷ ସେନା ଘଣ୍ଟାଏ ମଧ୍ୟରେ ୨୦ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଥିଲା । କିଭର ସାମରିକ ପ୍ରଶାସନ ମୁଖ୍ୟ ତିମୁର କହିଛନ୍ତି ଯେ ରାଜଧାନୀ ଉପରେ ଘନ ଘନ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏଥିରେ କେତେକ ପ୍ରତିଷ୍ଠାନ ଗୁରୁତର କ୍ଷତିଗ୍ରସ୍ତ ହୋଇଛି । ଖାରକିଭ ଅଞ୍ଚଳରେ ମଧ୍ୟ ପ୍ରଚଣ୍ଡ ଆକ୍ରମଣ ହୋଇଥିଲା । ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି । ରୁଷ୍-ସୀମାରୁ ମାତ୍ର ୩୦ କିମି ଦୂରରେ ଥିବାରୁ ଖାରକିଭକୁ କ୍ରମାଗତ ଭାବେ ଟାର୍ଗେଟ କରାଯାଉଛି । ୟୁକ୍ରେନୀୟ ଅଧିକାରୀମାନେ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ସେମାନେ ଅନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି ।

## ପାକ୍ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି । ଭବିଷ୍ୟତର କୌଣସି ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା ସାମରିକ ଦୁଃସାହସ ପାଇଁ ଭାରତୀୟ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି । ଭାରତ ସମ୍ପୂର୍ଣ୍ଣ କ୍ଷମତାର ସହ ଜବାବ ଦେବ ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି । ଏବେ ପାକିସ୍ତାନ ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ ରହିଛି ବୋଲି ସେ ସୂଚନା ଦେଇଛନ୍ତି । ଯଦି କୌଣସି କୁଟୀଳ ପଦକ୍ଷେପ ନିଅନ୍ତି ତେବେ ଭାରତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ । ଭାରତୀୟ ସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ପରିସ୍ଥିତି ସ୍ୱାଭାବିକ ରହିଛି, କିନ୍ତୁ ସତର୍କତା ଜରୁରୀ । । ପଶ୍ଚିମ ମୋର୍ଚ୍ଚା ଏବଂ ଜମ୍ମୁ-କାଶ୍ମୀରରେ ସ୍ଥିତି ମେ' ୧୦ରୁ ସମ୍ବେଦନଶୀଳ ଥିଲେ ମଧ୍ୟ ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି । ୨୦୨୫ ଠାରୁ ବର୍ତ୍ତମାନ ସୁଦ୍ଧାରେ ୩୧ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରାୟ ୬୫% ପାକିସ୍ତାନୀ ଥିଲେ । ଜମ୍ମୁ-କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ଏବେ ଏକକ ସଂଖ୍ୟାକୁ ହ୍ରାସ ପାଇଛି । ଆତଙ୍କବାଦୀ ନିଯୁକ୍ତି ପ୍ରାୟତଃ ବନ୍ଦ ହୋଇଯାଇଛି ।

## ୨୮୦ ଗ୍ୟାଙ୍ଗଷ୍ଟର ଗିରଫ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଦିଲ୍ଲୀ ପୁଲିସକୁ ବଡ଼ ସଫଳତା ମିଳିଛି । 'ଅପରେସନ ଗ୍ୟାଙ୍ଗ ବଷ୍ଟ-୨୦୨୬' ଆରମ୍ଭ କରି ୪୮ ଘଣ୍ଟା ମଧ୍ୟରେ ୨୮୦ ଗ୍ୟାଙ୍ଗଷ୍ଟରଙ୍କୁ ଗିରଫ କରିଛି । ସଂଗଠିତ ଅପରାଧ ଏବଂ ଗ୍ୟାଙ୍ଗଷ୍ଟର ନେଟୱର୍କକୁ ଭାଙ୍ଗିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଛୋଟ ଏବଂ ବଡ଼ ଗ୍ୟାଙ୍ଗର ମୋଟ ୮୫୪ ସଦସ୍ୟଙ୍କ ଗିରଫ କରାଯାଇଛି । ଏହି ସମୟରେ ୬,୪୦୦ ଜଣଙ୍କୁ ଧରାଯାଇ ଜେରା ଏବଂ ଯାଞ୍ଚ କରାଯାଇଥିଲା । ସ୍ପେସିଆଲ ସେଲ୍‌ର ଏସିପି ପ୍ରମୋଦ କୁଶ୍ୱାହ କହିଛନ୍ତି ଯେ ଗ୍ୟାଙ୍ଗ ସଦସ୍ୟଙ୍କୁ ଧରିବା ପାଇଁ ୯ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । ଏକାସଙ୍ଗେ ଦିଲ୍ଲୀ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଅନ୍ୟ ରାଜ୍ୟର ମୋଟ ୪,୨୯୯ ଠିକଣାରେ ଚଢ଼ଉ କରାଯାଇଥିଲା । ହତ୍ୟା, ବଟି ଆଦାୟ, ଚୋରା ଚାଲାଣ, ଅସ୍ତ୍ରଶସ୍ତ୍ର ଲୁଚାଇବା, ଅଭ୍ୟାସଗତ ଅପରାଧୀଙ୍କୁ ଧରା ଯାଇଥିଲା । ଏହି ସମୟରେ ୩୦୦ ବେଆଇନ ଅସ୍ତ୍ରଶସ୍ତ୍ର, ୧୩୦ ରାଉଣ୍ଡ ଗୁଳିକୋଳା, ୨୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଗ୍ୟାଙ୍ଗଷ୍ଟର ସମ୍ପର୍ଣ୍ଣ ବ୍ୟବସ୍ଥାକୁ ମୂଳପ୍ରୋଟନ ପାଇଁ ଏହି ପଦକ୍ଷେପ ନିଆଯାଇଥିଲା ।

## ବାଂଲାଦେଶରେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ପିଟି ପିଟି ହତ୍ୟା

ଢାକା, ୧୩।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଜୀବନ ଦୁର୍ବିସହ ହୋଇଗଲାଣି । ଜାଣିଶୁଣି ବାଂଲାଦେଶୀ ହିନ୍ଦୁଙ୍କୁ ନିଶାଣ କରାଯାଉଛି । ମିଥ୍ୟା ଅଭିଯୋଗ ଲଗାଇ ମାରି ଦିଆଯାଉଛି । ଏହି କ୍ରମରେ ଦକ୍ଷିଣ ବାଂଲାଦେଶର ଚଟଗାଁଓ ଡିଭିଜନ ଅନ୍ତର୍ଗତ ଫେନି ଜିଲ୍ଲାର ଦାଗନଭୁଇଁଆରେ ଆଉ ଜଣେ ହିନ୍ଦୁ ଅଟୋ ଡ୍ରାଇଭରଙ୍କୁ ହତ୍ୟା କରାଯାଇଛି । ଗତ ରବିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା । ୨୮ ବର୍ଷୀୟ ହିନ୍ଦୁ ଯୁବକ ସମୀର କୁମାର ଦାସଙ୍କୁ ନିର୍ଦ୍ଦୁମ ମାଡ଼ ମାରିବା ପରେ ପିଟି ପିଟି ହତ୍ୟା କରାଯାଇଛି । ତାଙ୍କ ଅଟୋରିକ୍ସା ମଧ୍ୟ ଲୁଟି ନେଇଛନ୍ତି । ଏହାକୁ ମିଶାଇ ଗତ ୨୩ ଦିନ ମଧ୍ୟରେ ୭ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି । ୪୨ ଦିନରେ ୧୨ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହିନ୍ଦୁ ପରିବାର ଉପରେ ଆକ୍ରମଣ ହୋଇଛି । ଏହା ସତ୍ତ୍ୱେ କାମଚଳା ମହମ୍ମଦ ୟୁନୁସଙ୍କ ସରକାର ଚୁପ୍ ହୋଇ ବସି ରହିଛନ୍ତି । ପୁଲିସ ସବୁ ଜାଣିଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ହାତ ଉପରେ ହାତ ବାନ୍ଧି ବସି ରହିଛି ।

## ବ୍ରିଟେନରେ ଶିଖ୍ ନାବାଳିକାଙ୍କୁ ଗଣଦୁଷ୍କର୍ମ

ଲଣ୍ଡନ, ୧୩।୧ (ଏଜେନ୍ସି): ବ୍ରିଟେନରେ ପାକିସ୍ତାନୀ ଗ୍ରୁମିଂ ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଛି । ଏହି ଗ୍ୟାଙ୍ଗ ଅନେକ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଯୌନ ଉତ୍ପୀଡ଼ନ ଦେଉଥିବା ଅଭିଯୋଗ ଲାଗି ଆସିଛି । ଏବେ ଲଣ୍ଡନରେ ରହୁଥିବା ଜଣେ ଶିଖ୍ ନାବାଳିକା (୧୪) ଏହି ଗ୍ୟାଙ୍ଗର ଫାସରେ ପଡ଼ିଛନ୍ତି । ଅପହରଣ କରିବା ପରେ ତାଙ୍କୁ ଏକ ଫ୍ଲାଟରେ ବନ୍ଦୀ କରି ରଖାଯାଇଥିଲା । ସେଠାରେ ୫-୬ ଜଣ ପୁରୁଷ ତାଙ୍କୁ ବଳାତ୍କାର କରିଥିଲେ । ଝିଅଟି ଖସିଯିବାକୁ ପ୍ରୟାସ କରିଥିଲେ ବି ତାଙ୍କୁ ଭୟଭୀତ କରି ଚୁପ୍ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ଲଣ୍ଡନରେ ରହୁଥିବା ଶିଖମାନେ ଏହା ଜାଣିବା ମାତ୍ରେ ଅଭିଯୁକ୍ତଙ୍କ ଫ୍ଲାଟ୍ ବାହାରେ ଏକାଠି ହୋଇ ହଙ୍ଗାମା କରିଥିଲେ । କିଛି ସମୟ ମଧ୍ୟରେ ୨୦୦ ରୁ ଅଧିକ ଶିଖ୍ ସେଠାରେ ପହଞ୍ଚି ନାବାଳିକାଙ୍କୁ ମୁକ୍ତ କରିଥିଲେ । ପଶ୍ଚିମ ଲଣ୍ଡନରେ ଯୁବତୀଙ୍କ ଅପହରଣ ଏବଂ ଯୌନ ଶୋଷଣର ଏପରି ଘଟଣା ସାଧାରଣ ହୋଇଗଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଇଂଲଣ୍ଡରେ ସମ୍ପ୍ରତି ଏପରି ମାମଲା ବୃଦ୍ଧି ପାଇଛି । ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ମଧ୍ୟ ଏହା ଉପରେ ଚିନ୍ତା ପ୍ରକାଶ କରିଥିଲେ । ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଥିଲେ ।

## ଭାରତର ଚାବାହାର ପ୍ରକଳ୍ପ ପ୍ରତି ବିପଦ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନରେ ଇରାନ ଅସ୍ଥିର ହୋଇଯାଇଛି । ଜେନ୍-ଜେଡ ଗୋଷ୍ଠୀ ଇସଲାମିକ ଶାସନର ଅନ୍ତ ଦାବିରେ ଉଗ୍ର ହୋଇ ଉଠିଛନ୍ତି । ଆଉ ଆମେରିକା ହସ୍ତକ୍ଷେପ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି । ବାଣିଜ୍ୟିକ କଟକଣା ଲଗାଇ ୱାସିଂଟନ ଇରାନର ଆର୍ଥିକ ସ୍ଥିତିକୁ ରସାତଳଗାମୀ କରିଦେଇଛି । ଏପରି ସମୟରେ ଇରାନରେ ଭାରତ ଚଳାଇଥିବା ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ବିପଦ ସୃଷ୍ଟି ହୋଇଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଚାବାହାର ବନ୍ଦରର ବିକାଶରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଆନ୍ଦୋଳନକାରୀଙ୍କ ଆକ୍ରମଣ ଭୟ ସହିତ ସୁରକ୍ଷାଜନିତ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି । ଇରାନ ସହ କାରବାର କଲେ ଅତିରିକ୍ତ ଶୁଳ୍କ ଲଗାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଧମକ ଦେଇଛନ୍ତି । ତେଣୁ ଭାରତ ଚାବାହାରରେ କରିଥିବା ୫୦୦ ନିୟୁତ ଡଲାରର ନିବେଶକୁ ନେଇ ଅନିଶ୍ଚିତତା ଲାଗି ରହିଛି । ଗତ ବର୍ଷ ଏହି ବନ୍ଦର ବିକାଶ ପାଇଁ ଚୁକ୍ତି ଅବଧିକୁ ବୃଦ୍ଧି କରିଥିଲା । ଭାରତ ଏଠାରେ ରେଳ ଲାଇନ ସହିତ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କରୁଛି । ଆମେରିକା କଟକଣାରୁ ବର୍ତ୍ତିବା ଲାଗି ଭାରତ ୱାସିଂଟନ ସହ ଆଲୋଚନା ଆରମ୍ଭ କରିଛି । ଆଫଗାନିସ୍ତାନକୁ ମାନବିକ ସହାୟତା ପଠାଇବାରେ ଚାବାହାର ଏକମାତ୍ର ପଥ ବୋଲି ଭାରତ ଆମେରିକାକୁ କହିଛି । ଏହି ଆଧାରରେ ଆଶ୍ୱସ୍ତି ଚାହୁଁଛି । ଚାବାହାରକୁ ଭାରତର ପ୍ରମୁଖ ଜଳପଥ ଭାବେ ଦେଖାଯାଉଛି । କାରଣ ଏହା ମାଧ୍ୟମରେ ପାକିସ୍ତାନକୁ ବାଇପାସ କରି ଭାରତ ସିଧା ମଧ୍ୟ ଏସିଆ ସହ ଯୋଗାଯୋଗ କରିପାରିବ । ସ୍ଥଳ ପଥରେ ଯୋଗାଯୋଗ ନ ଥିବା ଦେଶ ସହ ଜଳପଥରେ ଯୋଡ଼ି ହୋଇଯିବ । ଏହା ଦ୍ୱାରା କାଜାକସ୍ତାନ, ତୁର୍କମେନସ୍ତାନ, ଆଫଗାନିସ୍ତାନ ଏବଂ ଉଜବେକିସ୍ତାନ ସିଧା ସାମଗ୍ରୀ ପଠାଇ ପାରିବ । ଏବେ ଏହି ଦେଶକୁ ଯିବା ପାଇଁ ପାକିସ୍ତାନ ଉପରେ ଭାରତ ନିର୍ଭରଶୀଳ । ୭,୨୦୦ କିମିର ଇଣ୍ଟରନ୍ୟାସନାଲ ନର୍ଥ-ସାଉଥ ଟ୍ରାନ୍ସପୋର୍ଟ କରିଡର (ଆଇଏନଏସଟିସି)ର ଏହା ପ୍ରମୁଖ ପ୍ରକଳ୍ପ ପାଲଟିଛି । ଏହି ପ୍ରକଳ୍ପରେ ଭାରତକୁ କାସ୍ପିଆନ ସାଗର, ରୁଷିଆ ଏବଂ ୟୁରୋପକୁ ଜାହାଜ-ରେଳ-ରାସ୍ତା ସହ ଯୋଡ଼ି ପରିବହନ ସମୟ ୪୦% ଏବଂ ୩୦% ଅର୍ଥ ସଞ୍ଚୟ ପାଇଁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନର ସ୍ଥିତି ୬୨୮ କିମିର ଚାବାହାର-ଜାହେଦନ ରେଳ ଲାଇନ ପାଇଁ ବିପଦ ସୃଷ୍ଟି କରିଛି । ଇଣ୍ଟରନେଟ ବ୍ଲାକଆଉଟ, ଯୋଗାଣ ଶୃଙ୍ଖଳ ବନ୍ଦ ହୋଇଥିବାରୁ ବିକାଶ କାର୍ଯ୍ୟ ଏବଂ କାର୍ଗୋ ପରିଚାଳନା ମନ୍ଥର ହୋଇଯାଇଛି ।

## ୧୬ ଉପଗ୍ରହର ପତ୍ତା ମିଳୁନାହିଁ, କେବଳ କାମ କରୁଛି ସ୍ପେନିସ ଉପଗ୍ରହ

ଶ୍ରୀହରିକୋଟା, ୧୩।୧ (ଏଜେନ୍ସି): ଇସ୍ରୋର ପିଏସଏଲଭି-ସି୬୨ ଅଭିଯାନ ସୋମବାର ବିଫଳ ହୋଇଯାଇଥିଲା । ଉଡ଼ାଣ ଆରମ୍ଭ କରିବାର ୮ ମିନିଟ ମଧ୍ୟରେ ପିଏସଏଲଭି ରକେଟ ନିର୍ଦ୍ଧାରିତ କକ୍ଷପଥରୁ ବିଚ୍ୟୁତ ହେବା ସହିତ ଏହାସହିତ ଯାଇଥିବା ୧୬ଟି ଉପଗ୍ରହର ଆଉ କୌଣସି ପତ୍ତା ମିଳୁନାହିଁ । କିନ୍ତୁ ଏପରି ସମୟରେ ଭଲ ଖବର ଆସିଛି । ଏହି ରକେଟରେ ସ୍ପାନିସ୍ କମ୍ପାନୀ ଏକ ଉପଗ୍ରହ ପଠାଇ ଥିଲା । ଏହା ମଙ୍ଗଳବାର ସଙ୍କେତ ଦେଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ସ୍ପାନିସ୍ ଷ୍ଟାର୍ଟଅପ୍ ଅର୍ବିଟାଲ୍ ପାରାଡାଇମ୍ କହିଛି ଯେ ଏହାର କେଷ୍ଟ୍ରେଲ୍ ଇନିସିଆଲ୍ ଡେମୋନଷ୍ଟ୍ରେଟର୍ ତଥା କେଆଇଡି ଉପଗ୍ରହ ଯାନ୍ତ୍ରିକ ତ୍ରୁଟି ପୂର୍ବରୁ ରକେଟ୍ ଠାରୁ ଅଲଗା ହୋଇସାରିଥିଲା । ଏଥିଯୋଗୁଁ ଏହାର କୌଣସି କ୍ଷତି ହୋଇନାହିଁ । ବର୍ତ୍ତମାନ ଏହି ଉପଗ୍ରାହର ପଥ ଅନୁଧାନ କରାଯାଉଛି । ପରେ ପୂର୍ଣ୍ଣ ଯାନ୍ତ୍ରିକ ତଥ୍ୟ ଏବଂ ଏହାର ଗତିପଥ ବିଶ୍ଳେଷଣ ପରେ ଏକ ବିସ୍ତୃତ ରିପୋର୍ଟରେ ପ୍ରକାଶ କରାଯିବ ।

## ଗ୍ରୀନ୍‌ଲାଣ୍ଡ କବ୍‌ଜା ପାଇଁ ଆମେରିକା ଆଣିଲା ବିଲ୍

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଗ୍ରୀନଲାଣ୍ଡ ହାସଲ କରିବା ଜିଦ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଟଳ ରହିଛନ୍ତି । ଆମେରିକାର କିଛି ସାଂସଦ ବି ଏପରି ହେଉ ବୋଲି ଚାହୁଁଛନ୍ତି । ୟୁରୋପୀୟ ରାଷ୍ଟ୍ରଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଜିଦିଆ ଟ୍ରମ୍ପ ଶୁଣିବାକୁ ନାରାଜ । ଏବେ ଆମେରିକା ସଂସଦରେ ଗ୍ରୀନଲାଣ୍ଡ କବ୍‌ଜା ପାଇଁ ଏକ ବିଲ୍ ଆଗତ ହୋଇଛି । ଆମେରିକା ସାଂସଦ ର୍‍ୟାଣ୍ଡି ଫାଇନ ଏହି ବିଲ୍ 'ଦ ଗ୍ରୀନଲାଣ୍ଡ ଆନେକ୍ସେସନ ଆଣ୍ଡ ଷ୍ଟେଟହୁଡ ଆକ୍ଟ' ଉପସ୍ଥାପନ କରିଛନ୍ତି । ଏହା ଗ୍ରୀନଲାଣ୍ଡକୁ ଆମେରିକାର ୫୧ ତମ ରାଜ୍ୟ କରିବାକୁ ଅଧିକାର ଦେଉଛି । ସାମାଜିକ ଗଣମାଧ୍ୟମରେ ଫାଇନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରୁଷ ଏବଂ ଚୀନର ପ୍ରଭାବକୁ ରୋକିବା ପାଇଁ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରେ ରାଜ୍ୟ ମାନ୍ୟତା ପାଇଁ ଆବଶ୍ୟକ ସଂସ୍କାର ଆଣିବାକୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ସଂସଦରେ ଉପସ୍ଥାପନ କରାଯିବ । ଏବେ ବିଲ୍ ବିଚାରାଧୀନ ରହିଛି । ଏହାକୁ ଗୃହ ଏବଂ ସିନେଟ୍ ଉଭୟରେ ପାରିତ କରିବାକୁ ହେବ ।

- ୫୧ ରାଜ୍ୟର ଅଧିକାର ମିଳିବ
- ପସନ୍ଦ କର କି ନ କର ଫରକ ପଡ଼ିବନି: ଟ୍ରମ୍ପ

ବିଶେଷଜ୍ଞ ଅନୁଯାୟୀ, ଏହାକୁ ପାରିତ ଅତ୍ୟନ୍ତ କାଠିକର ହେବ । କାରଣ ଏହା ଅନ୍ତର୍ଜାତୀୟ ଆଇନ ବିରୋଧୀ । ଡେନମାର୍କ ଗତ ୩୦୦ ର୍ଷ ଧରି ଗ୍ରୀନଲାଣ୍ଡକୁ ନିୟନ୍ତ୍ରଣ କରିଆସିଛି । ଅନ୍ୟପଟେ ରାଷ୍ଟ୍ରପତି ଟ୍ରମ୍ପ ଏହି ବିଲ୍‌କୁ ସମର୍ଥନ କରିଛନ୍ତି । ଗ୍ରୀନଲାଣ୍ଡ ଆମେରିକାର ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି ସେ କହିଛନ୍ତି । ଅନ୍ୟ ଦେଶମାନେ ଏହାକୁ ପସନ୍ଦ କରନ୍ତୁ କି ନାହିଁ ସେ ଏହି ଦିଗରେ ପଦକ୍ଷେପ ନେଉଥିବା ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ଗ୍ରୀନଲାଣ୍ଡର ଲୋକଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଟ୍ରମ୍ପ ପ୍ରଶାସନ ମଧ୍ୟ ବିଚାର କରୁଛି । ଡେନମାର୍କ ଏବଂ ଗ୍ରୀନଲାଣ୍ଡର ଅଧିକାରୀମାନେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି । ଏହାକୁ ଅପମାନଜନକ ବୋଲି କହିଛନ୍ତି । ଯଦି ଆମେରିକା ସାଂସଦ ଆଣିଥିବା ବିଲ୍ ଗୃହୀତ ହୁଏ ତେବେ ଆମେରିକାର ରାଷ୍ଟ୍ରପତିଙ୍କୁ ଡେନମାର୍କ ସହିତ ଆଲୋଚନା ଏବଂ ଅନ୍ୟାନ୍ୟ ଉପାୟରେ ଗ୍ରୀନଲାଣ୍ଡକୁ ଆମେରିକୀୟ ଅଞ୍ଚଳରେ ମିଶାଇବା ପାଇଁ ସମସ୍ତ କ୍ଷମତା ମିଳିବ ।

## ଦୁର୍ନୀତି ବିରୋଧୀ ଆଇନକୁ ନେଇ ବିଚାରପତିଙ୍କ ଭିନ୍ନ ମତ



ଧାରା ୧୭ ଏକୁ ଅସାମ୍ବିଧାନିକ କହିଲେ ଜଷ୍ଟିସ ନାଗରତ୍ନା
ସମର୍ଥନରେ ବାହାରିଲେ ଜଷ୍ଟିସ ବିଶ୍ୱନାଥନ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):ଦୁର୍ନୀତି ମାମଲାରେ ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ଅନୁମତି ନେବାର ବାଧ୍ୟତାମୂଳକ ନିୟମ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହାକୁ ନେଇ ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ବିଶ୍ୱନାଥନଙ୍କ ଖଣ୍ଡପୀଠ ପରସ୍ପର ଭିନ୍ନ ମତ ଦେଇଛନ୍ତି । ଜଣେ ବିଚାରପତି ଏହି ଆଇନକୁ ସମର୍ଥନ କରିଥିବା ବେଳେ ଅନ୍ୟ ଜଣେ ଅସାମ୍ବିଧାନିକ କହି ବିରୋଧ କରିଛନ୍ତି । ତେଣୁ ମାମଲାକୁ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପଠାଇ ଦିଆଯାଇଛି । ବଡ଼ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହେବ । ଏହି ମାମଲା ଦୁର୍ନୀତି ନିରୋଧୀ ଆଇନ (ପିସି ଆକ୍ଟ)ର ଧାରା ୧୭ଏର ସାମ୍ବିଧାନିକ ବୈଧତା ସହ ଜଡ଼ିତ । ଏଥିରେ କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ଯାଞ୍ଚ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ । ଏହାକୁ ନେଇ ବିବାଦ ହୋଇଛି ।

ଜଷ୍ଟିସ ବି.ଭି. ନାଗରତ୍ନା ଧାରା ୧୭ ଏକୁ ଅସାମ୍ବିଧାନିକ କ୍ଷଣା କରି ଏହାକୁ ବାତିଲ୍ କରିବାକୁ କହିଛନ୍ତି । ଏହି ଧାରା ଆଇନର ଉଦ୍ଦେଶ୍ୟ ବିରୋଧୀ । ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ ବୋଲି ସେ ମତ ଦେଇଛନ୍ତି । ପୂର୍ବ ଅନୁମତିର ଆବଶ୍ୟକତା ଆଇନରେ ରହିଥିବା ଉଦ୍ଦେଶ୍ୟର ବିରୋଧୀ । ଏହା ତଦନ୍ତକୁ ବନ୍ଦ କରିଦିଏ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ରକ୍ଷା କରେ । ଦେଶରେ ଦୁର୍ନୀତି ବ୍ୟାପକ ଥିବାରୁ କଡ଼ା ଆଇନ ଆବଶ୍ୟକ ବୋଲି ଜଷ୍ଟିସ ନାଗରତ୍ନା କହିଛନ୍ତି । ସେହିପରି ଜଷ୍ଟିସ ବିଶ୍ୱନାଥନ ଧାରା ୧୭ ଏକୁ ସାମ୍ବିଧାନିକ ଦର୍ଶାଇଛନ୍ତି । ତେବେ ଲୋକପାଳ କିମ୍ବା ରାଜ୍ୟର ଲୋକାୟୁକ୍ତଙ୍କ ଏଥିପାଇଁ ଅନୁମତି ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ସରକାରୀ ଅଧିକାରୀଙ୍କୁ ଆକ୍ରୋଶମୂଳକ ମାମଲାରୁ ରକ୍ଷା କରିବା ପାଇଁ ଏହି ଧାରା ଏକ ନ୍ୟାୟୋଚିତ ପଦକ୍ଷେପ ଭାବେ କାମ କରେ । ଏହାକୁ ବାତିଲ କରିବା ଅନ୍ୟାୟକୁ ପ୍ରୋତ୍ସାହନ ସଦୃଶ ହେବ । 'ସତ୍ୟବାଦୀ ଓ ସମ୍ମାନିତ ବ୍ୟକ୍ତି ପାଇଁ ମୃତ୍ୟୁ ବି ଅପମାନଠାରୁ ଭଲ । ସୋସିଆଲ ମିଡିଆ ଯୁଗରେ କୋର୍ଟରେ ପରେଡ଼ କରି ଅପରାଧମୁକ୍ତ ପ୍ରମାଣିତ ହେଲେ ବି ଏହା ଦଣ୍ଡିତ ହେବା ଭଳି ସ୍ଥିତି ସୃଷ୍ଟି କରିବ । ଏହା ଧାରାକୁ ହଟାଇଲେ ନୀତିରେ ଅଚଳାବସ୍ଥା ଆସିବ । ଏହାକୁ ଉଚ୍ଛେଦ କରିବା ଦ୍ୱାରା ଗାଧୁଆ ପାଣିରେ ଶିଶୁକୁ ଫିଙ୍ଗିବା ଭଳି ହେବ । ଏହି ଆଇନ ଦ୍ୱାରା ସଚ୍ଚୋଟ ଅଧିକାରୀ ଦେଶ ସେବା ପାଇଁ ଆଗକୁ ଆସିବେ ।

ଏନ୍‌ଜିଓ ସେଣ୍ଟର୍ ଫର୍ ପବ୍ଲିକ୍ ଇଣ୍ଟ୍ରେଷ୍ଟ ଲିଟିଗେସନ୍ (ସିପିଆଇଏ) ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା । ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଆବେଦନକାରୀଙ୍କ ପକ୍ଷରୁ ବିତର୍କ କରିଥିଲେ । ୨୦୧୮ ରେ ସଂଶୋଧନ କରି ଧାରା ୧୭ଏ ଯୋଡ଼ା ଯାଇଥିଲା । ଏହା ଦୁର୍ନୀତି ବିରୋଧୀ ଅଭିଯାନକୁ ବାଧା ଦେଉଛି ଅଭିଯୋଗ କରାଯାଇଥିଲା ।

## ଲକ୍ଷେ ବିଦେଶୀଙ୍କ ଭିସା ରଦ୍ଦ କଲା ଆମେରିକା

ୱାସିଂଟନ, ୧୩।୧ (ଏଜେନ୍ସି):ବର୍ଷେ ମଧ୍ୟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଲକ୍ଷେରୁ ଅଧିକ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରିଦେଇଛି । ଏମାନଙ୍କ ମଧ୍ୟରେ ୮,୦୦୦ ଛାତ୍ରଛାତ୍ରୀ ସାମିଲ ଅଛନ୍ତି । ଗତ ବର୍ଷ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଆମେରିକା ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି ଯେ ସୀମା ଏବଂ ସାଧାରଣ ସୁରକ୍ଷାକୁ ସୁଦୃଢ଼ ଏଭଳି ପଦକ୍ଷେପ ନିଆଯାଇଛି । ଯେଉଁ ବିଦେଶୀ ନାଗରିକଙ୍କ ଭିସା ରଦ୍ଦ କରାଯାଇଛି ସେମାନଙ୍କ ବିରୋଧରେ ଆକ୍ରମଣ, ଚୋରି ଓ ମଦ୍ୟପାନ କରି ଗାଡ଼ି ଚାଳନା ସମେତ ବିଭିନ୍ନ ଅପରାଧୀକ ମାମଲା ରହିଛି । ଏକ ନୂତନ ଯାଞ୍ଚ୍ ଏବଂ ତଦାରଖ ବ୍ୟବସ୍ଥା ଯୋଗୁ ଭିସା ରଦ୍ଦ ବୃଦ୍ଧି ପାଇଛି । କଣ୍ଟିନିଉସ୍ ଭେଟିଂ ସେଣ୍ଟର ମାଧ୍ୟମରେ ଆମେରିକୀୟ ନାଗରିକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଭିସା ତୁରନ୍ତ ପ୍ରତ୍ୟାହାର କରାଯାଉଛି । ପୂର୍ବରୁ କେବଳ ଭିସା ଆବେଦନ କିମ୍ବା ଆମେରିକାରେ ପ୍ରବେଶ ସମୟରେ ସ୍କ୍ରିନିଂ କରାଯାଉଥିଲା । ନୂଆ ବ୍ୟବସ୍ଥାରେ ସବୁବେଳେ ବିଦେଶୀଙ୍କ ଉପରେ ନଜର ରଖାଯାଉଛି । ଅପରାଧ ମାମଲା ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଆମେରିକା ବୈଦେଶିକ ବିଭାଗର ମୁଖପାତ୍ର ଟମି ପିଗଟ୍ କହିଛନ୍ତି, ଆମେରିକୀୟଙ୍କୁ ସୁରକ୍ଷା ଦେବା ଓ ଆମେରିକୀୟ ସାର୍ବଭୌମତ୍ୱକୁ ସଂରକ୍ଷଣ ପାଇଁ ଏହା ଜରୁରୀ ।

## ବାପାମାଙ୍କ ସେବା ନ କଲେ ସରକାରୀ ଚାକିରିଆଙ୍କ ଦରମା କଟିବ



ହାଇଦରାବାଦ, ୧୩।୧ (ଏଜେନ୍ସି): ଏଣିକି ବୃଦ୍ଧ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀମାନଙ୍କ ଦରମା କାଟି ଦିଆଯିବ । ଏହି ଦରମାକୁ ସିଧାସଳଖ ତାଙ୍କ ବାପାମାଆଙ୍କ ଆକାଉଣ୍ଟକୁ ପଠାଯିବ । ତେଲଙ୍ଗାନା ସରକାରୀ ଆଗାମୀ ବଜେଟ ଅଧିବେଶନରେ ଏଭଳି ଏକ ଆଇନ ଆଣିବାକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏହି ଘୋଷଣା କରିଛନ୍ତି । ରାଜ୍ୟର ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେବାକୁ ଯାଉଛନ୍ତି । ଏହି ଆଇନରେ ବାପାମାଆଙ୍କ ସେବା ନ କଲେ ସରକାରୀ କର୍ମଚାରୀଙ୍କ ଦରମାର ୧୦ ପ୍ରତିଶତ କଟାଯିବ । ଏହି ଟଙ୍କା ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପିଲାମାନଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବା ଉଚିତ । କିଛି କର୍ମଚାରୀ ସେମାନଙ୍କ ଶାଶୁଶ୍ୱଶୁରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି । ସେମାନଙ୍କୁ ବଡ଼ କରି ଶିକ୍ଷା ଦେଇଥିବା ବାପାମାଆଙ୍କୁ ଭୁଲି ଯାଉଛନ୍ତି । ନୂଆ ଆଇନରେ ବାପାମାଆଙ୍କ ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବ । ପ୍ରଜା ଭବନରୁ ରେଟ୍ରୋଫିଟେଡ୍ ମୋଟରସାଇକେଲ୍, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍, ଶ୍ରବଣ ଯନ୍ତ୍ର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣର ମାଗଣା ବଣ୍ଟନ ଶୁଭାରମ୍ଭ କରି ସେ ଏହି ଟିପ୍ପଣୀ ଦେଇଥିଲେ । ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଡେ-କେୟାର ସେଣ୍ଟର ସ୍ଥାପନ କରୁଛନ୍ତି ବୋଲି କହିଥିଲେ ।

## ନବୀନ ନିବାସରେ ୯ ବିଜେଡି ବିଧାୟକ

# ଲୋକଙ୍କ ସମସ୍ୟାର ସମାଧାନ ଲାଗି ନବୀନଙ୍କ ପରାମର୍ଶ



ଭୁବନେଶ୍ୱର,୧୩।୧(ସମିସ): ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ବିଜେଡିର ୯ ଜଣ ବିଧାୟକ। ଏହି ଅବସରରେ ବିଧାୟକମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ଶ୍ରୀ ପଟ୍ଟନାୟକ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଧାୟିକା ମନୋରମା ମହାନ୍ତି , ନିରଞ୍ଜନ ପୂଜାରୀ, ଅଶ୍ୱିନୀ ପାତ୍ର, ବ୍ରଜକିଶୋର ପ୍ରଧାନ, ବ୍ୟୋମକେଶ ରାୟ, ସଂଜୀବ ମଲ୍ଲିକ, ଚକ୍ରମଣି କହଁର, ଗୌତମ ବୁଦ୍ଧ ଦାସ ଓ ମାଧବ ଧଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସୋମବାର ମଧ୍ୟ ବିଭିନ୍ନ ନିର୍ବାଚନମଣ୍ଡଳୀର ୧୦ ବିଜେଡି ବିଧାୟକ ନବୀନଙ୍କୁ ସାକ୍ଷାତ କରିଥିଲେ।

## ମିଳୁନି ଦରମା

# ପଡ଼ିଛି ଫାଇଲ୍; ଅଧିକାରୀ ଅସହାୟ

ଭୁବନେଶ୍ୱର, ୧୩।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଗତ ଡିସେମ୍ବର ମାସର ଦରମା ମିଳିନି। ମାସର ଶେଷ କାର୍ଯ୍ୟ ଦିବସରେ ଦରମା ଦେବାର ପ୍ରାବଧାନ ରହିଥିବା ବେଳେ ଜାନୁଆରୀ ମାସକୁ ୧୨ଦିନ ବିତିଥିଲେ ମଧ୍ୟ ସରକାର ଦରମା ଦେଇନାହାନ୍ତି। ଚଳିତ ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରାଯାଇପାରିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀ କହିବା ପରେ ଅଧ୍ୟାପକ/ଅଧ୍ୟାପିକାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଉଚ୍ଚଶିକ୍ଷା ବିଭାଗର ବିତ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୪୮୮ ଓ ୬୬୨ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାରେ ବିଳମ୍ବ ହେଉଛି। ଏପରିକି, ଆହୁରି ପାଞ୍ଚରୁ ସାତ ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ। ୪୮୮ ବର୍ଗର ଦରମା ଫାଇଲ୍ ଗତ ଗୁରୁବାରଠାରୁ ଅର୍ଥାତ୍ ପ୍ରାୟ ୫ଦିନ ହେବ ସରକାରଙ୍କ ପାଖରେ ପଡ଼ି ରହିଛି। ଫଳରେ ଦରମା ପ୍ରଦାନ କରାଯାଇପାରୁନାହିଁ। ଅନୁରୂପ ଭାବେ ୬୬୨ ବର୍ଗ ମହାବିଦ୍ୟାଳୟଗୁଡ଼ିକର ଆବଶ୍ୟକ ତଥ୍ୟ ଆକାଉଣ୍ଟ-୨ ସେକ୍ସନ୍ ପାଖରେ ଏଯାଏ ପହଞ୍ଚି ନାହିଁ। ହିମସ୍ ପୋର୍ଟାଲ୍ ମାଧ୍ୟମରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ସୁଦ୍ଧା ସମସ୍ତ ତଥ୍ୟ ପହଞ୍ଚିବ ବୋଲି ଆଶା ରହିଛି। ଏହାପରେ ଯାଇ ସରକାରଙ୍କଠାରୁ ପାଣ୍ଠି ମଞ୍ଜୁର ପାଇଁ ଫାଇଲ୍ ପ୍ରକ୍ରିୟା ଆରମ୍ଭ କରାଯିବ। ଅର୍ଥାତ୍ ଆସନ୍ତା ସପ୍ତାହରେ ମଧ୍ୟ ଦରମା ପ୍ରଦାନ କରିବା ଏକ ପ୍ରକାର ଅସମ୍ଭବ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଅପରପକ୍ଷେ, ସରକାର ପାଣ୍ଠି ମଞ୍ଜୁର କରୁନଥିବାରୁ ସେ ନିଜକୁ ଅସହାୟ ବୋଲି କହିଛନ୍ତି। ସେମାନଙ୍କ ଦରମା ପାଇଁ କ୍ୟାମ୍ପସ୍-୧ ଏବଂ କ୍ୟାମ୍ପସ୍-୨ ମଧ୍ୟରେ ଦୌଡ଼ୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସରକାର ପାଣ୍ଠି ମଞ୍ଜୁର କରିବା ପରେ ସେହିଦିନ ହିଁ ଦରମା ପ୍ରଦାନ କରିବାକୁ ପ୍ରୟାସ କରିବେ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ କର୍ମଚାରୀଙ୍କୁ ଦରମା ଦେବାରେ ସରକାର କାହିଁକି ବିଳମ୍ବ କରୁଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବହୁ କର୍ମଚାରୀ ଦରମା ଟଙ୍କାକୁ ଅପେକ୍ଷା କରି ରହିଥିବା ବେଳେ ସରକାର କୌଣସି କାରଣ ବିନା ଉପେକ୍ଷା କରୁଥିବା ଅଧ୍ୟାପକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଦରମା ଫାଇଲ୍‌କୁ ମଞ୍ଜୁରୀ ମିଳୁନଥିବାରୁ ରାଜ୍ୟରେ ଶାସନ ବ୍ୟବସ୍ଥା କିଏ ଚଳାଉଛି ବୋଲି ପ୍ରଶ୍ନ କରିବା ସହ ରାଜ୍ୟକୁ ଭଗବାନ ଭରସା ବୋଲି ଅନେକ ସାମାଜିକ ଗଣମାଧ୍ୟମରେ ମତବ୍ୟକ୍ତ କରିଛନ୍ତି।

## ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ସ୍ଥାପନ ନିଷ୍ପତ୍ତିକୁ ଚାଲେଞ୍ଜ

# ଓଇଆର୍‌ସି ଓ ବିତରଣ କମ୍ପାନୀକୁ ଜବାବତଲବ

କଟକ,୧୩।୧(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ରୁଜୁ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ପ୍ରତିପକ୍ଷ ବିଜୁଳି ବିତରଣ କମ୍ପାନୀ ଟାଟା ପାୱାର, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)କୁ ଜବାବ ଦାଖଲ ପାଇଁ କହିଛନ୍ତି ଅଦାଲତ। ସାମାଜିକ ସଂଗଠନ ଇଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରି୧୭କୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ, ଟାଟାପାୱାର ୨୦୧୮ ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛି। ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନଥିବା ବେଳେ ଗ୍ରାହକଙ୍କ ଉପରେ ଟାଟା ପାୱାର ପକ୍ଷରୁ ଏହି ଅତିରିକ୍ତ ସୁରକ୍ଷା ଜମା ନାଁରେ ବୋଝ ଲଦି ଦିଆଯାଇଛି। ସେହିଭଳି ରାଜ୍ୟରେ ସ୍ମାର୍ଟମିଟର ସ୍ଥାପନ ନିଷ୍ପତ୍ତିକୁ ମଧ୍ୟ ବିରୋଧ କରାଯାଇଛି। ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନବିରୋଧୀ ବୋଲି ଦର୍ଶାଯାଇଛି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

■ ହାଇକୋର୍ଟରେ ବାଂଲାଦେଶୀ ଅନୁପ୍ରବେଶ ପ୍ରସଂଗ

# ସତ୍ୟପାଠ ଦାଖଲ କରିବେ ସରକାର

କଟକ, ୧୩।୧ (ସମିସ): ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଓ ସେମାନଙ୍କୁ ରାଜ୍ୟରୁ ଦେଶାନ୍ତରୀକରଣ କରିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ପୂର୍ବରୁ ରାଜ୍ୟ ସରକାରଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲେ ମଧ୍ୟ ଏଥିରେ ଦିଆଯାଇଥିବା ତଥ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି ଆବେଦନକାରୀ। ଏପରିକି, ଗତ ସରକାର ସମୟରେ ଉପସ୍ଥାପନ ହୋଇଥିବା ସରକାରୀ ତଥ୍ୟ ଓ ବର୍ତ୍ତମାନର ତଥ୍ୟ ମେଳ ଖାଉନଥିବା ନେଇ ଅଭିଯୋଗ ହୋଇଛି। ସେହିଭଳି ସତ୍ୟପାଠରେ କେବଳ ରାଜ୍ୟର ୭ଗୋଟି ଜିଲ୍ଲାରୁ ବାଂଲାଦେଶୀ ଚିହ୍ନଟ ଓ ସ୍ଥାନାନ୍ତର ହୋଇଥିବା ଉଲ୍ଲେଖ କରାଯାଇଥିଲା। ଏଣୁ ଏହାକୁ ଦୃଷ୍ଟି ରଖି ଏକ ସବିଶେଷ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବ୍ରୁଆରୀ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ରାଜ୍ୟ ସରକାରଙ୍କ ଗୁଇନ୍ଦା ନିର୍ଦ୍ଦେଶକଙ୍କ ତରଫରୁ ପୂର୍ବରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରାପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ଜଣ ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଗତ ଜୁନ୍ ମାସରୁ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି କୁହାଯାଇଥିଲା।

# ଦୁର୍ଘଟଣାରେ ଗଲା ୩ ଜୀବନ

■ ମା’ ଆଖି ଆଗରେ ପୁଅକୁ ଚାପିଦେଲା ଟ୍ରକ୍
■ ବୋଲେରୋ ଧକ୍କାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ

ସମ୍ବଲପୁର, ୧୩।୧(ସମିସ): ସମ୍ବଲପୁରରେ ଆଜି ଦୁଇଟି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କାଇଁଶୀର-ଜମାଦାରପାଲି ରାସ୍ତାର ରାଡାର୍ ଛକ ଏବଂ ରେମେଡ୍ ଛକରେ ଘଟିଥିବା ଏହି ଦୁଇ ଦୁର୍ଘଟଣାରେ ୬ ବର୍ଷର ଜଣେ ନାବାଳକ ସମେତ ସମ୍ବଲପୁର





ବରେଇପାଲି ଥାନା ଅନ୍ତର୍ଗତ ସାପଲହରାର ସୁଦର୍ଶନ ମିର୍ଦ୍ଧା ଓ ପ୍ରଦୀପ ମିର୍ଦ୍ଧାଙ୍କ ମୃତ୍ୟୁ ଘଟିଛି।

ସାପଲହରାର ସୁଦର୍ଶନ ମିର୍ଦ୍ଧା (୨୦), ପ୍ରଦୀପ ମିର୍ଦ୍ଧା (୧୮) ଓ କାର୍ତ୍ତିକ ମିର୍ଦ୍ଧା (୧୮) ଗୋଟିଏ ବାଇକ୍‌ରେ ସୋନୁଟିକ୍ରାରୁ ଆସୁଥିଲେ। ଶାସନ ଥାନା ଅନ୍ତର୍ଗତ କାଇଁଶୀର-ଜମାଦାରପାଲି ରାସ୍ତାର ଉପ୍ଲର୍ ରାଡାର୍ ଷ୍ଟେସନ ନିକଟ ବୁଲାଣିରେ ସାମ୍ନାପଟୁ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ସକାଳ ପ୍ରାୟ ୮ଟାରେ ଏହି ଅଘଟଣ ଘଟିଥିଲା। ଏଥିରେ ୩ଜଣ ଯାକ ଆହତ ହୋଇଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଦର୍ଶନ ଓ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କାର୍ତ୍ତିକଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭିମସାର୍‌କୁ ସ୍ଥାନାନ୍ତର କରାଯାଇଛି। ଶାସନ ଥାନା ପୁଲିସ ନଂ. ୧୩ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ବାଇକ୍‌କୁ ଜବତ କରି ପୁଲିସ ଅଧିକ ତଦନ୍ତ ଚଳାଇଛି। ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

ସେହିପରି ବରେଇପାଲି ଥାନା ଅନ୍ତର୍ଗତ ରେମେଡ ଛକରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ମା’ ଆଖି ଆଗରେ ପୁଅର ଜୀବନ ଚାଲିଯାଇଛି। ସୂଚନା ଅନୁଯାୟୀ, ମା’-ପୁଅ ଏକ ସ୍କୁଟିରେ ବୁର୍ଲା ପଟୁ ଅଇଁଠାପାଲିକୁ ଆସୁଥିଲେ। ରେମେଡ ଛକ ସିଗ୍‌ନାଲରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ସେମାନେ ଦୁଇ ଟ୍ରକ୍ ମଝିରେ ଠିଆ ହୋଇଥିଲେ। ଟ୍ରାଫିକ୍ ଛାଡ଼ିବା ପରେ ଟ୍ରକ୍‌ଟି ସ୍କୁଟିକୁ ଧକ୍କା ଦେଇଥିଲା। ନାବାଳକଜଣକ ଟ୍ରକ୍ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତା’ର ମୃତ୍ୟୁ ହୋଇଥିଲା। ବରେଇପାଲି ପୁଲିସ ଶବ ଉଦ୍ଧାର କରିବା ସହ ଟ୍ରକ୍‌କୁ ଜବତ କରିଛି। ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ଇନ୍‌ପୁଟ ସହାୟତା ପାଇଁ ୧୫୦ କ୍ୱିଣ୍ଟାଲ କଟକଣା

# ସରକାରଙ୍କ ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ ବିରୋଧ

ଭୁବନେଶ୍ୱର,୧୩।୧(ସମିସ): ରାଜ୍ୟରେ ୧୫୦ କ୍ୱିଣ୍ଟାଲ ପରେ ଇନ୍‌ପୁଟ୍ ସହାୟତା ବନ୍ଦ ନେଇ ଯୋଗାଣମନ୍ତ୍ରୀଙ୍କ ଘୋଷଣାକୁ ଚାରି ଆଡୁ ବିରୋଧ କରାଯାଉଛି। ଭୋଟ୍ ପୂର୍ବରୁ ଗୋଟିଏ କଥା ଓ ଭୋଟ ପରେ ଗୋଟିଏ କଥା କୁହାଯାଉଥିବାରୁ ସରକାରଙ୍କୁ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି।

ଏହି ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ, ଚାଷୀ ଦୁର୍ଦ୍ଦଶାରେ ଅଛି। ଏ ପର୍ଯ୍ୟନ୍ତ ଚାଷୀଙ୍କ ଧାନ କିଣିବା ତ ଦୂରର କଥା, ଚାଷୀଙ୍କୁ ଟୋକନ ବି ମିଳିନାହିଁ। ଅପାରଗତା ଲୁଚେଇ, ଚାଷୀଙ୍କୁ ଅଧିକାରରୁ ବଞ୍ଚିତ କରିବାକୁ ସରକାର ନୂଆ ନିୟମ ଆଣିଛି। ୧୫୦ କ୍ୱିଣ୍ଟାଲ ଧାନ ପରେ ଚାଷୀଙ୍କୁ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ମିଳିବ ନାହିଁ। ଏହାକୁ ସେ ନାପସନ୍ଦ କରିବା ସହ ସରକାର ସବୁ ଚାଷୀଙ୍କୁ ସମାନ ବ୍ୟବହାର କରି ଯଥାଶୀଘ୍ର ସମସ୍ତଙ୍କ ପାଇଁ ଉଚିତ୍ ମୂଲ୍ୟ ସୁନିଶ୍ଚିତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

### ଆପତ୍ତି ଉଠାଇଲେ ଭକ୍ତ, ସମାଲୋଚନା କଲେ ମାନସ

ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏହି ପ୍ରସଙ୍ଗରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀ ମଙ୍ଗରାଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଚାଲିଛି। ତେଣୁ ଚାଷୀମାନେ ଦହଗଞ୍ଜ ହେଉଛନ୍ତି। ଏବେ ସରକାର ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଘୋଷଣା କରାଯାଇଛି। ଗୋଟିଏ ଚାଷୀଙ୍କ ଠାରୁ ମାତ୍ର ୧୫୦ କ୍ୱିଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ ଓ ବାକି ଧାନକୁ ୨୩୬୯ ଟଙ୍କାରେ କିଣାଯିବ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଅନ୍ୟପଟେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟର ୯୮ ପ୍ରତିଶତ ଚାଷୀ ୧୫୦ କ୍ୱିଣ୍ଟାଲରୁ କମ ଧାନ ବିକ୍ରି କରୁଛନ୍ତି। ମାତ୍ର ୧.୫ ପ୍ରତିଶତ ଚାଷୀ ୧୫୦ କ୍ୱିଣ୍ଟାଲ୍ ଧାନ ବିକୁଛନ୍ତି। ତେଣୁ ଏହି ୨ ପ୍ରତିଶତ ଚାଷୀଙ୍କ ପାଇଁ କଟକଣା ଥିବା ସେ କହିଛନ୍ତି।






## ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲା


# ୬ ପରୀକ୍ଷାର୍ଥୀଙ୍କୁ ଜେରା

ଭୁବନେଶ୍ୱର,୧୦।୧(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲାରେ ହାଜର ହେବା ପାଇଁ ନୋଟିସ ହୋଇଥିବା ୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମଙ୍ଗଳବାର ସିବିଆଇ ନିକଟରେ ହାଜର ହୋଇଛନ୍ତି ୬ପରୀକ୍ଷାର୍ଥୀ। ଏମାନଙ୍କୁ ସିବିଆଇ ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଜେରା କରିଛି। ମାର୍ଚ୍ଚ ଏବଂ ଅକ୍ଟୋବର ମାସରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର କିଏ ପ୍ରଶ୍ନପତ୍ର ଯୋଗାଉଥିଲା? ଚାକିରି ଡିଲ୍‌ରେ କିଏ ସାମିଲ ଥିଲା? ଓପିଆର୍‌ବିରେ କାହାର ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ପ୍ରଶ୍ନ କରାଯାଇଛି। ଜେରା ବେଳେ ଏମାନ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ମିଳିଥିବା ଜଣାପଡ଼ିଛି। ଓପିଆର୍‌ବିର କିଛି କର୍ମଚାରୀ, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲିଙ୍କ୍ ରହିଥିବା ନେଇ ସିବିଆଇ ଜାଣିବାକୁ ପାଇଛି। ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳି ଯାଉଥିଲା ସେନେଇ ଖୋଳତାଡ ଜାରି ରହିଛି।

## ଋଣ ଚାପ

# ମାସକର ଛୁଆକୁ ବିକ୍ରି

ଭଦ୍ରକ/ଭଣ୍ଡାରିପୋଖରୀ, ୧୩।୧(ସମିସ): ଋଣ ଶୁଝିବାକୁ ମାସକର ଶିଶୁକନ୍ୟାକୁ ବିକିଦେଲେ ବାପା-ମା’। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର ଗାଁରୁ ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି। ଶିଶୁର ଜେଜେ ମା’ ସାବିତ୍ରୀ ଦାସ ମଙ୍ଗଳବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। ଏନେଇ ପୁଲିସ ନଂ-୧୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ସୋମବାର ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ଚିକିତ୍ସା ପାଇଁ ନେଉଥିବା କହି ଘରୁ ବାହାରିଥିଲେ। ସେମାନେ ରାତି ୮ଟା ବେଳକୁ ପୁଅ-ବୋହୂ ଘରକୁ ଫେରିଥିଲେ। ହେଲେ ସେମାନଙ୍କ ସହ ଶିଶୁକନ୍ୟା ନଥିଲା। ଏ ସଂପର୍କରେ ସାବିତ୍ରୀ ସେମାନଙ୍କୁ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ସାବିତ୍ରୀଙ୍କ ଘରେ ବୋହୂ ରୀନାଙ୍କ ମାଆ(ସମୁଦୁଣୀ) ରହୁଛନ୍ତି। ସାବିତ୍ରୀ ତାଙ୍କ ପୁଅ-ବୋହୂ ଓ ସମୁଦୁଣି ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କିମ୍ବା ହତ୍ୟା କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## କେସିଙ୍ଗା ବାଇପାସ ରାସ୍ତା ଦାବି ଜୋର ଧରିଲା

# ରାଜପଥ ବିଭାଗ ମୁଖ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

କେସିଙ୍ଗା, ୧୩।୧(ସମିସ)

କିଛି ଦିନର ନୀରବତା ପରେ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ଓ ଜଡ଼ିତ ସଂଗଠନ ଏବଂ ଅଞ୍ଚଳର ବୁଦ୍ଧିଜିବୀ ପୁଣିଥରେ କେସିଙ୍ଗା ବାଇପାସ ରାସ୍ତା ପାଇଁ ଦାବି ଉପସ୍ଥାପନ ଜୋର୍ ଧରିଛି।ସୋମବାର ବାଇପାସ କ୍ରିୟାନୁଷ୍ଠାନର ସଦସ୍ୟ ସୁରେଶ ରାଓଙ୍କ ଆବାହନରେ ସଂଗଠନର ସଦସ୍ୟଙ୍କ ବ୍ୟତୀତ ଅନ୍ୟ ସଂଗଠନର ସଦସ୍ୟ ଓ ଅଞ୍ଚଳର ବୁଦ୍ଧିଜିବୀ ମିଶି ଜାତୀୟ ରାଜପଥ କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟାଳୟର ମୁଖ୍ୟ ନିର୍ବାହୀଯନ୍ତ୍ରୀଙ୍କୁ ବାଇପାସ ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରିଛନ୍ତି।ପ୍ରକାଶ ଥାଉକୀ କେସିଙ୍ଗାରେ ପ୍ରାୟ ୩୫୦ କୋଟି ଟଙ୍କା ବ୍ୟୟରେ ରେଳ ଓଭର ବ୍ରିଜ କାମ ଚାଲିଛି ହେଲେ ଅଧିକାରୀଙ୍କ ଭୁଲ ସର୍ଵେ ଓ ମାନମାନୀ ଯୋଗୁଁ ତାହା ସହର ଭିତରେ ଆରମ୍ଭ ହୋଇ ସହର ଭିତରେ ଶେଷ ହେଉଛି।କେସିଙ୍ଗାବାସୀ ରେଳ ଓଭର ବ୍ରିଜକୁ ବିରୋଧ କରୁନଥିଲେ ମଧ୍ୟ ରେଳ ଓଭର ବ୍ରିଜର ଅବସ୍ଥିତିକୁ କାମ ଆରମ୍ଭ ଦିନଠାରୁ ବିରୋଧ କରି ଆସୁଛନ୍ତି। କାରଣ ରେଳ ଓଭରବ୍ରିଜର ଅବସ୍ଥିତି ଯୋଗୁଁ ସହରରେ ଆଗାମୀ ଦିନରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିବାର ଆଶଙ୍କା ରହିଛି।ଏନେଇ ବାଇପାସ କ୍ରିୟାନୁଷ୍ଠାନ କମିଟି ବିଗତ ଦିନରେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ଜିଲ୍ଲାର ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଏପରିକି ଦିଲ୍ଲୀ ଯାଇ ସାଂସଦ ଓ ରାଜ୍ୟସଭା ସାଂସଦଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସମସ୍ତଙ୍କ ପାଖରୁ କେବଳ ପ୍ରତିଶ୍ରୁତି ଛଡା କିଛି ମିଳିନାହିଁ।ସାଂସଦ ନିଜେ ଦିଲ୍ଲୀରେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ସାକ୍ଷାତ କରି ବାଇ ପାସ ରାସ୍ତା ପାଇଁ ଦାବି ଉପସ୍ଥାପନ କରିବି ବୋଲି କହିଥିଲେ। ହେଲେ ଆଜକୁ ପ୍ରାୟ ୬ମାସ ହେଲାଣି ସାଂସଦଙ୍କ ଠାରୁ କିଛି ଉତ୍ତର ମିଳିନାହିଁ ବୋଲି ଅଭିଯୋଗ ହୋଇଛି।ଅନ୍ୟପଟେ କିଛି ମାସ ତଳେ ନିଜେ ରାଜ୍ୟସଭା ସାଂସଦ ସୁଜିତ ସେଠ୍ କେସିଙ୍ଗା ଆସି କେସିଙ୍ଗାରେ ବାଇପାସ ରାସ୍ତା ର କେତେ ଆବଶ୍ୟକତା ରହିଛି ତାହା ତର୍ଜମା କରି ବାଇରାସ୍ତା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଲେ ଆଜି ପର୍ଯ୍ୟନ୍ତ କୌଣସି ଉତ୍ତର ଆସି ନାହିଁ। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଆଦେଶ କିମ୍ବା କୌଣସି କାଗଜପତ୍ର ହସ୍ତଗତ ହୋଇ ନ ଥିବାରୁ ବାଇପାସ କ୍ରିୟାନୁଷ୍ଠାନ କମିଟି ପ୍ରତିଶ୍ରୁତି ଦେଇ ଭୁଲିଯାଇଥିବା ନିର୍ବାଚିତ ପ୍ରତିନିଧିଙ୍କୁ ମନେ ପକାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।କ୍ରିୟାନୁଷ୍ଠାନ କମିଟିର ଆବାହକ ସୁରେଶ ରାଓଙ୍କ କହିବା ଅନୁସାରେ ଯଦି ଆଗାମୀ କିଛି ଦିନ ମଧ୍ୟରେ ବାଇପାସ ରାସ୍ତା ବିଷୟରେ କିଛି ନିର୍ଦ୍ଦେଶ କିମ୍ବା ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାନଯାଏ ତାହା ହେଲେ ବିରାଟ ଆନ୍ଦୋଳନ ସହିତ କେସିଙ୍ଗାରୁ ଜୁନାଗଡ଼ ପର୍ଯ୍ୟନ୍ତ ହେବାକୁ ଥିବା ଫୋରଲେନ ରାସ୍ତା ପାଇଁ ହେବାକୁ ଥିବା ସର୍ଭେ କାମକୁ ବିରୋଧ କରାଯିବା ସହିତ ସର୍ବେ କାମ କରାଇନଦେବା ପାଇଁ ହୁଙ୍କାର ଭରିଥିଲେ।



## ● ଠିକାଦାରଙ୍କ ଗୋଦାମ ସହ ୩ ଗାଡ଼ି ପୋଡ଼ି

# ମିଳିଲା ନକଲି ମାଓ ପୋଷ୍ଟର, ପୁଲିସର ତଦନ୍ତ ଜାରି

ଭବାନୀପାଟଣା, ୧୩।୧(ସମିସ): ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ ଅଗ୍ରୱାଲଙ୍କ ଗୋଦାମ ଜଳି ଯାଇଥିବା ବେଳେ ମାଓବାଦୀଙ୍କ ପୋଷ୍ଟର ଦେଖିବାକୁ ମିଳିଛି। ପୋଷ୍ଟର ଗୁଡିକରେ ୩୫ଲକ୍ଷ ଟଙ୍କା ଦେବାକୁ ଦାବି ରହିଛି। ଟଙ୍କା ନଦେଲେ ପରିସ୍ଥିତି ଭୟାବହ ହେବବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ଗୋଦାମ ପରିସରର ସମ୍ମୁଖ ଭାଗରେ ଥିବା ୩ଟି ଗାଡ଼ି ଓ ସାମଗ୍ରୀ ପୋଡ଼ି ଯାଇଛି। ଏହା ମାଓବାଦୀଙ୍କ କାଣ୍ଡ ନାଁ ଅନ୍ୟକିଛି ସେନେଇ ପୋଲିସର ତଦନ୍ତ ଅବ୍ୟାହତ ରହିଛି। ମଙ୍ଗଳବାର ଭବାନୀପାଟଣାରୁ ଆସିଥିବା ସନ୍ଧାନୀ କୁକୁର ଗୋଦାମରୁ ବାହାରି ଛତାମହୁଲ ଜଙ୍ଗଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ସାଇଣ୍ଟିଫିକ ଟିମ୍ ଏବଂ କେସିଙ୍ଗା ଏସ୍‌ଡିପିଓଙ୍କ ସମେତ ପୋଲିସ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିଥିଲେ। ସୂଚନା ଯୋଗ୍ୟ ଯେ ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଦିନେସ ଅଗ୍ରୱାଲଙ୍କ ନିକଟକୁ ଆସିଥିଲା ଧମକପୂର୍ଣ୍ଣ ଚିଠି। ଉକ୍ତ ଘଟଣାରେ ନିଜ ପୁଅକୁ ହିଁ ନର୍ଲା ପୁଲିସ ତଦନ୍ତ କରି ଗିରଫ କରିବାସହ କୋର୍ଟ ଚାଲାଣ କରିଥିଲା। ଗୋଟିଏ ମାସ ପୂର୍ବରୁ ହାଇକୋର୍ଟ ପୁଅ ଆଙ୍କୁଶ ଅଗ୍ରୱାଲଙ୍କୁ ଜାମିନରେ ଛାଡିଥିଲେ। ତେଣୁ ପୁଲିସ ବିଭିନ୍ନ ଦିଗକୁନେଇ ତଦନ୍ତ ଚଳାଇଛି। କଳାହାଣ୍ଡି ଏସ୍‌ପି ପ୍ରେସ ରିଲିଜ ଦ୍ୱାରା ଜଣାଇଛନ୍ତି ଯେ ଘଟଣାସ୍ଥଳରେ ଲାଗିଥିବା ମାଓ ପୋଷ୍ଟରର ଭାଷା ଓ ଲେଖିବାର ଶୈଳୀ ମାଓବାଦୀଙ୍କ ନୁହେଁ। ତାହା ନକଲି ମାଓ ପୋଷ୍ଟର ବୋଲି ସ୍ପଷ୍ଟ କରିଦେଇଛନ୍ତି।ନର୍ଲା ଥାନା ଅଧିକାରୀ କହିଛନ୍ତି ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ରୁପ୍ରାରୋଡରେ ମାଓବାଦୀ ପୋଷ୍ଟର ମିଳିବା ଏବଂ ଠିକାଦାରଙ୍କ ଗୋଦାମ ପୋଡ଼ି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନିଷାମୁକ୍ତ ଭାରତ ଅଭିଯାନ

ଭବାନୀପାଟଣା, ୧୩।୧(ସମିସ): ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନିଷାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ରହ୍ମକୁମାରୀ ସଂସ୍ଥା ଦ୍ୱାରା ବିକେ ରାଜିବ ଅଭିଯାନର ମୁଖ୍ୟ ପ୍ରବକ୍ତା ଭାବେ ନିମନ୍ତ୍ରୀତ ହୋଇଥିଲେ ଏବଂ ନିଷାମୁକ୍ତି ଅଭିଯାନ ରଥ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ସହ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ନିଷାମୁକ୍ତ ସମାଜ ଓ ଭାରତ ଗଠନର ଆବଶ୍ୟକତା ରହିଥିବା କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ, ଫାଲଗୁନୀ ପ୍ରଧାନୀ, ପୁରୀତ ରଣା, ମିନୀକେତନ ସାହୁ, ମିକୁ ମିଶ୍ର ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଲ ସାହାଣି ପ୍ରମୁଖ ସହଯୋଗ କରିଥିଲେ। ଅନେକ ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଭାଗ ନେଇଥିଲେ।

## ଜୁନାଗଡ଼ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୁନାଗଡ଼, ୧୩।୧(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷା ଶ୍ରୀମତୀ ହିମାଦ୍ରୀ ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହିତ ସଂସ୍କାର ଓ ସୃଜନଶୀଳତା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଦୁର୍ଗା ପ୍ରସାଦ ନାଏକ, ବିଶିଷ୍ଟ ବ୍ୟବସାୟୀ ଲଳିତ ଅଗ୍ରୱାଲ, ପୁରାତନ ଛାତ୍ର ସଂସଦର ସଭାପତି ସନ୍ତୋଷ ସିଂହ ଦେଓ, ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରୁପାକ୍ଷ ନାଏକ ଓ କାଉନସିଲର ହିମାଦ୍ରୀ ସିନ୍ଦୁର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଏହି ଅବସରରେ ବାର୍ଷିକ ବିବରଣୀ ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ ଉପସ୍ଥାପନ କରିଥିଲେ ଓ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ସଞ୍ଜୀବ ପଣ୍ଡା ସହାୟତା କରିଥିଲେ ତୁମନ ଦାସ ନାଏକ। ଶେଷରେ ବିଭୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ସହିତ ଶତାଧିକ ଲୋକ ଉପସ୍ଥିତ ଥିଲେ।



## ବ୍ୟାସଦେବ ମେମୋରିଆଲ ଫୁଟବଲ

# ରାୟଗଡ଼ାକୁ ହରାଇ ଫାଇନାଲରେ ସୋନପୁର

କୋମନା, ୧୩।୧(ସମିସ): ସ୍ଥାନୀୟ କୋମନା ବ୍ଲକର ପ୍ରସିଦ୍ଧ ବ୍ୟାସଦେବମେମୋରିଆଲଫୁଟବଲଟୁର୍ଣ୍ଣାମେଣ୍ଟ ଏବେ ରୋମାଞ୍ଚକର ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସୋନପୁର ଦଳ ଦମଦାର ପ୍ରଦର୍ଶନ କରି ରାୟଗଡ଼ାକୁ ପରାସ୍ତ କରି ଫାଇନାଲରେ ନିଜର ସ୍ଥାନ ପକ୍କା କରିଛି।ଆରମ୍ଭରୁ ହିଁ ସୋନପୁର ଦଳ ରାୟଗଡ଼ା ଉପରେ ଚାପ ପ୍ରୟୋଗ କରିଥିଲା। ସୋନପୁରର ଖେଳାଳିମାନେ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବା ସହ ଆକ୍ରମଣାତକ ଆଭିମୁଖ୍ୟ ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ସୋନପୁର ଦଳ ପକ୍ଷରୁ ୪-୦ ଗୋଲ ଦିଆଯାଇଥିବା ବେଳେ ରାୟଗଡ଼ା ଦଳ ଗୋଟିଏ ହେଲେ ଗୋଲ୍ ପରିଶୋଧ କରିବାକୁ ସମର୍ଥ ହୋଇନଥିଲା। ମୈଦାନର ଚତୁର୍ଦ୍ଦିଗରେ ସୋନପୁର ଖେଳାଳିଙ୍କ ଦ୍ରୁତ ପାସିଂ ଏବଂ ସଠିକ୍ ଗୋଲ୍ ସୁଟ୍ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ଷ୍ଟାଡିୟମରେ ହଜାର ହଜାର ଫୁଟବଲ ପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାୟଗଡ଼ା ଭଳି ଏକ ଶକ୍ତିଶାଳୀ ଦଳକୁ ଏତେ ବଡ଼ ବ୍ୟବଧାନରେ ହରାଇବା ପରେ ସୋନପୁର ଦଳର ମନୋବଳ ଏବେ ଆକାଶଛୁଆଁ ହୋଇଛି। ଆୟୋଜକ କମିଟି ପକ୍ଷରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଯିବା ସହ ଶାନ୍ତିଶୃଙ୍ଖଳାର ସହ ମ୍ୟାଚ୍ ସମ୍ପନ୍ନ ହୋଇଥିବାରୁ ଦର୍ଶକଙ୍କୁ ଧନ୍ୟବାଦ ଦିଆଯାଇଛି। ଆଜିକାର ମ୍ୟାଚ୍‌ରେ ସଭାପତି ପ୍ରମୋଦ ପାଢ଼ିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କୋମନା ଫୁଟବଲ ଆସୋସିଏସନର ପୂର୍ବତନ ଖେଳାଡ଼ି ବି.ମୁରଲିଧର ଆଚାରୀ, ସମାଜସେବୀ ଗୋପମଣୀ ପାଣିଗ୍ରାହୀ, ଅବସରପ୍ରାପ୍ତ ରେଞ୍ଜର ବାସୁଦେବ ଆଡବଙ୍ଗ, ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ଡ଼.ଦୀପକ କୁମାର ଦାସ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଅବ୍ୟବସ୍ଥା ଘେରରେ ମଣ୍ଡି

# ବିଳମ୍ବ ହୋଇପାରେ ରବି ଚାଷ

ଜୟପାଟଣା, ୧୩।୧(ସମିସ)

କଳାହାଣ୍ଡି ଜିଲ୍ଲାରେ ଧାନ ମଣ୍ଡି ଆରମ୍ଭରୁ ଅବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅବସ୍ଥାରେ ସୁଧାର ଆସିନାହିଁ।ଜୟପାଟଣା ବ୍ଲକର ଅନେକ ଚାଷୀଙ୍କ ଟୋକାନ ସମସ୍ୟା ସମାଧାନ ହୋଇନଥିବା ବେଳେ ଯାହାର ଟୋକାନ ଆସିଛି ସେମାନଙ୍କ ମଧ୍ୟ ଧାନ ବିକ୍ରି ହୋଇନାହିଁ।ଦଲାଲ, ବେପାରୀଙ୍କ ଧାନ ସିଧା ସଳଖ ମିଲରେ ଯାଇ ପଡୁଛି। କିନ୍ତୁ ନିରୀହ ଚାଷୀ ମଣ୍ଡିରେ ଜଗି ଜଗି ଭାଗ୍ୟକୁ ଆଦରି ବସିଛନ୍ତି।କେତେ ଚାଷୀ ଧାନ କରଜ କରି ଚାଷ କରିଥିବା ଉପାୟ ନପାଇ ଶେଷରେ କମ ମୂଲ୍ୟରେ ବେପାରୀଙ୍କୁ ଟେକି ଦେଉଛନ୍ତି।ଏପଟେ ଗତ ଜାନୁଆରୀ ୭ରୁ ରବି ଚାଷ ପାଇଁ ଜଳ ସେଚନ ଆରମ୍ଭ ହେଲାଣି କିନ୍ତୁ ଧାନ ବିକ୍ରି କରିବା ପାଇଁ ଶୀତ କାକରରେ ମଣ୍ଡିରେ ଜଗି ରହିଛନ୍ତି ଚାଷୀ।କିପରି ରବି ଚାଷ କରିବେ ସେ ଚିନ୍ତାରେ ଚାଷୀ ରହିଥିବା ବେଳେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି।ଅନ୍ୟପଟେ ଲାଞ୍ଜିଗଡ଼ ବିଧାୟକ ମଧ୍ୟ ଯଦି ସରକାର ଧାନ ସଂଗହ ପ୍ରକ୍ରିୟା ରେ ସୁଧାର ନଆଣିବେ ତେବେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୨୪ଟି ମଣ୍ଡି ରେ ୧୦, ୦୨୧ ଚାଷୀଙ୍କ ୫ ଲକ୍ଷ ୫ ହଜାର ୮୦୯ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଯାହା ୫୦ ପ୍ରତିଶତ ହେବ।ଅଧିକାଂଶ ଚାଷୀ ବିଳମ୍ବ ଟୋକାନ ତଥା ମଣ୍ଡି ଗୁଡିକରେ ମନ୍ଥର ଭାବେ ଧାନ ଉଠାଣ ଯଗୁଁ ଚାଷୀ ନାହିଁନଥିବା ଅସୁବିଧାରେ ପଡ଼ିଛନ୍ତି।ସାର ଦୋକାନୀ, ଟ୍ରାକ୍ଟର, ହାରଭେଷ୍ଟରର ପଇସା ପାଇଁ ଚାଷୀଙ୍କ ଘରକୁ ଲୋକେ ବାରମ୍ବାର ଟଙ୍କା ପାଇଁ ଆସୁଛନ୍ତି।ନିରୀହ ଚାଷୀ ମାନଙ୍କ ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ। ଯାହାଫଳରେ ରବି ଚାଷ ବିଳମ୍ବ ହେବା ପରିସ୍ଥିତି ରେ ଗତି କରୁଛି।



# ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍ ପକ୍ଷରୁ ଜାତୀୟ ଯୁବ ଦିବସ

ଭବାନୀପାଟଣା, ୧୩।୧(ସମିସ): ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ ଏନଏସ୍‌ଏସ୍ ମହିଳା ୟୁନିଟ୍ ପକ୍ଷରୁ ଜାତୀୟ ଯୁବ ଦିବସ ଉପଲକ୍ଷେ ଆଲୋଚନା ସଭା ଓ ପ୍ରେରଣାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଳାହାଣ୍ଡିର ଖ୍ୟାତିନାମା କବି, ନାଟ୍ୟକାର ଓ ଓଜସ୍ୱୀ ବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଡ.ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବମାନଙ୍କ କର୍ତ୍ତବ୍ୟ, ଚରିତ୍ର ଗଠନ ଓ ଦେଶନିର୍ମାଣରେ ତାଙ୍କ ଭୂମିକା ବିଷୟରେ ଗଭୀର ଓ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସଭାପତିତ୍ୱ କରି ଯୁବଶକ୍ତିକୁ ସଠିକ୍ ଦିଗରେ ପଥପ୍ରଦର୍ଶନ କରିବାରେ ଏନଏସ୍‌ଏସର ଭୂମିକା ଉପରେ ଆଲୋକପାତ କରିଥିଲେ। ଏନଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ରାଧାରାଣୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ହେମନ୍ତ ମାଝୀ ମଧ୍ୟ କାର୍ଯ୍ୟକ୍ରମକୁ ଗରିମାମଣ୍ଡିତ କରିଥିଲେ। ଶେଷରେ ମିସ୍ ସିପ୍ରା ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।































# ଟୁନା ଘାଟିରେ ସିରିଜ୍ ଦୁର୍ଘଟଣା; ୨ ଗୁରୁତର

## ତ୍ରୁଟିପୂର୍ଣ୍ଣ ରାଜପଥ ନିର୍ମାଣ ପାଇଁ ଗଲାଣି ଶତାଧିକ ଜୀବନ



**କୋଇଡା, ୧୩।୧(ସମିସ):** କୋଇଡା ବ୍ଲକ କେବଲାଙ୍ଗ ଥାନା ଅନ୍ତର୍ଗତ କାଲଟା-ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ମୃତ୍ୟୁର ଘାଟି କୁହାଯାଉଥିବା ଟୁନା ଘାଟିରେ ପୁଣି ଭୟଙ୍କର ଦୁର୍ଘଟଣା ଘଟିଛି। ଆଜି ଅପରାହ୍ନରେ ଘାଟିରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ, ଅନ୍ୟ ଚାଳକ, ପୁଲିସ୍ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମନ୍ତେ କେବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର ଭୟଙ୍କର ଲାଇଭ୍ ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ତ୍ରୁଟିପୂର୍ଣ୍ଣ ରାଜପଥ ନିର୍ମାଣ ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟିବା ସହ ପ୍ରାଣହାନୀ ଘଟି ଚାଲିଛି। ଗତ ଦୁଇ ବର୍ଷ ମଧ୍ୟରେ ଏହି ରାଜପଥରେ ଦୁର୍ଘଟଣାରେ ଶତାଧିକ ଜୀବନ ଯାଇସାରିଲାଣି। କୋଇଡା ବ୍ଲକ କେବଲାଙ୍ଗ ଥାନା ଅନ୍ତର୍ଗତ କାଲଟା-ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଦୈନନ୍ଦିନ ବଢ଼ିବାରେ ଲାଗିଥିଲେ ମଧ୍ୟ ଜାତୀୟ ରାଜପଥ କୌଣସି ପଦକ୍ଷେପ ନ ନେଉଥିବା ଲୋକେ ଅଭିଯୋଗ କରିଛନ୍ତି।

## ସରକାରୀ ଗୋଦାମରୁ ଚାଉଳ ଯୋଗାଣରେ ଅନିୟମିତତା

# ଟ୍ରକ୍ ଜବତ କଲେ ସହକାରୀ ଯୋଗାଣ ଅଧିକାରୀ

**ଲହୁଣିପଡ଼ା, ୧୩।୧(ସମିସ):** ବଣାଇଁ ସ୍ଥିତ ସରକାରୀ ଗୋଦାମରୁ ସରକାରୀ ଚାଉଳ ଯୋଗାଣରେ ଅନିୟମିତତା ହେଉଥିବା ପରିଲକ୍ଷିତ ହୋଇଛି। ଏହି ଗୋଦାମରୁ କୋଇଡା ବ୍ଲକ ସ୍ଥିତ ଏକ ସରକାରୀ ଆଶ୍ରମ ବିଦ୍ୟାଳୟକୁ ଟ୍ରକ(ଓଡି ୧୪ ଟି ୧୨୬୪) ରେ ୧୨୦ ବସ୍ତା ଚାଉଳ ବୋଝେଇ ହୋଇ ଯାଉଥିବା ବେଳେ ଗୋଦାମରୁ ପ୍ରାୟ ୨ କିମି ଦୁର ବାବୁ ନୂଆଗାଁ ସ୍ଥିତ ଆରଏମ୍‌ସି ନିକଟରେ ବଣାଇଁ ସହକାରୀ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରକରେ ୧୩୮ ବସ୍ତା ବଦଳରେ ୧୨୦ ବସ୍ତା ଚାଉଳ ରହିଥିବା ଜଣାପଡ଼ିବା ପରେ ଗାଡିକୁ ଅଟକ ରଖି ଗୋଦାମ ଇନ୍ ଚାର୍ଜ ଅମିତ ମହାନ୍ତିଙ୍କୁ ଗାଡ଼ିକୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେପଟେ ଗୋଦାମ ଇନ୍‌ଚାର୍ଜ ଅମିତ ମହାନ୍ତି ସବୁ କାଗଜ ପତ୍ର ଥିବା କହିବା ସହ କେଉଁ କାରଣ ପାଇଁ ବଣାଇଁ ସହକାରୀ ଯୋଗାଣ ଅଧିକାରୀ ଗାଡ଼ିକୁ ଜବତ କଲେ ତାହା ବୁଝି ହେଉନି ବୋଲି କହିଛନ୍ତି। ସହକାରୀ ଯୋଗାଣ ଅଧିକାରୀ ଏବଂ ଗୋଦାମ ଇନଚାର୍ଜଙ୍କ କଥାରେ କୌଣସି ତାଳମେଳ ରହୁନଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।



## ଅପରାଧ

# ସାଉଣ୍ଡ ସିଷ୍ଟମ୍ ଚୋରି; ୨ ଭାଇ ସହ ୪ ଗିରଫ

**ରାଉରକେଲା, ୧୩।୧(ସମିସ):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନ ମାର୍ଗରୁ ଲାକ୍ଷାଧିକ ଟଙ୍କାର ସାଉଣ୍ଡ ସିଷ୍ଟମ ଚୋରି ଘଟଣାରେ ପୁଲିସ ୨ ଭାଇ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଗୋପବନ୍ଧୁପାଲିର ସୌରଭ ଘୋଷ (୧୯), ସୁନୀଲ ସ ଓରଫ ଟୁଲୁ(୨୬), ବେଲଡିହିର ସୁରଜ୍ କିଷାନ (୨୫), ମନୋଜ କିଣ୍ଡୋ (୩୪), ରୋହିତ କିଣ୍ଡୋ (୨୭) ଓ ରାଜଗାଙ୍ଗପୁର ଦୀପକ ବରୁଆ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୧୮ଟି ଆହୁଜା ଆମ୍ପ୍ଲିଫାୟର୍, ୪ଟି ସ୍ପିକର, ୨ଟି ଷ୍ଟାବିଲାଇଜର, ୪ଟି ରୋବୋ ଏଲଇଡି ଲାଇଟ୍, ପିକ୍‌ଅପ୍ ଭ୍ୟାନ, ପାସେଞ୍ଜର ଅଟୋ ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇନ୍ସପେକ୍ଟର ବିବସ୍ୱ ପ୍ରଧାନ ଅଧିକ ସୂଚନା ଦେଇ କହିଥିଲେ, ସିଭିଲ୍ ଟାଉନସିପ୍ ବାସିନ୍ଦା ଦବିନ୍ଦର ସିଂହଙ୍କ ମଧୁସୂଦନ ମାର୍ଗରେ ଜଗଜିତ ଇଲେକ୍ଟ୍ରିକାଲ୍ ନାମକ ସାଉଣ୍ଡ ସିଷ୍ଟମ ଦୋକାନ ରହିଥିବା ବେଳେ ଡ଼ିଏଭି ଲେନରେ ଗୋଦାମ ଅଛି। ୧୨ ତାରିଖରେ ତାଙ୍କ ଗୋଦାମରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ ଆରମ୍ଭ କରି ଦୁଇ ଭାଇ ମନୋଜ ଓ ରୋହିତଙ୍କୁ ଗିରଫ କରି ସମସ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ଜବତ ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଇନ୍ସପେକ୍ଟର ଶ୍ରୀ ପ୍ରଧାନ କହିଛନ୍ତି।




# ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ



**ବଣାଇଁ, ୧୩।୧(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା କୁଣ୍ଢେଇଡିହା କେଲୋ କୁଞ୍ଜର ଇତ୍ୟାଦି ଜଙ୍ଗଲରେ ଗଞ୍ଜେଇ ଚାଷ କରି ବିକ୍ରି ପାଇଁ ଘରେ ରଖିଥିବା ବେଳେ କୁଣ୍ଢେଇଡିହା ଗ୍ରାମର ରଞ୍ଜିତ ଓରାମ (୩୨) ଏବଂ ରାଜେଶ ଓରାମ (୨୭)କୁ ଗିରଫ କରିଛି ଅବକାରୀ ବିଭାଗ। ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ବଣାଇଁ ଓ ରାଉରକେଲା ଅବକାରୀ କର୍ମଚାରୀ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରି ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ପଚରାଉଚରା ସମୟରେ ଅଭିଯୁକ୍ତମାନେ କୁଣ୍ଢେଇଡିହା ଗ୍ରାମ ସଂଲଗ୍ନ ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ କରିଥିଲେ ବୋଲି ବିଭାଗୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ରାଉରକେଲା, ୧୩।୧(ସମିସ):** ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଭୁବନେଶ୍ୱର ରସୁଲଗଡ଼ ଭିଏସଏସ ତାରିଣୀ ବସ୍ତିର ମାନସ ପ୍ରଧାନ (୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡିସେମ୍ବର ୧୮ ତାରିଖରେ ଥାନାଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଖୋର୍ଦ୍ଧାରୁ ଉଦ୍ଧାର କରିଥିଲା।

## ଟଙ୍କା ଚୋରି ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୧୩।୧(ସମିସ):** ଘରର କବାଟ ଭାଙ୍ଗି ୬୦ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ରାଜଗାଙ୍ଗପୁର ଥାନା ପୁଲିସ ଭଗତଟୋଲାନିବାସୀ ସମୀର ନାଇକ (୨୩) ନାମକ ଜଣେ ଯୁବକକୁ ଗିରଫ କରିଛି। ତା' ନିକଟରୁ ୬୦ ହଜାର ଟଙ୍କା ନଗଦ ଜବତ କରିଥିବା ସୂଚନା ମିଳିଛି। ଅଭିଯୁକ୍ତ ସମୀରକୁ ଆଜି କୋର୍ଟ ଚାଲାଣ କରାଯାଇଛି।

**୬୦ ହଜାର ଟଙ୍କା ଜବତ**

# କୋଇଡାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

**କୋଇଡା, ୧୩।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ନିର୍ଦ୍ଦେଶକ ସୁରଞ୍ଜନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୧୫ଟି ଅଭିଯୋଗ ଆସିଥିବା ବେଳେ ଦଳଗତଭାବେ ୫୪ ଟି ଅଭିଯୋଗ ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଚିକିତ୍ସା ନିମନ୍ତେ ସହାୟତା ଅର୍ଥ ପ୍ରଦାନ କରାଯାଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କୋଇଡା ବିଡିଓ ସମରେନ୍ଦ୍ର କୁମାର ସର, ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ତହସିଲଦାର ନିର୍ମଳ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ ସମେତ ୧୫ଟି ଗ୍ରାମପଞ୍ଚାୟତର ସରପଞ୍ଚ, ବିଭିନ୍ନ ବିଭାଗର ବରିଷ୍ଠ ସରକାରୀ କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ମିତା ଖେଲୋ ଇଣ୍ଡିଆରେ ମୌସୁମୀଙ୍କୁ ସ୍ୱର୍ଣ୍ଣ



**ରାଉରକେଲା, ୧୩।୧(ସମିସ):** ଅସ୍ମିତା ଖେଲୋ ଇଣ୍ଡିଆ ରାଷ୍ଟ୍ରୀୟ ଲିଗ୍ ଉତ୍ତରପ୍ରଦେଶର ମୋଦିନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଏମା ତଥା ସୁନ୍ଦରଗଡ଼ ଜିଲ୍ଲାର ମୌସୁମୀ ଦାସ ୭୭ କେଜିରୁ ଊର୍ଦ୍ଧ୍ୱ ଯୁବତୀ ବିଭାଗରେ ସ୍ୱର୍ଣ୍ଣ ଓ ୮୬ କେଜି ବରିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରାରମ୍ଭିକ ଖେଳ ଜୀବନ ରାଏମା କ୍ଲବ୍ ପ୍ରଶିକ୍ଷକ ବିକ୍ରମ କୁମାର ସ୍ୱାଇଁ ଓ ବାସୁଦେବ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରରେ ତାଲିମ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଅନିଲ ବହିଦାର, ଦୁର୍ଗା ମାଧବ ନାୟକ, ବିମଳ ବୋଷ, ଚିତ୍ତରଞ୍ଜନ ବହିଦାର, ଉପମୁଖ୍ୟ ଖେଳ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ରାଏମା ସଭାପତି ବିଷ୍ଣୁ ଚରଣ ମହାନ୍ତି, ସନ୍ତୋଷ ଭୂୟାଁ, ରବୀନ୍ଦ୍ର ଗଣ୍ଡ, ସୁମିତା ବାଇକ୍, ଅରବିନ୍ଦ ନାୟକ, ଭାରତ୍ତୋଳନ ସମ୍ପାଦକ ବାସୁଦେବ ବାନାର୍ଜୀ, ଏନଆଇସି କୋଚ ବିକ୍ରମ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ମାନବ ଶୃଙ୍ଖଳ

**ରାଉରକେଲା, ୧୩।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସଡ଼କ ସୁରକ୍ଷା ସଚେତନତା ମାସ-୨୦୨୬ ପାଳନର ଅଂଶ ସ୍ୱରୂପ କର୍ମଚାରୀ ଏବଂ ଅନ୍ୟାନ୍ୟ ପଣଧାରୀମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରିବା ନିମନ୍ତେ କାରଖାନାର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଅନ୍ୟ ବିଭାଗର ସହଭାଗିତାରେ ପଥଚାରୀ ଓ ଗାଡିଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଯାଇଛି। ଜାନୁଆରୀ ୧୨ ତାରିଖରେ ପ୍ରାୟ ୩୦୦ କର୍ମଚାରୀ, ଅଧିକାରୀ ଏବଂ ଠିକା ଶ୍ରମିକ ମିଳିତ ହୋଇ ଏକ କିଲୋମିଟରରୁ ଅଧିକ ଲମ୍ବର ସୁରକ୍ଷା ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହା ଆରଏସପି ସାମୂହିକଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଥିଲା। ଏହି ମାନବ ଶୃଙ୍ଖଳଟି ଆଣ୍ଡ ଆରଏମ୍ ବିଭାଗରୁ ଏଫଏମ (ଏମ) ବିଭାଗ ପର୍ଯ୍ୟନ୍ତ ଲମ୍ବିଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏଥିରେ ଯୋଗଦେଇ କାର୍ଯ୍ୟସ୍ଥଳୀ ଏବଂ ରାସ୍ତାରେ ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ପାଳନ କରିବାକୁ କହିଥିଲେ। ସୁରକ୍ଷା ଏକ ସହଭାଗୀ ଦାୟିତ୍ୱ ଏବଂ ଦୁର୍ଘଟଣା ରୋକିବା ସହ ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥିର ସଚେତନତା, ଶୃଙ୍ଖଳା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଟି ଆଣ୍ଡ ଆରଏମ୍ ବିଭାଗର ସିଜିଏମ୍ କୌଶିକ ଶୂନ୍ୟାନି, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସିଇଡ଼ି ବିଭାଗର ଜିଏମ୍ ଇନ-ଚାର୍ଜ ଏସ୍ ଆର ପତି, ଏସଏସଏମ ବିଭାଗର ଜିଏମ୍ ଇନ୍‌ଚାର୍ଜ ସିଆର ମିଶ୍ର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗର ଡିଏସଓ ଏବଂ ଏଏସଓମାନେ ସଂଯୋଜନା କରିଥିଲେ। ଅନୁରୂପ ଭାବେ, ନୂତନ ପ୍ଲେଟ୍ ମିଲ୍ ଏବଂ ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ଦ୍ୱାରା ଇଡ଼ି (ୱାର୍କସ୍) ଛକରେ ଆୟୋଜିତ ଅନ୍ୟ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ୪୦୦ରୁ ଅଧିକ କର୍ମଚାରୀ, ଅଧିକାରୀ ଏବଂ ଠିକା ଶ୍ରମିକ ଏକ ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହି କାର୍ଯ୍ୟକ୍ରମ ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଆରକେ ମୁଦୁଲି, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର, ଅବକାଶ ବେହେରା, ଏସପିପି ବିଭାଗର ବିଭାଗୀୟ ମୁଖ୍ୟ ଡ. ପିକେ ପାଢ଼ୀ, ଏନ୍ ମହାପାତ୍ର, ଏସ୍. ସୁଧାକର ଏବଂ ଏ. ରାଓତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।




# ଆର୍‌ଏସ୍‌ପିରେ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି'



**ରାଉରକେଲା, ୧୩।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା 'ରୋଶନି' ସିପିଟିଆଇଠାରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଇନଷ୍ଟ୍ରୁମେଣ୍ଟେସନ ଓ ଅଟୋମେଶନ ବିଭାଗର ସିଜିଏମ କେକେ ସେନଗୁପ୍ତା ମୁଖ୍ୟଅତିଥି ଏବଂ ରୋଲ ଶପ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍‌ଆର ମହାନ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୨୦୨୬ ଜାନୁୟାରୀ ମାସରେ ଅବସର ଗ୍ରହଣ କରୁଥିବା ଆରଏସପିର ୪୬ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅବସର ପରବର୍ତ୍ତୀ ଜୀବନକୁ ସୁଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ। ସିଆଣ୍ଡ ଆଇଟି ବିଭାଗର ଡ଼ିଜିଏମ ଭିପି ଆର୍ଯ୍ୟ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଡିକେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ପପୁ କୁମାର ଅବସର ପରବର୍ତ୍ତୀ ସୁଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ। ଏସପିପି ବିଭାଗର ଜିଏମ ଇନଚାର୍ଜ ଡଃ ପି କେ ପାଢ଼ୀ ଏକ ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା କମ୍ପାନୀ ନିୟମାବଳୀ ଉପରେ ସହରସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର ଇଏ ଜି ଇଆର ଓ ସି ବିଭାଗର ଏଜିଏମ ଅବିନାଶ ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଏଚଆର ଇଆର ଆଣ୍ଡ ସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏସପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡେପୁଟି ମ୍ୟାନେଜର ଏସ୍‌କେ ନାୟକ, ଶ୍ରମ ନିରୀକ୍ଷକ କେକେ ପରିଡ଼ା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର।

- ଏମ୍ ଏସ୍ ସ୍ୱାମୀନାଥନ୍

## ଧାତବ-ଯାତ୍ରା ଓ ଯୁଦ୍ଧଭୟ

ଗତ କିଛିମାସ ଧରି ସୁନା ସମେତ ରୁପା ଓ ତମ୍ବା ପରି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଧାତୁ ମୂଲ୍ୟ ମଧ୍ୟ ଅନୁମାନଠାରୁ ଅଧିକ ବେଗରେ ବଢ଼ିଚାଲିବା ଅର୍ଥନୀତି ଓ ଭୂରାଜନୀତି ପ୍ରତି ଏକ ଭିନ୍ନ ସଙ୍କେତ ଦେଇଛି। ସାମ୍ପ୍ରତିକ ଅସ୍ଥିର ପ୍ରତିଭୂତି ବଜାରରେ ସ୍ଥାୟୀ ଓ ନିଶ୍ଚିତ ପ୍ରତିଦାନ ବା ଲାଭାଂଶ (ରିଟର୍ଣ୍ଣ) ଏବଂ ତ୍ୱରିତ ବିନିମୟକ୍ଷମ(ଲିକ୍ୱିଡିଟି) କ୍ଷମତା ଯୋଗୁଁ ସୁନାରେ ଅଧିକରୁ ଅଧିକ ନିବେଶ ସହିତ ଚୀନ୍ ଓ ଭାରତୀୟଙ୍କ ଅଳଙ୍କାର ଚାହିଦା ଯୋଗୁଁ ପୀତଧାତୁର ମୂଲ୍ୟ ଆକାଶଛୁଆଁ ହେବା ସ୍ୱାଭାବିକ। ଏହାଛଡ଼ା ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ମହଜୁଦ ସ୍ତର ବଢୁଥିôବାରୁ ଏହାର ମୂଲ୍ୟ ବଜାରରେ ପ୍ରତିଫଳିତ ହୋଇଛି। କିନ୍ତୁ ରୁପା ଓ ତମ୍ବା ମୂଲ୍ୟରେ ଯେଉଁ ଅସ୍ୱାଭାବିକ ଊର୍ଦ୍ଧ୍ୱଗତି ଦେଖାଦେଇଛି ତାହା ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି। ଏହି ମୂଲ୍ୟବୃଦ୍ଧି ପଛର କାରଣ ଖୋଜିବା ବେଳେ କେବଳ ଚାହିଦା ବ୍ୟତୀତ ଭୂରାଜନୀତି, କୂଟନୀତି, ପ୍ରତିରକ୍ଷା ଭଳି ଅନେକ କାରକ ସାମ୍ନାକୁ ଆସୁଛି। ଗତବର୍ଷକ ମଧ୍ୟରେ କେବଳ ଭାରତରେ ରୁପା ଦରରେ ୧୬୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ତମ୍ବା ମୂଲ୍ୟ ୩୫% ପର୍ଯ୍ୟନ୍ତ ବଢ଼ିଛି। ଏଥିରୁ ବିଶ୍ୱବଜାରର ସ୍ଥିତି ଅନ୍ବେବହୁତ ଅନୁମେୟ।

ପ୍ରଥମେ ରୁପା କଥା ଆଲୋଚନା କରିବା। ଅଳଙ୍କାର ଓ ସୌଖୀନ ସାମଗ୍ରୀ ବ୍ୟତୀତ ଏବେ ରୁପାର ସର୍ବାଧିକ ବ୍ୟବହୃତ କ୍ଷେତ୍ରଟି ହେଉଛି ସୌରଶକ୍ତି ଉତ୍ପାଦନକାରୀ ଉପକରଣ ଓ ବ୍ୟାଟେରି ନିର୍ମାଣ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ବିଶ୍ୱ ଅକ୍ଷୟଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାରୁ ରୁପା ଚାହିଦା ବଢ଼ିଛି। କିନ୍ତୁ ଏହା ଦ୍ୱିତୀୟ କାରକ ଭାବେ ଗ୍ରହଣ କରାଯାଇପାରେ। ରୁପା ମୂଲ୍ୟ ବୃଦ୍ଧି ପଛର ଅସଲ ରହସ୍ୟମୟ କାରଣଟି ପୁଣି ଥରେ ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ 'କ୍ରିଟିକାଲ୍ ମିନେରାଲ୍' ତାଲିକାରେ ରୁପାକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାର ଅର୍ଥ ହେଲା ଆମେରିକା ରୁପାକୁ ସରକାରୀ ଆବଶ୍ୟକତା ଭାବରେ ଗ୍ରହଣ କରିବ ଏବଂ ଅଧିକରୁ ଅଧିକ ସଂଗ୍ରହକୁ ଅଗ୍ରାଧିକାର ଦେବ। ଏହି ନିର୍ଦ୍ଦେଶନାମା ଜରି ହେବା ପରେ ଗତବର୍ଷ ତୁଳନାରେ ଆମେରିକାରେ ସରକାରୀ ରୁପା ସଂଗ୍ରହ ହାର ୭୪% ବୃଦ୍ଧି ଘଟିଛି। ବିଶେଷକରି ଚୀନ୍ ବିରଳ ମୃତ୍ତିକା ରପ୍ତାନୀ ଉପରେ କଟକଣା ଜାରି କରିବା ପରେ ଆମେରିକା ରୁପା ସଂଗ୍ରହକୁ ତ୍ୱରାନ୍ୱିତ କରିଛି। ଏ କ୍ଷେତ୍ରରେ ଚୀନ୍ ଓ ଭାରତ ମଧ୍ୟ ପଛରେ ପଡ଼ିବାକୁ ଚାହିଁନାହାନ୍ତି। ଭାରତରେ ରୁପାରେ ନିବେଶ ବର୍ଷକ ଭିତରେ ୫, ୩୪୨ କୋଟି ଟଙ୍କା ବଢ଼ିଛି ଏବଂ ମ୍ୟୁଚୁଆଲ୍ ଫଣ୍ଡରେ କମିଛି। ଏବେ ଭାରତରେ ମୋଟ ନିବେଶ ପରିମାଣର ପାଖାପାଖି ୭୨% ସୁନା ଓ ରୁପାରେ ହୋଇଛି। ସେହିଭଳି ସାମ୍ପ୍ରତିକ ସେମିକଣ୍ଡକ୍ଟର ନିର୍ମାଣ ପ୍ରତିଯୋଗିତା ଆଗକୁ ଆହୁରି ତୀବ୍ର ହେବାକୁ ଯାଉଥିôବାରୁ ରୁପା ଚାହିଦା ସହିତ ମୂଲ୍ୟ ଆହୁରି ବଢ଼ିବାର ଅନୁମାନ କରାଯାଉଛି।

ସୁନା ଓ ରୁପା ସହିତ ତାଳ ଦେଇ ତମ୍ବା ମଧ୍ୟ ଅଭୂତପୂର୍ବ ଊର୍ଦ୍ଧ୍ୱମୁଖୀ ଯାତ୍ରାରେ ସାମିଲ୍ ହେବା ଆଶ୍ଚର୍ଯ୍ୟଚକିତ କରିଛି ଏବଂ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶ୍ୱ ବଜାରରେ ତମ୍ବା ମୂଲ୍ୟ ଟନ୍ ପିଛା ଐତିହାସିକ ୧୨ ହଜାର ଡଲାର ଅତିକ୍ରମ କରିଛି ଏବଂ ପୂର୍ବବର୍ଷ ତୁଳନାରେ ଏଥିରେ ୩୫% ବୃଦ୍ଧି ଘଟିଛି। ଏହି ପିଙ୍ଗଳ ଧାତୁର ହଠାତ୍ ମୂଲ୍ୟ ବୃଦ୍ଧି ଯେଭଳି ଅସ୍ୱାଭାବିକ, କାରଣ ମଧ୍ୟ ସେଭଳି ଚିନ୍ତାଉଦ୍ରେକକାରୀ। ତମ୍ବା ନିବେଶକମାନଙ୍କ ଉପରେ ହୋଇଥିବା ଏକ ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣରେ ତମ୍ବାର ବ୍ୟବହାର ସର୍ବାଧିକ ହେଉଥିବାରୁ ଏବଂ ଆଗକୁ ଯୁଦ୍ଧର ଘନଘଟା ଆହୁରି ବଢ଼ିବାକୁ ଥିôବାରୁ ତମ୍ବାରେ ନିବେଶ ହିଁ ବୁଦ୍ଧିମାନର କାମ ବୋଲି ସେମାନେ ମତ ଦେଇଛନ୍ତି। ଏହାଛଡ଼ା ସାମ୍ପ୍ରତିକ କୃତ୍ରିମବୁଦ୍ଧିମତ୍ତା(ଏଆଇ) ଏବଂ ଅକ୍ଷୟଶକ୍ତି ପରିବହନରେ ତମ୍ବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିôବାରୁ ତମ୍ବାରେ ନିବେଶ ବଢ଼ିଛି। ଗୋଟିଏ ଡାଟା କେନ୍ଦ୍ର ହାରାହାରି ୫ ହଜାରରୁ ୧୫ ହଜାର ଟନ୍ ପର୍ଯ୍ୟନ୍ତ ତମ୍ବା ଆବଶ୍ୟକ କରେ। ସେହିପରି ପାରମ୍ପରିକ ଯାନ ତୁଳନାରେ ବୈଦ୍ୟୁତିକ ଯାନରେ ଦୁଇଗୁଣା ଅଧିକ ତମ୍ବା ବ୍ୟବହାର ହେଉଥିବାରୁ ବୈଦ୍ୟୁତିକ ଯାନର ଚାହିଦା ସହିତ ତାଳ ଦେଇ ତମ୍ବା ଚାହିଦା ଓ ମୂଲ୍ୟ ମଧ୍ୟ ବଢ଼ିଛି।

ଏତଦ୍ବ୍ୟତୀତ ଟ୍ରମ୍ପ ପ୍ରଶାସନ ଅର୍ଦ୍ଧନିର୍ମିତ ତମ୍ବା ଉତ୍ପାଦ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ଆମେରିକାରେ ହିଁ ତମ୍ବା ଆମଦାନୀ ଉଲ୍ଲେଖନୀୟ ଭାବେ ବଢ଼ିଛି, ଯାହାର ପ୍ରଭାବ ବିଶ୍ୱ ବଜାରରେ ପଡ଼ିଛି। ଆମେରିକାରେ ତମ୍ବାର ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ମହଜୁଦ ସ୍ତର ୮୦ ହଜାର ଟନ୍‌ରୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବୃଦ୍ଧି ପାଇବା ସହିତ ବିଶେଷଜ୍ଞମାନେ ଆଗାମୀ ଦିନରେ ଯୁଦ୍ଧଆଶଙ୍କାକୁ ତୁଳନା କରୁଛନ୍ତି। ଅପରପକ୍ଷରେ ଆମେରିକାର ଉଦ୍ୟମକୁ ପ୍ରତିହତ କରିବାକୁ ଚୀନ୍ ପ୍ରରୋଚନାରେ ଇଣ୍ଡୋନେସିଆ, ଚିଲି ଓ କଙ୍ଗୋ ଭଳି କେତେକ ତମ୍ବା-ଖଣିଜସମୃଦ୍ଧ ରାଷ୍ଟ୍ର ସେମାନଙ୍କ ଉତ୍ପାଦନରେ କାଣ୍ଟଛାଣ୍ଟ କରିଛନ୍ତି। ଏହାର ପ୍ରଭାବ ମଧ୍ୟ ବଜାର ଉପରେ ପଡ଼ିଛି।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ଯୋଜନାବଦ୍ଧ ବାଣିଜ୍ୟ-ଅର୍ଥନୀତି ଆବଶ୍ୟକ ଥିବା ବେଳେ ଏକ ନୂଆ ଆହ୍ୱାନ ସୃଷ୍ଟି ହୋଇଛି। ବିଶ୍ୱ ଧାତବ ବଜାରରେ ଏବେ ଯେଉଁ ଊର୍ଦ୍ଧ୍ୱମୁଖୀ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରେ ଭାରତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଗତ ୧ ତାରିଖରୁ ୟୁରୋପୀୟ ସଂଘ ବିଶ୍ୱରେ ପ୍ରଥମ ଥର ପାଇଁ 'କାର୍ବନ୍ ଟ୍ୟାକ୍ସ' ଲାଗୁ କରିଥିବା ବେଳେ ଇଂଲଣ୍ଡ ଖୁବ୍ ଶୀଘ୍ର ଏହାକୁ ଅନୁସରଣ କରିବାକୁ ଯାଉଛି। ଏହି ଟିକସ ଆଳରେ ପାଶ୍ଚାତ୍ୟ ବିଶ୍ୱ ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଧାତବ ଚାହିଦାର ଭରପୂର ଫାଇଦା ନେବାର ମସୁଧା କରିଛନ୍ତି। ଅପରପକ୍ଷରେ ଭାରତରେ ଧାତବ ଉତ୍ପାଦନ ପାଇଁ ଯେଉଁ ପଦ୍ଧତି ବ୍ୟବହାର ହୋଇଆସୁଛି ତାହା ଅପେକ୍ଷାକୃତ ଅଧିକ କାର୍ବନ ନିର୍ଗମନକାରୀ। ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ କାରବାରରେ ଇସ୍ପାତ୍ ଓ ଆଲୁମିନିୟମ୍ ସହିତ ତମ୍ବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହି ବିବାଦୀୟ ଟିକସ ଫଳରେ ଭାରତରୁ ରପ୍ତାନି ହେଉଥିବା ତମ୍ବା ବିଶ୍ୱ ବଜାରରେ ଅଧିକ ମହଙ୍ଗା ହେବ ନଚେତ୍ ବିଶ୍ୱ ବଜାରରେ ତିଷ୍ଠି ରହିବା ପାଇଁ ଭାରତୀୟ ରପ୍ତାନୀକାରୀମାନେ ମୂଲ୍ୟ ହ୍ରାସ କରିବାକୁ ପଡ଼ିବ, ଯାହା ସମ୍ଭବ ନୁହେଁ। ଭାରତରେ ଏକପକ୍ଷରେ ଟଙ୍କା ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ଚାଲିଥିବା ବେଳେ ଧାତବର ବିଦେଶୀ ଯାତ୍ରାରେ ଏହି କଟକଣା ଭାରତୀୟ ଅର୍ଥନୀତି ସହିତ ଭୂରାଜନୀତି ଓ କୂଟନୀତିକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସର୍ବୋପରି ଭାରତୀୟ ନିବେଶକମାନେ ଆଉ ଟଙ୍କା(ସେୟାର, ଡିବେନ୍‌ଚର) ଉପରେ ଯେ ଭରସା କରିପାରୁନାହାନ୍ତି, ତାହା ଧାତବ ଯାତ୍ରାରେ ପ୍ରତିଫଳିତ ହୋଇଛି। ●

## ଆର୍ଥିକ ଯୋଜନା ଓ ବିତ୍ତୀୟ ସମୃଦ୍ଧି

**ଅନନ୍ତ ଚରଣ ସ୍ୱାଇଁ**

ଆମ ଶିକ୍ଷା, ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତା ପଛର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଅର୍ଥ ଉପାର୍ଜନ ଓ ଆର୍ଥିକ ସ୍ୱାଧୀନତା। ଅର୍ଥ ବିନା ଜୀବନ ଦୁର୍ବିସହ ହୋଇପଡ଼େ। ଉପାର୍ଜିତ ଆୟର ଅପବ୍ୟବହାର, ଆୟ ବୃଦ୍ଧି କରିବାରେ ଅବହେଳା ବ୍ୟକ୍ତିକୁ ଆର୍ଥିକ ସଙ୍କଟ ଆଡ଼କୁ ନେଇଯାଏ। ଉପାର୍ଜିତ ଆୟ ମୁଖ୍ୟତଃ ଦୁଇପ୍ରକାର - ସକ୍ରିୟ ଆୟ ଓ ନିଷ୍କ୍ରିୟ ଆୟ। ଏହି ଦୁଇପ୍ରକାର ଆୟ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି - ଶ୍ରମ ଓ ସମୟ। ସକ୍ରିୟ ଆୟ ହେଉଛି ଯାହା ବ୍ୟକ୍ତି ନିଜ ଶ୍ରମ ଓ ସମୟ ବ୍ୟବହାର କରି ଅର୍ଜନ କରେ। ଏହି ଆୟ ପାଇଁ ବ୍ୟକ୍ତିକୁ ସକ୍ରିୟ ବା କ୍ରିୟାଶୀଳ ହେବା ସହ ସମୟ ଦେବାକୁ ପଡ଼ିଥାଏ। ଏଗୁଡ଼ିକ ହେଲା କର୍ମକ୍ଷେତ୍ରରୁ ଉପାର୍ଜନ କରୁଥିବା ଅର୍ଥ, ବ୍ୟବସାୟ କିମ୍ବା ସେବାରୁ ଆୟ, ଫ୍ରିଲାନ୍ସିଂ ଆୟ(ଲେଖା, ଡିଜାଇନ୍ କିମ୍ବା ପ୍ରୋଗ୍ରାମିଂ କାମରୁ ପ୍ରାପ୍ତ ଆୟ), କୃଷି ଆୟ ଇତ୍ୟାଦି। ନିଷ୍କ୍ରିୟ ଆୟ ହେଉଛି, ଯାହା ପାଇଁ ବ୍ୟକ୍ତିକୁ ସକ୍ରିୟ ଭାବରେ କାମ କରିବା ଆବଶ୍ୟକ ନଥାଏ। ଏହାପୂର୍ବରୁ କରାଯାଇଥିବା ବିନିଯୋଗ କିମ୍ବା କାର୍ଯ୍ୟର ଫଳାଫଳ। ନିଷ୍କ୍ରିୟ ଆୟର ଉଦାହରଣଗୁଡ଼ିକ ହେଉଛି - ଷ୍ଟକ, ବଣ୍ଡ, ସ୍ଥାୟୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ଘର ଭଡ଼ା, ଯନ୍ତ୍ରପାତି ଭଡ଼ା, ପ୍ୟାଟେଣ୍ଟ ରାଇଟ୍‌ରୁ ମିଳୁଥିବା ରୟାଲ୍‌ଟି, ରିଅଲ୍ ଇଷ୍ଟେଟ୍ ବିନିଯୋଗ ଆଦି। ପେନସନ୍‌ରୁ ମିଳୁଥିବା ଆୟ ଏକପ୍ରକାର ନିଷ୍କ୍ରିୟ ଆୟ।

୨୫ ବର୍ଷରୁ ୬୦ ବର୍ଷ ହେଉଛି ଅର୍ଥ ଉପାର୍ଜନ, ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଏହି ବୟସ ସୀମା ବାହାରେ ମଧ୍ୟ କିଛିଲୋକ ରୋଜଗାର କରିଥା'ନ୍ତି। କିନ୍ତୁ ସେହି ସଂଖ୍ୟା ଅତିନଗଣ୍ୟ। ୨୫ରୁ ୬୦ ବର୍ଷ ମଧ୍ୟରେ ହେଉଥିବା ଆୟର ସୁଚିନ୍ତିତ ଓ ସୁନିୟନ୍ତ୍ରିତ ପରିଚାଳନା, ସଞ୍ଚୟ ଓ ନିବେଶର ବିବିଧୀକରଣ, ସକ୍ରିୟ ଆୟରୁ ନିଷ୍କ୍ରିୟ ଆୟ ମିଳିବାର ବ୍ୟବସ୍ଥା, ଆର୍ଥିକ ସ୍ଥିରତା, ଆର୍ଥିକ ସ୍ୱାଧୀନତା ଓ ଆର୍ଥିକ ସୁରକ୍ଷା ପାଇଁ ଅପରିହାର୍ଯ୍ୟ।



ଉପାର୍ଜିତ ଅର୍ଥର ସଦୁପଯୋଗ ପାଇଁ ଉପଯୁକ୍ତ ଆର୍ଥିକ ଯୋଜନା ପ୍ରସ୍ତୁତି ଓ ପରିଚାଳନା ଭବିଷ୍ୟତକୁ ସଶକ୍ତ ଓ ସୁରକ୍ଷିତ କରିଥାଏ। ଆର୍ଥିକ ଯୋଜନା କେବଳ ଟଙ୍କା ସଞ୍ଚୟ କରିବାରେ ସୀମିତ ନୁହେଁ। ଏହା ଆୟ-ବ୍ୟୟର ସୁପରିଚାଳନା ସହ ସଞ୍ଚୟ, ବିନିଯୋଗ ଓ ଜୀବନର ବିଭିନ୍ନ ଲକ୍ଷ୍ୟକୁ ପ୍ରାପ୍ତ କରିବା ପାଇଁ ଏକ ସୁକଳ୍ପିତ ଉପାୟ।

ଆର୍ଥିକ ଯୋଜନାର ଅନେକ ଦିଗ ରହିଛି। ଲକ୍ଷ୍ୟ ନିର୍ଦ୍ଧାରଣ, ଗୃହ ନିର୍ମାଣ, ପିଲାଙ୍କ ଶିକ୍ଷା, ବିବାହ, ବ୍ରତ ପରି ସାମାଜିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସେବା, ଭ୍ରମଣ, ଅବସରକାଳୀନ ଖର୍ଚ୍ଚ, ଗାଡ଼ି କିଣିବା ଆଦି। ବଜେଟ ହେଉଛି ଆୟ ଓ ବ୍ୟୟର ଆବଣ୍ଟନ ଓ ବିଶ୍ଳେଷଣ। ଏହାଦ୍ୱାରା ମାସିକ ଆୟ କେଉଁଠାରେ, କିଭଳି ଖର୍ଚ୍ଚ ହେଉଛି, ତାହା ବୁଝାପଡ଼େ। ବ୍ୟୟକୁ ନିୟନ୍ତ୍ରଣ କରି ଅନାବଶ୍ୟକ ଖର୍ଚ୍ଚକୁ କମାଇବା ଦ୍ୱାରା ଉପାର୍ଜିତ ଅର୍ଥର ସଦୁପଯୋଗ ସହ ଅଧିକ ସଂଚୟ ହୋଇଥାଏ। ଜୀବନରେ ଅପ୍ରତ୍ୟାଶିତ ଘଟଣା ଘଟିପାରେ। ଏପରି ସ୍ଥିତିରେ ଆର୍ଥିକ ସହାୟତା ପାଇଁ ଜରୁରିକାଳୀନ ଅର୍ଥ ପାଖରେ ଥିବା ଦରକାର। ସାଧାରଣତଃ, ୩ରୁ ୬ ମାସ ଖର୍ଚ୍ଚର ସମାନ ପରିମାଣ ଅର୍ଥ ସଂଚୟ, ସହଜରେ ଉପଲବ୍ଧ ହୋଇପାରୁଥିବା ସ୍ଥାନରେ ରଖିବା ଉଚିତ।

ବ୍ୟବସାୟିକ ଆୟ ବଢ଼ାଇବା କିମ୍ବା କୌଣସି ଏକ ଅପ୍ରତ୍ୟାଶିତ ସ୍ଥିତିର ମୁକାବିଲା ପାଇଁ ହୁଏତ ଋଣ କରିବା ଦରକାର ପଡ଼ିପାରେ। ଏକ୍ଷେତ୍ରରେ ଅଧିକ ସୁଧରେ ଆଣିଥିବା ଋଣର ପରିଶୋଧକୁ ପ୍ରାଥମିକତା ଦେବା ଉଚିତ। ସଂଚୟ କରିବା ସହିତ ବିନିଯୋଗ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିନିଯୋଗ ସମୟରେ ଆର୍ଥିକ ଲକ୍ଷ୍ୟ, ବିନିଯୋଗର ସମୟସୀମା, ଏଥିରୁ ମିଳୁଥିବା ଅମଳ ବା ରିଟର୍ଣ୍ଣ ଏବଂ ବିନିଯୋଗରେ ଥିବା ବିପଦ ବା ରିସ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ବିନିଯୋଗର ବିବିଧୀକରଣ ବିପଦ ବା ରିସ୍କକୁ କମ କରିଥାଏ।

ଏହାଛଡ଼ା ସେବା ନିବୃତ୍ତି ପରେ କିମ୍ବା ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ସଙ୍କଟ ନଆସେ ସେଥିପାଇଁ ପୂର୍ବରୁ ଯୋଜନା କରିବା ଜରୁରୀ। ଅର୍ଥ ଉପାର୍ଜନ କରିବା ସଙ୍ଗେ ସଙ୍ଗେ ବିଳମ୍ବ ନକରି ଯଥାସମ୍ଭବ ସଞ୍ଚୟ ଓ ନିବେଶ ଆରମ୍ଭ କଲେ ସକ୍ରିୟ ଆୟ ସରିଯିବା ପରେ ପୂର୍ବ ବିନିଯୋଗରୁ ନିରନ୍ତର ନିଷ୍କ୍ରିୟ ଆୟ ମିଳିଥାଏ। ସକ୍ରିୟ ଆୟର ନିଷ୍କ୍ରିୟତାକୁ ରୂପାନ୍ତରିତ ଫଳରେ ଆର୍ଥିକ ସ୍ଥିତିରେ ସୁଧାର ଆସେ। ଆର୍ଥିକ ସଙ୍କଟ ଦେଖାଦିଏ ନାହିଁ। ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଘର ବୀମା, ଇତ୍ୟାଦି ଅପ୍ରତ୍ୟାଶିତ ଘଟଣାରୁ ସୁରକ୍ଷା ପ୍ରଦାନ କରେ। ଜୀବନ ବୀମା ପରିବାରକୁ ଆର୍ଥିକ ସୁରକ୍ଷା ଦେବା ଓ ସ୍ୱାସ୍ଥ୍ୟ ବୀମା ଚିକିତ୍ସା ଖର୍ଚ୍ଚର ଭରଣା କରିବାରେ ସହାୟକ ହୋଇଥାଏ। ତେଣୁ ନିଜର ଆବଶ୍ୟକ ଅନୁଯାୟୀ ସଠିକ୍ ବୀମା ବାଛିବା ଜରୁରୀ।

ସଠିକ ଟିକସ ଯୋଜନା ଦ୍ୱାରା ମଧ୍ୟ କରଦେୟକୁ କମାଇବା ସହ ଅଧିକ ଟଙ୍କା ସଞ୍ଚୟ କରିବା ପାଇଁ ସହାୟକ ହୋଇଥାଏ। ଦେହାନ୍ତ ପରେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ଅନ୍ୟମାନଙ୍କ ଅଧିକାର ସମ୍ବନ୍ଧୀୟ ଏକ ସଂଗଠିତ ଯୋଜନା କରିବା ଆବଶ୍ୟକ। ଏହାକୁ ପାଥେୟ କରି ଉତ୍ତରାଧିକାରୀମାନଙ୍କୁ ପୂର୍ବନିର୍ଦ୍ଧାରିତ ଯୋଜନା ବା ନିଷ୍ପତ୍ତି ଅନୁଯାୟୀ ସମ୍ପତ୍ତି ବଣ୍ଟନ କରାଯାଏ। ଫଳରେ ଉତ୍ତରାଧିକାରୀଙ୍କ ମଧ୍ୟରେ କଳହ ଓ ଅସନ୍ତୋଷର ଆଶଙ୍କା କମ୍ ରହେ। ଆର୍ଥିକ ଯୋଜନା ଏକ ନିରନ୍ତର ପ୍ରକ୍ରିୟା। ପରିସ୍ଥିତିକୁ ନେଇ ଆର୍ଥିକ ଲକ୍ଷ୍ୟ, ଆୟ, ବ୍ୟୟ ଏବଂ ବିନିଯୋଗରେ ପରିବର୍ତ୍ତନ ହୋଇପାରେ। ତେଣୁ ନିୟମିତ ଭାବରେ ଆର୍ଥିକ ଯୋଜନାର ସମୀକ୍ଷା କରିବା ଆବଶ୍ୟକ।

ରୋଜଗାର ବେଳ ହେଉଛି ସଞ୍ଚୟ ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ଆୟ ଆରମ୍ଭର ପ୍ରଥମରୁ ଯଥାସମ୍ଭବ ସଞ୍ଚୟ ଆରମ୍ଭ କଲେ ଏହା ଏକ ଅଭ୍ୟାସରେ ପଡ଼ିଯାଏ। ବରିଷ୍ଠ ନାଗରିକ ହେବା ବେଳକୁ ଏହି ସଞ୍ଚିତ ଅର୍ଥ ଚକ୍ରବୃଦ୍ଧି ହାରରେ ଆଶାତୀତ ଭାବରେ ବୃଦ୍ଧି ପାଇଥାଏ। ରୋଜଗାରକ୍ଷମ ହେବାର କିଛିବର୍ଷ ପରେ କିମ୍ବା ଅବସର ସମୟ ପାଖେଇ ଆସିଲେ ବୃଦ୍ଧାବସ୍ଥା ଚିନ୍ତା ଅନେକଙ୍କ ମୁଣ୍ଡକୁ ଆସେ। ସେତେବେଳକୁ ବହୁ ସମୟ ଅତିବାହିତ ହୋଇଯାଇଥାଏ। ବୃଦ୍ଧାବସ୍ଥାରେ ଚଳିବା ପାଇଁ ଦରକାର ହେଉଥିବା ପାଣ୍ଠି ଏକଜୁଟ କରିବା କଷ୍ଟ ହୁଏ। ଅଭାବ ହେତୁ ଆର୍ଥିକ ସଙ୍କଟ ଘନେଇ ଆସେ। ଆଜିର ଯୁବା ଆସନ୍ତା କାଲିର ବରିଷ୍ଠ ନାଗରିକ। ବୃଦ୍ଧାବସ୍ଥାରେ ନିଷ୍କ୍ରିୟ ଆୟ ଉପରେ ନିର୍ଭର କରିବାକୁ ହୁଏ। ଏଣୁ ନିଷ୍କ୍ରିୟ ଆୟକୁ ବଢ଼ାଇବାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ବହୁପୂର୍ବରୁ ବିଶେଷକରି ଉପାର୍ଜନକ୍ଷମ ହେବା ସଙ୍ଗେ ସଙ୍ଗେ ଆରମ୍ଭ କରିବା ଦରକାର। ଆୟ ସହ ତାଳ ଦେଇ ଆର୍ଥିକ ଯୋଜନା ପ୍ରସ୍ତୁତି, ଏହାର ପରିଚାଳନା ଓ ବିଭିନ୍ନ ପ୍ରକାର ଆୟର ସଦୁପଯୋଗ ଜୀବନରେ ସମୃଦ୍ଧି, ସୁଖ ଓ ଶାନ୍ତି ଆଣିଥାଏ। ●

ପଟ୍ଟେଇ(କେନ୍ଦ୍ରାପଡ଼ା)
ମୋ: ୭୩୮୧୦୪୬୪୭୭

## ଆଲୋକ: ପ୍ରଦୂଷଣର ଅନ୍ୟ ଏକ ରୂପ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅଗ୍ନି ଉଦ୍ଭାବନ ପରେ ବିଦ୍ୟୁତ୍ ବଲ୍‌ବର ଉଦ୍ଭାବନକୁ ମାନବ ସଭ୍ୟତା ବିବର୍ତ୍ତନ କାହାଣୀରେ ସବୁଠାରୁ ବିପ୍ଳବୀ ବୋଲି ବିବେଚନା କରାଯାଏ। ଏହାଦ୍ୱାରା ମଣିଷ ଅନ୍ଧାରକୁ ଜୟ ଏବଂ ରାତିକୁ ଦିନରେ ପରିଣତ କରି କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥିଲା। ଆମେ ଏହାକୁ ପ୍ରଗତି ଓ ଆଧୁନିକତା ବୋଲି କହୁଛନ୍ତି। କିନ୍ତୁ ଆଜି ଏହି ବିଜୟ ଆମର ସର୍ବବୃହତ ଜୈବିକ ପରାଜୟର କାରଣ ହେବାକୁ ଯାଉଛି। ସୁବିଧା ପାଇଁ ଆମେ ଯେଉଁ କୃତ୍ରିମ ଆଲୋକ ଉଦ୍ଭାବନ କରିଥିଲୁ ତାହା ଏବେ ଏକ ଅଦୃଶ୍ୟ ବିପଦ ପାଲଟିଛି। ଯାହା ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ, ବିଶେଷକରି ଆମର ହୃଦୟକୁ, ଆକ୍ରମଣ କରୁଛି। ସାମ୍ପ୍ରତିକ ବୈଜ୍ଞାନିକ ଅଧ୍ୟୟନ ଗମ୍ଭୀର ବିପଦ ବିଷୟରେ ଆମକୁ ଚେତାବନୀ ଦେଉଛି। ଏହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ଆମର ସମଗ୍ର ଆଧୁନିକ ଜୀବନଶୈଳୀକୁ ପ୍ରଶ୍ନ କରୁଛି। ଏହି ଅନାବଶ୍ୟକ 'ରାତ୍ରିଆଲୋକ' ଆମ ହୃଦୟ ପାଇଁ 'ସ୍ଲୋପଏଜନ୍' ପାଲଟିଛି।

ଆମମଧ୍ୟରୁ ଅଧିକାଂଶ ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ। ଆମେ ଆଲୋକକୁ ସୁରକ୍ଷା ଓ ସକାରାତ୍ମକତା ସହିତ ଯୋଡ଼ିଥାଉ ଏବଂ ଅନ୍ଧାରକୁ ଭୟ ସହିତ। ହେଲେ ଜୀବ ବିଜ୍ଞାନ ଦୃଷ୍ଟିକୋଣରୁ ବାସ୍ତବତା ଠିକ୍ ବିପରୀତ। ସାମ୍ପ୍ରତିକ ଗବେଷଣା ନିଶ୍ଚିତ କରିଛି ଯେ ରାତିରେ କୃତ୍ରିମ ଆଲୋକର ସଂସ୍ପର୍ଶରେ ଆସିବା କେବଳ ନିଦକୁ ବାଧା ଦିଏ ନାହିଁ, ବରଂ ଏହା ଜୀବନଘାତକ ହୃଦ୍‌ରୋଗର ଏକ ପ୍ରତ୍ୟକ୍ଷ ଓ ପ୍ରମୁଖ କାରଣ ମଧ୍ୟ। ଏହି ଅଧ୍ୟୟନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଚେତାବନୀ ଭାବରେ କାର୍ଯ୍ୟ କରେ, ଯେଉଁମାନେ ଭାବନ୍ତି ରାତିରେ ଧୀରଆଲୋକ ଯେପରି ଟିଭି କିମ୍ବା ଫୋନ୍ ବ୍ୟବହାର ସେତେଟା କ୍ଷତିକାରକ ନୁହେଁ।

ପରିସଂଖ୍ୟାନ ଦୃଷ୍ଟିରୁ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ମନେହୁଏ। ଗବେଷକମାନେ କହିଛନ୍ତି, ରାତିରେ ଅତ୍ୟଧିକ ଉଜ୍ଜ୍ୱଳ କିମ୍ବା ନିରନ୍ତର କୃତ୍ରିମ ଆଲୋକର ସମ୍ମୁଖୀନ ହେଉଥିବା ଲୋକଙ୍କ ହୃଦଘାତର ବିପଦ ଆଶଙ୍କା ୫୬ ପ୍ରତିଶତ ବୃଦ୍ଧି ପାଏ। ଏହାକୁ ଚିକିତ୍ସା ବିଜ୍ଞାନରେ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସେହିପରି ଷ୍ଟ୍ରୋକ୍ କିମ୍ବା ଅନ୍ୟାନ୍ୟ ଜୀବନ-ବିପର୍ଯ୍ୟୟ ଅବସ୍ଥାର ବିପଦ ୩୦ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି। ଏଗୁଡ଼ିକ କେବଳ କାଗଜରେ ଥିବା ସଂଖ୍ୟା ନୁହେଁ, ବରଂ ଅଜ୍ଞତା ଯୋଗୁଁ ଅକାଳରେ ହରାଇଥିବା ଲକ୍ଷ ଲକ୍ଷ ଜୀବନର କାରକ। ଏହି ଗବେଷଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ଏହି ବିପଦ ସେମାନଙ୍କ ମଧ୍ୟରେ ମଧ୍ୟ ସମାନ ଭାବରେ ପଡୁଛି, ଯେଉଁମାନେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ କାର୍ଯ୍ୟକଳାପ ପ୍ରତି ଅତ୍ୟନ୍ତ ସତର୍କ ଥିଲେ। ଆମେ ପ୍ରାୟତଃ ଭାବୁଛନ୍ତି ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ଧୂମପାନରୁ ଦୂରରେ ରହିଲେ ଆମର ହୃଦୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। କିନ୍ତୁ ଏହି ନୂତନ ଅଧ୍ୟୟନ ଏହି ଧାରଣାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦିଏ।

ଆପଣ ସାରା ଦିନ ଯେତେ ପରିଶ୍ରମ କରନ୍ତୁ କିମ୍ବା ଆପଣଙ୍କ ଖାଦ୍ୟ ଯେତେ ପୁଷ୍ଟିକର ହେଉ, ଯଦି ଆପଣ ରାତ୍ରି ଅନ୍ଧାରରେ ବିଶ୍ରାମ ନିଅନ୍ତି ନାହିଁ, ତେବେ ଆପଣଙ୍କ ହୃଦୟ ବିପଦରେ ପଡ଼ିପାରେ। ଏହି ତଥ୍ୟ ସ୍ୱାସ୍ଥ୍ୟ ଜଗତରେ ଏକ ନୂତନ ଉଦାହରଣ ସ୍ଥାପନ କରେ, ଯେଉଁଠାରେ ଅନ୍ଧକାର ବର୍ତ୍ତମାନ ଭିଟାମିନ୍ ଓ ବ୍ୟାୟାମ ପରି ଭଲ ସ୍ୱାସ୍ଥ୍ୟର ଏକ ଅତ୍ୟାବଶ୍ୟକ ସ୍ତମ୍ଭ ପାଲଟିଛି। ଏହି ବିପଦକୁ ବୁଝିବା ପାଇଁ ଆମକୁ ମାନବ ଶରୀରର ବିବର୍ତ୍ତନ ଇତିହାସ ଏବଂ ଜୈବିକ ଗଠନକୁ ବୁଝିବାକୁ ପଡ଼ିବ।

ଲକ୍ଷ ଲକ୍ଷ ବର୍ଷ ଧରି ମାନବ ଶରୀର ପୃଥିବୀର ଘୂର୍ଣ୍ଣନ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ପ୍ରାକୃତିକଚକ୍ର ସହିତ ସମନ୍ୱୟରେ ବିକଶିତ ହୋଇଛି। ଆମର ପୂର୍ବପୁରୁଷମାନେ ଦିବାଲୋକରେ ଶିକାର କରିବା ସହ ଅନ୍ୟାନ୍ୟ କାର୍ଯ୍ୟକଳାପ କରୁଥିଲେ ଏବଂ ରାତିର ଅନ୍ଧକାରରେ ବିଶ୍ରାମ ନେଉଥିଲେ। ଲକ୍ଷ ଲକ୍ଷ ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟା ଆମ ଡିଏନ୍‌ଏ ରେ ଏକ ଜୈବିକ ଘଣ୍ଟା ସ୍ଥାପିତ କରିଛି। ସୂର୍ଯ୍ୟ ଅସ୍ତ ହେବା ପରେ ଆମର ମସ୍ତିଷ୍କ ଆଖିର ରେଟିନା ମାଧ୍ୟମରେ ଏକ ବାର୍ତ୍ତା ପାଏ ଯେ କାମ କରିବା ବନ୍ଦ କରିବା ଏବଂ ବିଶ୍ରାମ ନେବାର ସମୟ ଆସିଛି। ଏହି ବାର୍ତ୍ତା ପାଇବା ପରେ ଆମର ମସ୍ତିଷ୍କ ପାଇନିଆଲ୍ ଗ୍ରନ୍ଥି ମାଧ୍ୟମରେ ମେଲାଟୋନିନ୍ ନାମକ ଏକ ବିଶେଷ ହରମୋନ୍ ଉତ୍ପାଦନ କରିବା ଆରମ୍ଭ କରେ। ମେଲାଟୋନିନ୍‌କୁ ପ୍ରାୟତଃ ନିଦ୍ରା ହରମୋନ୍ ଭାବରେ ଚିନ୍ତା କରାଯାଏ। ବାସ୍ତବରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। ରାତିରେ ଯେତେବେଳେ ମେଲାଟୋନିନ୍ କ୍ଷରଣ ହୁଏ, ଏହା ଆମ ଶରୀରର ତାପମାତ୍ରାକୁ ସାମାନ୍ୟ ହ୍ରାସ କରେ, ଆମର ରକ୍ତଚାପକୁ ନିୟନ୍ତ୍ରଣ ଏବଂ ଆମର ହୃଦସ୍ପନ୍ଦନକୁ ଧୀର ଓ ସ୍ଥିର କରେ।

ଦିନସାରା ବ୍ୟସ୍ତବହୁଳ କାର୍ଯ୍ୟସୂଚୀ, ଚାପ ଓ ପ୍ରଦୂଷଣ ଯୋଗୁଁ ଆମର ରକ୍ତବାହୀ ନଳୀ ଓ ହୃଦୟ ମାଂସପେଶୀରେ ହେଉଥିବା ଅଣୁ କ୍ଷୟ ଏହି ଅନ୍ଧାର ସମୟରେ ମେଲାଟୋନିନ୍ ତତ୍ତ୍ୱାବଧାନରେ ମରାମତି କରାଯାଏ। ଏହା ଏକ ପ୍ରାକୃତିକ ମରାମତି ପ୍ରଣାଳୀ, ଯାହା ଆମ ଶରୀରକୁ ପରଦିନ ପାଇଁ ସତେଜ କରିଥାଏ। ସହରୀକରଣ ଏହି ସମସ୍ୟାକୁ ଅଣଦେଖା କରିଛି। ଆମେ ଏପରି ସହରରେ ରହୁଛନ୍ତି ଯେଉଁଠାରେ ନିରନ୍ତର ଆଲୋକିତ। ଏହାକୁ ଆଲୋକ ପ୍ରଦୂଷଣ କୁହାଯାଏ। ପୂର୍ବରୁ ପ୍ରଦୂଷଣର ଅର୍ଥ କେବଳ ବାୟୁ କିମ୍ବା ଜଳ ପ୍ରଦୂଷଣକୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ଆଲୋକ ମଧ୍ୟ ପ୍ରଦୂଷଣର ଏକ ରୂପ ହୋଇଗଲାଣି, ଯାହା ପ୍ରତିଦିନ ଆମର ସ୍ୱାସ୍ଥ୍ୟକୁ ନଷ୍ଟ କରେ। ବୈଜ୍ଞାନିକମାନେ ଏବେ ଗୁରୁତ୍ୱ ଦେଉଛନ୍ତି ଯେ ରାତିର ଆଲୋକ ମଧୁମେହ ଓ ସ୍ଥୂଳକାୟ ପରି ମେଟାବୋଲିକ୍ ସମସ୍ୟାରେ ଯୋଗଦାନ କରେ, ଯାହା ଫଳରେ ହୃଦରୋଗ ହୁଏ।

ଏହି ଗମ୍ଭୀର ବିପଦକୁ ଏଡ଼ାଇବା ସମ୍ପୂର୍ଣ୍ଣ ଆମ ହାତରେ। ପ୍ରଥମେ, ଆମ ଶୟନ କକ୍ଷରେ ଅନ୍ଧାରକୁ ପ୍ରାଥମିକତା ଦେବା ଉଚିତ। ନିଶ୍ଚିତ କରନ୍ତୁ ଯେ କୌଣସି ଉତ୍ସରୁ ଆଲୋକ ଯେପରି କୋଠରିରେ ପ୍ରବେଶ ନ କରେ। ଶୋଇବା ସମୟର ଅତିକମରେ ଗୋଟିଏ ଘଣ୍ଟା ପୂର୍ବରୁ ମୋବାଇଲ୍ ଫୋନ୍, ଲାପଟପ୍, ଟାବଲେଟ୍ ଓ ଟେଲିଭିଜନ ବନ୍ଦ କରନ୍ତୁ। ଏହି ଉପକରଣଗୁଡ଼ିକରୁ ନିର୍ଗତ ନୀଳ ଆଲୋକ ମେଲାଟୋନିନ୍ ହରମୋନ୍ ଉତ୍ପାଦନକୁ ବାଧା ଦେବାରେ ଏକ ପ୍ରମୁଖ କାରଣ। ପ୍ରକୃତରେ ରାତିର ଅନ୍ଧାର କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ଆମ ଶରୀର ଓ ହୃଦୟ ପାଇଁ ଅତ୍ୟାବଶ୍ୟକ। ଆମେ ନିଜର ସୁବିଧା ପାଇଁ ଏହି ଅନ୍ଧାର ଉପରେ ଯେଉଁ ଆଲୋକ ଲଦିଥାଉ ତାହା ଆମ ଜୀବନକୁ ଛୋଟ କରିପାରେ। ଆମ ହୃଦୟକୁ ସୁସ୍ଥ ରଖିବା ପାଇଁ ପ୍ରାକୃତିକ ରାତି ସହିତ ପୁନଃଅନୁକୂଳ ହେବାକୁ ପଡ଼ିବ। ଏହି ଛୋଟ ପରିବର୍ତ୍ତନ ଆମ ହୃଦୟକୁ ଦୀର୍ଘ ଓ ସୁସ୍ଥ ଜୀବନ ବଞ୍ଚିବାର ସୁଯୋଗ ଦେବ। ଯେତେବେଳେ ବାହାରେ ଆଲୋକ ଲିଭେ, ସେତେବେଳେ ହିଁ ଜୀବନର ଶିଖା ଆମ ଭିତରେ ଜଳେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ମହାପ୍ରଭୁଙ୍କ ରତ୍ନହାରର ହୀରା

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ମଧ୍ୟଭାରତରେ ସୈନ୍ୟବଡ଼ ନାମକ ଏକ ଛୋଟ ରାଜ୍ୟ ଥିଲା। ରାଜା ଦୀନ ସଲାହ ସିଂହ ଦୁର୍ବଳ ଥିଲେ ମଧ୍ୟ ସେନାପତି ଦାୟିତ୍ୱରେ ଥିବା ତାଙ୍କ ପୁତୁରା ଅଙ୍ଗଦ ସିଂହଙ୍କ ପରାକ୍ରମ ଓ ଯୁଦ୍ଧ କୌଶଳରେ ଭୟଭୀତ ହୋଇ ପଡ଼ୋଶୀ ରାଜ୍ୟମାନେ ସୈନ୍ୟବଡ଼ ଉପରେ ଆକ୍ରମଣ କରୁ ନ ଥିଲେ। କିନ୍ତୁ ନିଜର ବଳ ଓ ପରାକ୍ରମକୁ ନେଇ ଅଙ୍ଗଦଙ୍କ ମନରେ ବହୁତ ଗର୍ବ ଥିଲା। ସେ ବିଳାସ, ବ୍ୟସନ, ଖେଳ, କୌତୁକ ଓ ମୃଗୟାରେ ଅନେକ ସମୟ ଅତିବାହିତ କରୁଥିଲେ। ପ୍ରଜାମାନେ ତାଙ୍କ ଦ୍ୱାରା ଅତ୍ୟାଚାରିତ ହେଉ ଥିଲେ ମଧ୍ୟ ପ୍ରତିବାଦ କରିବା ପାଇଁ ସାହସ କରୁ ନ ଥିଲେ। ସମୟକ୍ରମେ ରାଜା ଜଣେ ସର୍ବଗୁଣସଂପନ୍ନା ସୁନ୍ଦରୀ କନ୍ୟା ସହ ଅଙ୍ଗଦଙ୍କ ବିବାହ କରାଇ ଦେଲେ। କନ୍ୟାଟି ଧର୍ମ ପରାୟଣା ଓ ସାଧ୍ୱୀ ପ୍ରକୃତିର ଥିଲେ। ସେ ମନଧ୍ୟାନ ଦେଇ ସ୍ୱାମୀଙ୍କର ସେବାଯତ୍ନ କରୁଥିଲେ ଏବଂ ବାକି ସମୟ ଭଗବତ ଆରାଧନା ଓ ସାଧୁସନ୍ଥଙ୍କର ସେବାରେ ଅତିବାହିତ କରୁଥିଲେ।

ଦିନେ ଅଙ୍ଗଦ ଘରକୁ ଆସି ଦେଖିଲେ ଯେ ତାଙ୍କ ବଂଶର କୁଳଗୁରୁ ଅଗଣାରେ ତାଙ୍କ ପତ୍ନୀଙ୍କୁ ପ୍ରବଚନ ଦେଉଥିଲେ। ପ୍ରବଚନ ଶୁଣିବାରେ ମଗ୍ନ ଥିବାରୁ ଅଙ୍ଗଦ ଘରକୁ ଆସିବା କଥା ପତ୍ନୀ ଲକ୍ଷ୍ୟ କରି ପାରି ନ ଥିଲେ। ଏହା ଦେଖି ଅଙ୍ଗଦ ରାଗୀଯାଇ ଘର ଭିତରକୁ ଚାଲିଗଲେ। ଅଙ୍ଗଦଙ୍କର ଏପ୍ରକାର ହାବଭାବ ଗୁରୁଙ୍କ ଦୃଷ୍ଟିରେ ପଡ଼ିଲା। ସେ ସଂଗେସଂଗେ ସେ ସ୍ଥାନ ତ୍ୟାଗ କଲେ। ଧର୍ମପରାୟଣା ଅଙ୍ଗଦଙ୍କ ପତ୍ନୀ ଏ ଘଟଣା ଦେଖି ଦୁଃଖରେ ମୂର୍ଚ୍ଛା ଗଲେ। ଚେତନା ଫେରିବା ପରେ ସେ ଅଙ୍ଗଦଙ୍କୁ ଗୁରୁଙ୍କ ପ୍ରତି ଅସତ୍ ଆଚରଣ ଶାସ୍ତ୍ରବିରୋଧୀ ବୋଲି କହିଲେ। ଏ କଥା ଅଙ୍ଗଦଙ୍କୁ ଗଭୀର ପ୍ରଭାବିତ କଲା। ସେ ସ୍ତ୍ରୀ ସହ ସତ୍‌ମାର୍ଗରେ ସହଯାତ୍ରୀ ହେବା ପାଇଁ ସଙ୍କଳ୍ପ କଲେ। ରାଜପ୍ରଦତ୍ତ ସମସ୍ତ ବିଳାସବ୍ୟସନ ତ୍ୟାଗ କରି ସାତ୍ତ୍ୱିକ, ସାଧୁ ଓ ପରୋପକାରୀର ଜୀବନଯାପନ କଲେ। ଈଶ୍ୱର ଆରାଧନା, ଧ୍ୟାନ, ତପ ଓ ତୀର୍ଥାଟନରେ ଅଧିକ ଧ୍ୟାନ ଦେଲେ। ତୀର୍ଥଭ୍ରମଣ ସମୟରେ ସେ ଶୁଣିବାକୁ ପାଇଲେ ଯେ ଉତ୍କଳ ଦେଶର ନୀଳାଚଳରେ ସ୍ୱୟଂ ପରଂବ୍ରହ୍ମ ଦାରୁ ସ୍ୱରୂପରେ ବିରାଜମାନ କରି ଦର୍ଶନମାତ୍ରେ ସମସ୍ତ ପାପରୁ ମୁକ୍ତି ପ୍ରଦାନ କରୁଛନ୍ତି। ସମୟକ୍ରମେ ସେ ମହାପ୍ରଭୁଙ୍କର ଜଣେ ସମର୍ପିତ ଭକ୍ତ ହୋଇଗଲେ।

ଇତିମଧ୍ୟରେ ଦିଲ୍ଲୀର ଯବନ ସମ୍ରାଟ ସୈନ୍ୟଗଡ଼ ଆକ୍ରମଣ କଲେ। ସଲାହ ସିଂହ ଅଙ୍ଗଦଙ୍କ ସହାୟତା ଲୋଡ଼ିଲେ। ମାତୃଭୂମିର ସୁରକ୍ଷା ପାଇଁ ଅଙ୍ଗଦ ପୁଣି ଯୁଦ୍ଧ କଲେ ଏବଂ ଜୟଲାଭ କରି ବିଜୟର ସ୍ମାରକୀରୂପେ ଦିଲ୍ଲୀ ସମ୍ରାଟଙ୍କ ମୁକୁଟ ନେଇଆସିଲେ। ବିଜୟ ଭେଟିସ୍ୱରୂପ ମୁକୁଟଟିକୁ ରାଜାଙ୍କୁ ଦେବାକୁ ଗଲା ବେଳେ ସେଥିରେ ଲାଗିଥିବା ଏକ ଅମୂଲ୍ୟ ହୀରା ଉପରେ ଅଙ୍ଗଦଙ୍କର ଆଖି ପଡ଼ିଲା। ସେ ଭାବିଲେ ଯେ ଏହି ହୀରା କେବଳ ମହାପ୍ରଭୁ ଧାରଣ କରିବା ଉଚିତ ହେବ। ତେଣୁ ହୀରାଟିକୁ ବାହାର କରି ନିଜ ପାଖରେ ରଖିଲେ ଏବଂ ମୁକୁଟ ରାଜାଙ୍କୁ ପ୍ରଦାନ କଲେ। ବଳ ପ୍ରୟୋଗ କରି ହୀରା ହାସଲ କରିବାର ସାହସ ସଲାହ ସିଂହଙ୍କର ନ ଥିଲା। ତେଣୁ ସେ ଛଳରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବାକୁ ଯୋଜନା କଲେ। ଏ କାମ ପାଇଁ ରାଜା ଅଙ୍ଗଦଙ୍କ ଭଉଣୀକୁ ନିୟୋଜିତ କଲେ। ଭଉଣୀ ରାଜାଜ୍ଞା ପାଳନ କରି ଭାଇର ଖାଦ୍ୟରେ ବିଷ ମିଶେଇ ଦେଲେ। ଅଙ୍ଗଦ ଖାଦ୍ୟକୁ ମହାପ୍ରଭୁଙ୍କୁ ସମର୍ପଣ କରି ଖାଇବାକୁ ଯାଉଥିବା ବେଳେ ଭଉଣୀର ମନରେ ହଠାତ୍ ପରିବର୍ତ୍ତନ ଆସିଲା। ସେ ସବୁ କଥା କହି ନ ଖାଇବା ପାଇଁ ଅନୁରୋଧ କଲେ। ଅଙ୍ଗଦ କହିଲେ, 'ଏ ଭୋଜନ ମହାପ୍ରଭୁଙ୍କୁ ସମର୍ପିତ। ତେଣୁ ଏହା ମହାପ୍ରସାଦ। ମହାପ୍ରସାଦର ଅବମାନନା ମୁଁ କରିବି ନାହିଁ।' ମହାପ୍ରଭୁଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁଁ ବିଷମିଶା ଖାଦ୍ୟ ଅଙ୍ଗଦଙ୍କ ଉପରେ କୌଣସି ପ୍ରଭାବ ପକାଇପାରିଲା ନାହିଁ।

ଏହି ଘଟଣା ପରେ ଅଙ୍ଗଦ ରାଜ୍ୟ ତ୍ୟାଗ କରି ସସ୍ତ୍ରୀକ ହୀରା ସହ ନୀଳାଚଳ ଯାତ୍ରା କଲେ। ସଲାହ ସିଂହ ରାସ୍ତାରେ ଅଙ୍ଗଦଙ୍କୁ ହତ୍ୟା କରି ହୀରା ହାସଲ କରିବା ପାଇଁ ସୈନିକଙ୍କୁ ପଠେଇଲେ। ନିରସ୍ତ୍ର ଅଙ୍ଗଦ ସେମାନଙ୍କ ସହ ଦ୍ୱନ୍ଦ୍ୱ ନ କରି ହୀରାଟିକୁ କୌଶଳକ୍ରମେ ଏକ ପୋଖରୀକୁ ଫିଙ୍ଗି ଦେଇ ପ୍ରାର୍ଥନା କଲେ, 'ମହାପ୍ରଭୁ ବଳୀଆର ଭୁଜ! ତୁମକୁ ସମର୍ପିତ ହୀରାକୁ ରକ୍ଷା କରିବାରେ ମୁଁ ଅସମର୍ଥ। ତୁମ ପଦାର୍ଥ ତୁମେ ରକ୍ଷାକର।' ମହାପ୍ରଭୁ ପ୍ରଲମ୍ବିତ ହାତ ବଢ଼େଇ ହୀରାଟିକୁ ନେଇ ନିଜ ରତ୍ନହାରରେ ଲଗେଇ ହାରଟିକୁ ଗଳାରେ ପକେଇଲେ। ହୀରା ନ ପାଇବାରୁ ସୈନିକମାନେ ଅଙ୍ଗଦଙ୍କୁ ଛାଡ଼ିଦେଲେ। ଅଙ୍ଗଦ ନୀଳାଚଳ ଚାଲିଗଲେ। ପ୍ରଥମ ଦିନ ମହାପ୍ରଭୁଙ୍କୁ ଦର୍ଶନ କଲା ବେଳେ ସେ ଦେଖିଲେ ମହାପ୍ରଭୁ ସେହି ମହାର୍ଘ ହୀରା ଖଚିତ ହାର ଗଳାରେ ପିନ୍ଧି ମନ୍ଦମନ୍ଦ ହସୁଥିଲେ। ସେ ମହାପ୍ରଭୁଙ୍କୁ ପ୍ରଣାମ କରି ବାକି ଜୀବନ ତାଙ୍କ ସେବାରେ ଅତିବାହିତ କରିବାର ସଙ୍କଳ୍ପ ନେଲେ। କୁହାଯାଏ ଯେ ଆଜି ମଧ୍ୟ ସେ ହୀରା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ମଣ୍ଡନ କରୁଛି। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜର୍ଡା ରେଞ୍ଜରେ ହାତୀ ଶାବକ ମୃତ



ବଣାଇଁ,୧୩।୧(ସମିସ): ବଣାଇଁ ବନଖଣ୍ଡ ଜର୍ଡା ରେଞ୍ଜ ମଜୁରଡିମା ସେକ୍ସନ କେଲୋ ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଶାବକର ମୃତ୍ୟୁ ହୋଇଛି। କିଛି ଦିନ ହେବ, ମଜୁରଡିମା ସେକ୍ସନ ଅଞ୍ଚଳରେ ୯ ଘରିଆ ଏକ ହାତୀପଲ ଘୂରି ବୁଲୁଛନ୍ତି। ସେଥିମଧ୍ୟରୁ ସୋମବାର କୌଣସି କାରଣରୁ ଏକ ଶାବକର ମୃତ୍ୟୁ ଘଟିଥିବା ବନ ବିଭାଗକୁ ଖବର ମିଳିଥିଲା। ମୃତ ଶାବକ ନିକଟରେ ହାତୀପଲ ଜଗି ରହିଥିବାରୁ ଘଟଣାସ୍ଥଳକୁ ଯିବା ବନ ବିଭାଗ ପକ୍ଷେ ସମ୍ଭବ ହୋଇନଥିଲା। ଆଜି ବନ ଅଧିକାରୀ, ପ୍ରାଣୀ ଚିକିତ୍ସକ ଓ ଉଦ୍ଧାରକାରୀ ଦଳ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଲଗାତାର ଟ୍ରାକିଂ ପରେ ହାତୀ ଶାବକର ମୃତ ଦେହକୁ ବନବିଭାଗ ଉଦ୍ଧାର କରିଥିଲା। ସେଠାରେ ତା'ର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ, ଶାବକଟି ଜନ୍ମ ସମୟରେ ହିଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସଠିକ୍ କାରଣ ଜାଣିବା ପାଇଁ ମୃତଦେହର ନମୁନା ସଂଗ୍ରହ କରି ଭୁବନେଶ୍ୱରକୁ ପଠାଯାଇଛି। ଘଟଣାସ୍ଥଳରେ ବଣାଇଁ ବନଖଣ୍ଡ ଦାୟିତ୍ୱରେ ଥିବା ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ବଣାଇଁ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ଜର୍ଡା ରେଞ୍ଜ ଅଧିକାରୀ ହରେଶ କିସାନ, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

# ଖୋଲୁନି ଓଏସ୍ଏସ୍ସି ୱେବସାଇଟ୍

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଶାୟୀ

ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଶାୟୀମାନେ ନାକେଦମ୍ ହେଲେଣି। ୱେବସାଇଟ୍ ଧିମେଇଧିମେଇ ଖୋଲୁଥିବାରୁ ଆବେଦନ ହୋଇପାରୁନାହିଁ। ଏପରିକି, ପରୀକ୍ଷା ଫି' ଦାଖଲ ସମୟରେ ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଟଙ୍କା କଟିଯାଉଥିଲେ ମଧ୍ୟ ଫି' ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉନାହିଁ। ବିଭିନ୍ନ ବୈଷୟିକ ସମସ୍ୟାକୁ ସମାଧାନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ସଚିବ ଓ ଓଏସ୍ଏସ୍ସି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସିଜିଏଲ୍ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖରେ ସରିବ।

**ଦୁର୍ଘଟଣା ପରେ ଚେତିଲେ ସରକାର**

# ବିନା ତାରପୋଲିନ୍‌ରେ ବାଲି ପରିବହନ କଲେ ଗାଡ଼ି ଜବତ

**ପରିବହନ କମିସନରଙ୍କ ପକ୍ଷରୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ**

କଟକ, ୧୩।୧(ସମିସ): ପରିବହନ ବେଳେ ବାଲି ବୋଝେଇ ଟ୍ରକ୍, ଟିପର ଏବଂ ଟ୍ରାକ୍ଟର୍‌ରୁ ବାଲି ଖସି ରାସ୍ତା ଉପରେ ଜମା ହେଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଳମ୍ବରେ ହେଲେ ହେଁ ଏହି ପ୍ରସଙ୍ଗରେ ଏବେ ସରକାରଙ୍କ ଚେତା ପଶିଛି। ବାଲି ପରିବହନ ନେଇ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ଏକ ନୂତନ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓମାନଙ୍କୁ ଚିଠି ଲେଖି କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ କମିସନର ଅମିତାଭ ଠାକୁର। ବିଶେଷକରି ବାଲି ବୋଝେଇ ଗାଡ଼ିଗୁଡ଼ିକ ପରିବହନ ବେଳେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ କରାଯାଇଛି। ଏହା ନକରି ବାଲି ପରିବହନ କରୁଥିବା ଗାଡ଼ି ଜବତ କରାଯିବା ସହ ଚାଲାଣ କଟାଯିବ ବୋଲି ନିର୍ଦ୍ଦେଶ ରହିଛି। ରାସ୍ତାରେ ବାଲି ପଡ଼ି ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ଏଭଳି କଡ଼ା ପଦକ୍ଷେପ ନେଇଛି ପରିବହନ ବିଭାଗ।

ବାଲି ବୋଝେଇ ଗାଡ଼ିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ତାରପୋଲିନ୍ କିମ୍ବା ଏଚଡିପିଇ କଭର ଦ୍ୱାରା ଢାଙ୍କି ହୋଇ ରହିବା ଆବଶ୍ୟକ ଏବଂ ଏହାକୁ ଚାରିଆଡୁ ଭଲ ଭାବରେ ବନ୍ଧାଯିବା ଜରୁରୀ। ଗାଡ଼ିର ସମସ୍ତ ପାର୍ଶ୍ୱ ବୋର୍ଡଗୁଡ଼ିକ ସଠିକ୍ ଭାବରେ ଲକ୍ ହୋଇ ରହିବା ଉଚିତ। ଏଥିସହିତ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ବାଲି ବୋଝେଇ କରିବା ମଧ୍ୟ ନିଷେଧ କରାଯାଇଛି। ଯଦି କୌଣସି ଗାଡ଼ି ଖୋଲା କିମ୍ବା ଆଂଶିକ ଭାବେ ଢଙ୍କା ହୋଇ ଯାତାୟାତ କରୁଥିବା ମିଳେ, ତାହାକୁ ଅସୁରକ୍ଷିତ ପରିବହନ ଭାବେ ବିଚାର କରାଯିବ। ଏଭଳି କ୍ଷେତ୍ରରେ ତୁରନ୍ତ ଇ-ଚାଲାଣ କଟାଯିବା ସହ ଆବଶ୍ୟକସ୍ଥଳେ ଗାଡ଼ିକୁ ଜବତ କରାଯିବ ବୋଲି କୁହାଯାଇଛି। ଆରଟିଓ ଏବଂ ପୁଲିସ୍ ପକ୍ଷରୁ ମିଳିତ ଭାବେ ବାଲି ଘାଟ, ଜାତୀୟ ରାଜପଥ ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ନିୟମିତ ଯାଞ୍ଚ କରାଯିବ। ବିଶେଷକରି ଟ୍ରାକ୍ଟର ଏବଂ ଟିପର ଗୁଡ଼ିକ ଉପରେ ଅଧିକ ନଜର ରଖାଯିବ।

କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ ଅନୁଯାୟୀ ଖୋଲା ଗାଡ଼ିରେ ଯେକୌଣସି ସାମଗ୍ରୀ ନେବା ସମୟରେ ତାକୁ ଘୋଡ଼ାଇବା ବାଧ୍ୟତାମୂଳକ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖାଯାଇ ବାଲିଘାଟ ସ୍ତରରେ ହିଁ କଡ଼ା ପ୍ରତିବନ୍ଧକ ଲଗାଇବାକୁ କହିଛନ୍ତି। ବାଲିଘାଟରୁ କୌଣସି ବି ଗାଡ଼ି ବାଲି ଲୋଡ୍ କରି ବାହାରିବା ପୂର୍ବରୁ ତାହାକୁ ସମ୍ପୂର୍ଣ୍ଣ ରୂପେ ତାରପୋଲିନ ଘୋଡ଼ାଇବା ବାଧ୍ୟତାମୂଳକ। ଯଦି ବାଲିଗାଡ଼ି ସଠିକ୍ ଭାବେ ପଲିଥିନ ବା ତାରପୋଲିନରେ ଢଙ୍କା ନଯାଏ, ତେବେ ସେହି ଗାଡ଼ିକୁ ଘାଟରୁ ବାହାରକୁ ଛଡ଼ାନଯିବା ସୁନିଶ୍ଚିତ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। କୌଣସି ଲିଜ୍‌ଧାରୀ କିମ୍ବା ଅପରେଟର୍ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ଲିଜ୍ କିମ୍ବା ଅନୁମତିପତ୍ର ରଦ୍ଦ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଲଘୁ ଖଣିଜ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାଲିଘାଟରୁ ବାହାରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ ପାଇଁ ଯେଉଁ ସ୍ଥାନରେ ସିସିଟିଭି କ୍ୟାମେରା ଅଛି, ସେଠାରେ ଗାଡ଼ିଗୁଡ଼ିକ ଢାଙ୍କି ହୋଇ ବାହାରୁଛି କି ନାହିଁ ତାହାର ଭିଡିଓ ରେକର୍ଡିଂ କରାଯିବା ପାଇଁ ପରିବହନ ବିଭାଗ ପ୍ରସ୍ତାବ ଦେଇଛି।

# କାଳ ହେଲା ଖେଳଣା; ଶିଶୁର ଆଖି ନଷ୍ଟ



ଟିଟିଲାଗଡ଼,୧୩।୧(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ଶଗଡ଼ଘାଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପିଲାଙ୍କୁ ଆକୃଷ୍ଟ କରିବାକୁ କୁରକୁରେ ପ୍ୟାକେଟ୍ ଭିତରେ ଥିବା ଏକ ଖେଳଣା ଗୋଟିଏ କୁନି ଶିଶୁ ପାଇଁ କାଳ ହୋଇଛି। ଖେଳଣାଟିରେ ନିଆଁ ଲଗାଇବା ବେଳେ ତାହା ବିସ୍ଫୋରଣ ହେବାରୁ ଶିଶୁଟିର ଆଖି ନଷ୍ଟ ହୋଇଯାଇଛି। ସେ ହେଲା, ଲବ ହରପାଳଙ୍କ ୮ ବର୍ଷର ପୁଅ ଅଙ୍କେଶ। ଶନିବାର ଅଙ୍କେଶ ଗାଁର ଏକ ଦୋକାନରୁ କୁରକୁରେ ପ୍ୟାକେଟ କିଣିଥିଲା। ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇଦେବା ମାତ୍ରେ ତାହା ଜୋରରେ ଫୁଟି ଅଙ୍କେଶର ଆଖିରେ ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାକୁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ତା' ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାଯାଇଛି। ଏ ସଂପର୍କରେ ତା' ବାପା, ମା' ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲାଇଟ୍ ହାଉସ୍ ନାମକ ଏହି କୁରକୁରେକୁ ବନ୍ଦ କରିବା, କମ୍ପାନୀ ବିରୋଧରେ ପଦକ୍ଷେପ ନେବା ସହ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ମୃତ ବ୍ୟକ୍ତିଙ୍କ ନାମ ଜମି ପଟ୍ଟାରୁ ହଟାଇବା ପାଇଁ ମ୍ୟୁଟେସନ ପ୍ରକ୍ରିୟା ବାଧ୍ୟତାମୂଳକ: ହାଇକୋର୍ଟ

କଟକ,୧୩।୧(ସମିସ): ଜମିଜମା ରେକର୍ଡ (ଆରଓଆର) ସଂଶୋଧନ ସମ୍ପର୍କରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ଜଣେ ମୃତ ବ୍ୟକ୍ତିଙ୍କ ନାମ ଜମିଜମା ରେକର୍ଡରୁ କାଟିବା ପାଇଁ ଅଦାଲତ ସିଧାସଳଖ ଆଦେଶ ଦେଇପାରିବେ ନାହିଁ। ଏଥିପାଇଁ ଆଇନଗତ ମ୍ୟୁଟେସନ ପ୍ରକ୍ରିୟା ଅନୁସରଣ କରିବା ବାଧ୍ୟତାମୂଳକ ବୋଲି କହିଛନ୍ତି ହାଇକୋର୍ଟ। ଜୟନ୍ତୀ ବିଶ୍ୱାସ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ପ୍ରକାଶ କରିଛନ୍ତି। ସ୍ୱତ୍ୱାଧିକାରୀ ରେକର୍ଡ ବା ଜମିପଟ୍ଟାରୁ ଜଣେ ମୃତବ୍ୟକ୍ତିଙ୍କ ନାମ ହଟାଇବା ପାଇଁ ସିଧାସଳଖ ହାଇକୋର୍ଟରେ ଦାୟର ହୋଇଥିବା ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ। ମୃତ୍ୟୁ ପରେ କାହାର ନାମ ହଟାଇବା ପାଇଁ ସଂପୃକ୍ତ ପକ୍ଷଙ୍କୁ ପ୍ରଥମେ ତହସିଲଦାରଙ୍କ ନିକଟରେ ଏକ ମ୍ୟୁଟେସନ ମାମଲା ଦାୟର କରିବାକୁ ପଡ଼ିବ। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କ ଦ୍ୱାରା ତଦନ୍ତ ହେବା ଏକ ଜରୁରୀ ସର୍ତ୍ତ ବୋଲି ଅଦାଲତ କହିଛନ୍ତି। ତଦନ୍ତ ପରେ ହିଁ ତହସିଲଦାର ମୃତ ବ୍ୟକ୍ତିଙ୍କ ନାମ ହଟାଇବା ସହ ତାଙ୍କ ସ୍ଥାନରେ ଆଇନଗତ ଉତ୍ତରାଧିକାରୀଙ୍କ ନାମ ଲିପିବଦ୍ଧ କରିବା ପାଇଁ ଆଦେଶ ଦେଇପାରିବେ ବୋଲି ଅଦାଲତ କହିଛନ୍ତି। ଜଣେ ରେକର୍ଡଭୁକ୍ତ ଚାଷୀଙ୍କ ଆବେଦନକାରୀଙ୍କୁ କାଳିମେଲା ତହସିଲଦାରଙ୍କ ନିକଟରେ ଆଇନଗତ ଭାବେ ଆବେଦନ କରିବାକୁ ସ୍ୱାଧୀନତା ପ୍ରଦାନ କରାଯାଇଛି। ଏହି ଆବେଦନ ଆଧାରରେ ତହସିଲଦାର ଏକ ମ୍ୟୁଟେସନ୍ ମାମଲା ରୁଜୁ କରି, ତଦନ୍ତ ପୂର୍ବକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ମାଲକାନଗିରି ଜିଲ୍ଲା କାଳିମେଲା ତହସିଲ ଅନ୍ତର୍ଗତ ଏରବାନପାଲି ମୌଜାର ଉପରୋକ୍ତ ଆବେଦନକାରୀ ଏହି ମାମଲା ରୁଜୁ କରିଥିଲେ। ସେମାନଙ୍କ ଜଣେ ମୃତ ସମ୍ପର୍କୀୟଙ୍କ ନାମ ଏକ ଜମିଜମା ରେକର୍ଡରୁ ହଟାଇବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୁଲା କୁକୁର କାମୁଡ଼ିଲେ....

ହେବ। କେବଳ ନିୟମ ପାଳନ ହେଉ ବୋଲି କୋର୍ଟ ଚାହୁଁଛନ୍ତି। ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ ଭାରି କ୍ଷତିପୂରଣ ଧାର୍ଯ୍ୟ କରାଯିବ।

ଖଣ୍ଡପୀଠ କହିଥିଲେ ଯେ କୁକୁରଠାରେ ଏକ ସ୍ୱତନ୍ତ୍ର ପ୍ରକାରର ଭୂତାଣୁ ଥାଏ। ଏହାର କୌଣସି ଚିକିତ୍ସା ମଧ୍ୟ ନାହିଁ। ଏ ପର୍ଯ୍ୟନ୍ତ ଚାରି ଦିନ ଶୁଣାଣିରେ କେବଳ କୁକୁର ପାଇଁ ଭାବ ଥିବା ଦେଖିବାକୁ ମିଳୁଛି। ୯ ବର୍ଷର ଶିଶୁକୁ କୁକୁର କାମୁଡ଼ିଲେ କିଏ ଦାୟୀ ହେବ? ଏହି ପ୍ରସଙ୍ଗରେ କୋର୍ଟ ଆଖି ବନ୍ଦ କରିଦେବେ କି? ଜଣେ ମହିଳା ଓକିଲ ଶିଶୁଙ୍କୁ ରାସ୍ତାରୁ ହଟାଇବାକୁ କହିବାରୁ ଜଷ୍ଟିସ ମେହେଟା କହିଥିଲେ ଯେ ଏଭଳି କେମିତି କହିପାରୁଛନ୍ତି? କିଛି ଓକିଲ ଏଭଳି ଶିଶୁଙ୍କୁ ପୋଷ୍ୟ ନେବା ପାଇଁ ମାମଲା କରିବେ ବୋଲି ଆଶା। ୨୦୧୧ ପରଠାରୁ ସେ ମଣିଷ ପାଇଁ ଏଭଳି ଲମ୍ବା ବିତର୍କ କେବେ ଦେଖିନାହାନ୍ତି। ଏହା ସହିତ କୋର୍ଟ ଶୁଣାଣି ଶେଷ କରିଥିଲେ। ଆସନ୍ତା ୨୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ। ଏହା ବ୍ୟତୀତ କୁକୁର ପାଳିବାକୁ ଚାହୁଁଥିବା ଲୋକଙ୍କୁ ଲାଇସେନ୍ସ ନେବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

### ବଢ଼ିଲା ୭୦୦୦...

ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେନେଇ ଆମେ ବ୍ୟାପକ ପଦକ୍ଷେପ ନେବୁ। ସହାୟତା କେନ୍ଦ୍ର ସହ ଲୋକମାନଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ପ୍ରସ୍ତୁତି ପାଇଁ ନିର୍ବାଚନ ଆୟୋଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସେହି ନିର୍ଦ୍ଦେଶର ଅନୁପାଳନ କରାଯାଇଛି। ଅପରପକ୍ଷେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ସମାପ୍ତି ପରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ହେବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ଏସଆଇଆରକୁ ବିରୋଧୀ ଦଳ ଗୁଡ଼ିକ ପ୍ରବଳ ବିରୋଧ କରି ଆସୁଥିବା ବେଳେ ବିଜେଡି ମଧ୍ୟ ଏନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଏକ ସ୍ୱଚ୍ଛ ଏବଂ ସଠିକ୍ ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି। ମାତ୍ର ଯେଉଁଭଳି ଭାବେ ଏସଆଇଆର କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ। ମତଦାନ ଏକ ସାମ୍ବିଧାନିକ ଅଧିକାର। ଯେକୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡ଼ୁନାହାନ୍ତି, ତାହା ସୁନିଶ୍ଚିତ କରିବା ନିର୍ବାଚନ ଆୟୋଗଙ୍କ ଉତ୍ତର ଦାୟିତ୍ୱ। ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ ଦଳ କଦାପି ସମର୍ଥନ କରିବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

### ପୁଣି ଟ୍ରମ୍ପ ଟାରିଫ୍...

୫୦୦% ପର୍ଯ୍ୟନ୍ତ ଶୁଳ୍କର ସମ୍ମୁଖୀନ ହୋଇପାରନ୍ତି। ଏହା ଲାଗୁ ହେଲେ ଭାରତ ଉପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ମୋଟ ଟାରିଫ୍ ୫୭୫% ହୋଇଯିବ। ଯେହେତୁ ଭାରତ ଏବଂ ଇରାନ ମଧ୍ୟ ବାଣିଜ୍ୟ କାରବାର କରନ୍ତି, ତେଣୁ ଟ୍ରମ୍ପ ଇରାନ ସହିତ ବାଣିଜ୍ୟ ପାଇଁ ଭାରତ ଉପରେ ୨୫% ଶୁଳ୍କ ଲଗାଇପାରନ୍ତି। ତେଣୁ ଏହି ଟାରିଫର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଛି।

ଟ୍ରମ୍ପଙ୍କ ଅନୁଯାୟୀ, ଆମେରିକା ଇରାନର ହିଂସାତ୍ମକ ପ୍ରତିବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେହେରାନ୍ ଉପରେ ଚାପ ପକାଇବା ପାଇଁ ତା'ର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ୨୫% ଶୁଳ୍କ ଲାଗୁ କରୁଛି। ଇରାନରେ ଚାଲିଥିବା ପ୍ରତିବାଦରେ ଶହ ଶହ ଲୋକଙ୍କ ମୃତ୍ୟୁ ହୋଇଛି। ଆମେରିକାର ରାଷ୍ଟ୍ରପତି ବାରମ୍ବାର ତେହେରାନ୍‌କୁ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛନ୍ତି। ଯଦି ଇସଲାମିକ ଗଣରାଜ୍ୟ ସରକାର ବିରୋଧୀ ପ୍ରତିବାଦକାରୀଙ୍କ ବିରୋଧରେ ମାରାତ୍ମକ ଶକ୍ତି ବ୍ୟବହାର କରୁଛି, ତେବେ ଆମେରିକା ଆକ୍ରମଣ କରିବ ବୋଲି ଟ୍ରମ୍ପ କହିଛନ୍ତି।

### ଭିଡିଓ ଭାଇରାଲ...

କ୍ୱାର୍ଟରକୁ ନେଇ ଯାଇଥିଲା। ସେଠାରେ ସେ ତାକୁ ଦୁଷ୍କର୍ମ କରିଥିଲା। ଖାଲି ସେତିକି ନୁହେଁ, ଅଭିଯୁକ୍ତଜଣଙ୍କ ପୀଡ଼ିତାଙ୍କର କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ୍ କରିଦେବାର ଧମକ ଦେଇ ପରବର୍ତ୍ତୀ ସମୟରେ ମଧ୍ୟ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏହି ନିର୍ଯାତନା ଯୋଗୁଁ ନାବାଳିକାଜଣଙ୍କ ଗୁରୁତର ଅସୁସ୍ଥ ହୋଇପଡ଼ିବା ସହ ପ୍ରବଳ ରକ୍ତସ୍ରାବ ହେବାରୁ ସେ ସାହସ ଜୁଟାଇ ପରିବାରଲୋକଙ୍କୁ ସମସ୍ତ କଥା ଜଣାଇଥିଲା। ପରିବାର ପକ୍ଷରୁ ଏନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହେବା ପରେ ପୁଲିସ ନମ୍ବର ୨୨/୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମଳୟକୁ ଗିରଫ କରିଛି। ନାବାଳିକାଙ୍କର ଡାକ୍ତରୀମାଇନା କରାଯାଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ସରକାରଙ୍କୁ ୬ସପ୍ତାହ...

ନେବା ପାଇଁ କହିଛନ୍ତି ହାଇକୋର୍ଟ। ପ୍ରବୀର କୁମାର ଦାସ, ମନୋରଂଜନ ସାହୁ ଓ ସତୀଶ ବିଶ୍ୱାଳଙ୍କ ପକ୍ଷରୁ ରୁଜୁ ପୃଥକ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୨୪କୁ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ, ଲୋକାୟୁକ୍ତର ଅଧ୍ୟକ୍ଷ, ଜଣେ ବିଚାର ବିଭାଗୀୟ ସଦସ୍ୟ ଏବଂ ଅନ୍ୟ ଦୁଇ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ଗତ ୨୦୨୪ ମାର୍ଚ୍ଚ ୧୯, ୨୦୨୪ ମାର୍ଚ୍ଚ ୩୦, ୨୦୨୪ ଏପ୍ରିଲ୩ ଓ ଅଗଷ୍ଟ୭ରେ ଶେଷ ହୋଇଥିଲା। ଏଥିପାଇଁ ଗତ ୨୦୨୪ ଅଗଷ୍ଟ ୮ ତାରିଖରୁ ଲୋକାୟୁକ୍ତରେ ଅଚଳାବସ୍ଥା ଦେଖାଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ତତ୍କାଳୀନ ରାଜ୍ୟ ସରକାର ଗତ ୨୦୨୪ ଫେବୃଆରୀ ୨୧ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଚୟନ ଓ ସର୍ଚ୍ଚ କମିଟି ଗଠନ କରିଥିଲେ ସୁଦ୍ଧା ଅଦ୍ୟାବଧି ନିଯୁକ୍ତି ଦିଆଯାଇପାରି ନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

### ଘରେ ନ ପଶୁଣୁ...

ଘୋଷଣା ହୋଇସାରିଛି। ତେଣୁ ଖାରବେଳ ଭବନ ଓ ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର ଓ ରାଜ୍ୟ ବିଧାନ ସୌଧକୁ ଛାଡ଼ି ଦେଲେ ପାୱାର ହାଉସ ଛକ ଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଥିବା ସବୁ କାର୍ଯ୍ୟାଳୟ ଭଙ୍ଗାଯିବ ବୋଲି ମନ୍ତ୍ରୀଙ୍କ ମନ୍ତବ୍ୟ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୂର୍ତ୍ତମନ୍ତ୍ରୀଙ୍କ ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ ଅଫିସ ଖାରବେଳ ଭବନ ନିକଟରେ ନିର୍ମାଣ ହେବ। ଏହାପରେ ପାୱାର ହାଉସ ଛକକୁ ଲାଗି ଏଡିଏମ୍ ଅଫିସ, ଓସେପା ଅଫିସ୍ ପାଖରେ ନୂତନ ଲୋକସେବା ଭବନ ଅଫିସ୍ ରହିବ। ନୂଆ ବିଧାନ ସଭା ନିର୍ମାଣ ପରେ ପୁରୁଣା ବିଧାନସଭାକୁ ସନ୍ତକ ହିସାବରେ ରଖାଯିବ। ଏହାକୁ ମ୍ୟୁଜିୟମ ଭାବରେ ମଧ୍ୟ ବ୍ୟବହାର କରାଯିବ ଓ ଯଦି ଆଗକୁ ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ ପରିଷଦ ଗୃହ ଭାବେ ମଧ୍ୟ ବ୍ୟବହାର କରିହେବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟ କୋଠାଗୁଡ଼ିକ ଭାଙ୍ଗିବାକୁ ନେଇ କୌଣସି ଆପତ୍ତି ଥିଲେ ମଧ୍ୟ ମାତ୍ର ୨୭ ବର୍ଷ ତଳେ ନିର୍ମାଣ ହୋଇଥିବା ରାଜୀବ ଭବନର ଭଙ୍ଗାଯିବା ନିଷ୍ପତ୍ତିକୁ କେହି ଗ୍ରହଣ କରିପାରୁ ନାହାନ୍ତି। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାଁ ହଟାଇବା ପାଇଁ ଏହି ବିଲ୍ଡିଂକୁ ଭାଙ୍ଗିବାକୁ ବିଜେପି ସରକାର ଯୋଜନା କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ୧୯୯୭ ମସିହାରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହି ବିଲ୍ଡିଂର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ୧୯୯୮ ଅକ୍ଟୋବର ମାସରେ ଏହାର ଉଦ୍‌ଘାଟନ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ଏହି ଅଟ୍ଟାଳିକାକୁ ନାମିତ କରାଯାଇଥିଲା। ଏହି ବିଲ୍ଡିଂରେ ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ସମେତ ଏସ୍ଆରସି ଓ ଏସ୍‌ଡମା ଅଫିସ ମଧ୍ୟ ରହିଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଗସ୍ତ କରି ଏଠାରେ ଥିବା ରାଜ୍ୟ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର ବୁଲି ଦେଖିଥିଲେ ଓ ରାଜୀବ ଭବନକୁ ଆହୁରି ସ୍ମାର୍ଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର କେଇଟା ମାସ ନ ଯାଉଣୁ ଏହି ଭବନକୁ ଭାଙ୍ଗିବାକୁ ସରକାରଙ୍କ ଘୋଷଣା କେହି ଗ୍ରହଣ କରିପାରୁନାହାନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଏପରି ନିଷ୍ପତ୍ତିକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଏହାକୁ ଅତି ଆଦରରେ ନିର୍ମାଣ କରିଥିଲେ। ହେଲେ ସରକାର ରାଜ୍ୟ ତଥା ଦେଶରୁ ଗାନ୍ଧୀ ନାମ ହଟାଇବା ପାଇଁ ଏହି ଉପାୟ ଆପଣାଇଛନ୍ତି। ରାଜୀବ ଭବନ ନିର୍ମାଣ ପୂର୍ବରୁ ଷ୍ଟେଟ୍ ଗେଷ୍ଟ ହାଉସ, ଉତ୍କଳ ବିଶ୍ୱ ବିଦ୍ୟାଳୟ ସହ ଅନେକ ବଡ଼ ବଡ଼ ବିଲ୍ଡିଂ ନିର୍ମାଣ ହୋଇଛି। ଏଗୁଡ଼ିକୁ 'ଅନସେଫ୍' ଘୋଷଣା କରି ସରକାର ଭାଙ୍ଗିଦେବେ କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ରାଜୀବ ଭବନ ବିଲ୍ଡିଂର ସମସ୍ତ ତଥ୍ୟ ସରକାରଙ୍କୁ ମଗାଯିବ। କିପରି ସରକାର ଏହାକୁ ଅନସେଫ୍ କଲେ, ତାହା ପରେ ଦଳ ଆଗାମୀ ନିଷ୍ପତ୍ତି ନେବ। ଲୋକଙ୍କ ବିକାଶ ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ, ସେଥିପାଇଁ ଜିଜିଆ କର ଭଳି ଗାଡ଼ି ଚାଳକଙ୍କଠାରୁ ଟଙ୍କା ଆଦାୟ ହେଉଛି। ଏବେ କାହିଁକି ରାଜ୍ୟବାସୀଙ୍କ ଟଙ୍କାକୁ ଅପଚୟ କରିବାକୁ ସରକାର ଏହି ଉଦ୍ୟମ କରିଛନ୍ତି ବୋଲି କହି ଭକ୍ତ ସରକାରଙ୍କୁ ସମାଲୋଚନା କରିଛନ୍ତି।


GOVERNMENT OF ODISHA B-955

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR**

Phone/Fax: 0680-2233996, E-mail: sernb2.ganjam@gmail.com

INVITATION FOR BIDS (IFB) (e-Procurement)

TENDER CALL NOTICE

Bid Identification No. SC (R&B)-GM-II-29/2025-26 No. 202 Dated.07.01.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:

2) Nature of Work : Electrical work

3) No. of work : 05 Nos.

4) Tender Cost : Rs.6,000/-

5) Class of Contractor : HT of registered with the ELBO Authorized HT License

6) Availability of bid documents in the website : From 15.01.2026 10.00 AM to 27.01.2026 4.00 P.M.

7) Date of opening of Bid : 28.01.2026 at 11.30 A.M.

8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-

i-472

**OFFICE OF THE PANCHAYATA SAMITI, SADAR, BALASORE**

INVITATION FOR BIDS THROUGH e-Procurement

**Bid Identification No-04 of 2025-26**

Invitation for Bids

| | | |
|---|---|---|
| 1 | The BLOCK DEVELOPMENT OFFICER SADAR BALASORE,on behalf of Government of Odisha invites percentage rate bids in single cover system in ONLINE MODE only,for Construction of Building work as detailed below. | |
| 2 | Name of Work | **Construction of Academic Building with Smart Classroom Facility at Nilamani Mahavidyalaya, Rupsa** |
| 3 | No of work | 01 Nos |
| 4 | Bid Cost | Rs.10,000/- |
| 5 | Class of Contractor | B License |
| 6 | Availability of Bid Documents in the website | From 10:00AM of 16.01.2026 to 5:00PM of 07.02.2026 |
| 7 | Date of Opening of Bid | Dt. 12.02.2026 at 11:00AM |
| 8 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

**Block Development Officer**
**Sadar Balasore**

OIPR-

**AFFIDAVIT**

By virtue of an affidavit sworn before Executive Magistrate, Ambabhona dated 13.09. 2025, I, Bedamati Mahakud, S/o- Kanhu Charan Mahakud resident of Dwari, Ps.- Tah.- Ambabhona, Dist.- Bargarh, Odisha, Pin-768031 declare that, I have changed my name from **Debamati Mahakhud** to **Bedamati Mahakhud**. Hence- forth, I shall be known as **Bedamati Mahakhud** for all purposes.
Sd/- **Bedamati Mahakhud**

**AFFIDAVIT**

By virtue of an affidavit sworn before the Executive Magistrate, Kakatpur, vide CF. No. 05, dated 05.01.2026, **GANESH CHANDRA SAHOO**, S/o Banshidhar Sahoo resident of Vill.- Nasikeswar, PO- Sisua, Ps.- Kakatpur, Dist- Puri, declare that I have changed any name, from **GANESH SAHOO** to **GANESH CHANDRA SAHOO.** Henceforth I shall be known as **GANESH CHANDRA SAHOO** for all purposes.
Sd- **GANESH CHANDRA SAHOO**

**AFFIDAVIT**

By virtue of an affidavit sworn before the Executive Magistrate, Nimapara, dtd. 04.12.2025, I, Sidhanta Swain, S/o Prasanta Swain, At- Paschim Jashipur, Aul, Kendrapara have changed my name from Sidhanta Kumar Swain (Old Name) to Sidhanta Swain (New Name). Henceforth, I shall be known as Sidhanta Swain for all purposes.
**Sd/- Sidhanta Swain**

**AFFIDAVIT**

I, Wasim Ahemed Khan, aged about 47 years, S/o- Abdul Wahid Khan, resident of At- Sainso, Po- Gobabasta, Ps- Cuttack Sadar, Dist- Cuttack, Odisha, PIN- 754001, Odisha declared by this affidavit No. 102, dtd- 13/01/2026 that now onwards I shall be known as **WASIM AHMED KHAN** for all future purposes.

**ନାମ ପରିବର୍ତ୍ତନ**

ମୁଁ ସିମାରାଣୀ ରାଉଳ ଓରଫ ସୋନିଆ ରାଉଳ ବୟସ ୨୨ ବର୍ଷ, ପିତା- ରମେଶ ଚନ୍ଦ୍ର ରାଉଳ, ଗ୍ରାମ/ପୋ/ଥାନା-ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି ମୋର ଭୋଟର ପରିଚୟ ପତ୍ର, ଏସ.ବି.ଆଇ ବ୍ୟାଙ୍କ ପାସ୍ ବୁକ୍ ଓ ଆଧାର କାର୍ଡରେ ମୋର ନାମ ସୋନିଆ ରାଉଳ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସି ବଣ୍ଡ ନଂ- **585918134** ରେ ମୋର ନାମ ସୋନିଆ ରାଉଳ ପରିବର୍ତ୍ତେ ସିମାରାଣୀ ରାଉଳ ବୋଲି ଉଲ୍ଲେଖ ଅଛି। ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- **6051**, ତା-୦୯/୦୧/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସୋନିଆ ରାଉଳ, ପିତା- ରମେଶ ଚନ୍ଦ୍ର ରାଉଳ ନାମରେ ପରିଚିତ ହେବି।

**AFFIDAVIT**

By virtue of an Affidavit No- 2960 before the Executive Magistrate, Bhadrak dtd- 24/10/2025, I , Sasmita Biswal, 44 yrs, W/o-Nalini Kant Das Mohapatra, resident of Akshar Vihar, Vadodara, Gujara–390009, declare that my name appears as Sasmita Biswal in all records, but as Sasmita Das Mohapatra in my son Aryan Das Mohapatra's birth certificate. Both Sasmita Biswal and Sasmita Das Mohapatra are one and the same person. Henceforth, I will be known as **SASMITA BISWAL** W/o- Nalini Kant Das Mohapatra for all purpose.

**AFFIDAVIT**

I, Rubina Banoo, aged about 51 years, W/o- Mohammed Dawood, resident of Ward No. 10, Mangali Sahi, Kotpad, Po- Kotpad, Ps- Kotpad, Dist- Koraput, Odisha, Pin- 764058, do hereby declare by this affidavit No.101, dtd- 13/01/2026, that now onwards I shall be known as **RUBINA BANO** for all future purposes.

**ହଜିଛି**

ମୁଁ ରେଣୁବାଳା ଭୂୟାଁ, ବୟସ: ୪୬ ବର୍ଷ ସ୍ୱାମୀ: ସୋମନାଥ ଭୂୟାଁ, ସ୍ଥାୟୀ ଠିକଣା- ସା: ଧରାଧରପୁର, ପୋ/ଥାନା: ରଘୁନାଥପୁର, ଜିଲ୍ଲା: ଜଗତସିଂହପୁର- ୭୫୪୧୩୧ ଏବଂ ବର୍ତ୍ତମାନ ଠିକଣା- ସା: ପୁଫେସରପଡ଼ା, ପୋ: କଲେଜ ଛକ, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ-୭୫୩୦୦୩, ଓଡ଼ିଶା, ଘୋଷଣା କରୁଅଛି କି, ଅରଜିନାଲ ପଟ୍ଟା ଯାହାର ଖାତା ନଂ: ୭୭୨/ ୩୦୭୪, ତା: ୨୫.୦୭.୨୦୧୫, ପ୍ଲଟ୍ ନଂ.: ୨୫୩୯/୫୪୮୦, ମୌଜା: ନିମପୁର, ତହସିଲ: ଟାଙ୍ଗି- ଚୌଦ୍ୱାର, ଜିଲ୍ଲା: କଟକ, ଓଡ଼ିଶାକୁ ଜୟଶ୍ରୀ ପଣ୍ଡା, ସ୍ୱାମୀ: ଅନିଲ କୁମାର ପଣ୍ଡା, ଠିକଣା- ସା: ରଚରଡା, ଲୋକା ସାହି, ଗୋଲିଆଛି, ଜିଲ୍ଲା: କଟକ - ୭୫୪୦୦୬, ଓଡ଼ିଶା, ମୂଳ ବିକ୍ରୟ ଦଲିଲ ନଂ.: ଆଇଏନ- ୧୦୪୩୧୨୦୨୦୭୫, ତା.୨୮.୦୫.୨୦୧୯ଙ୍କ ଠାରୁ କ୍ରୟ କରିଥିଲି। ଯିଏକି ଏମାନଙ୍କ ୧) ବିଶ୍ୱନାଥ ସାହୁ, ୨) ସତ୍ୟ ନାରାୟଣ ସାହୁ, ୩) ଜନାର୍ଦନ ସାହୁ, ସମସ୍ତଙ୍କ ପିତା: ୪ ଲକ୍ଷଣ କୁମାର ସାହୁ, ସମସ୍ତଙ୍କ ଠିକଣା ସା: ଦରଦାଶସନ, ପୋ: କନ୍ଦରପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶାଙ୍କ ଠାରୁ କ୍ରୟ କରିଥିଲେ। ଉପରୋକ୍ତ ଦଲିଲଗୁଡିକ ତା.୦୫.୦୧.୨୦୨୬ ଅପରାହ୍ନ ୨.୦୦ ଘ. ରେ ଏଗୁଡିକ ଜେରକ୍ସ କରିବାକୁ ଯିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ଓକିଲ ଫଗୁ ସାମଲ- ୯୪୩୮୭୭୦୮୫୭ରେ ଯୋଗାଯୋଗ କରିବେ।

**କବଲା ହଜିଛି**

ମୁଁ, ଶ୍ରୀମତୀ ଭାଗ୍ୟଶ୍ରୀ ଧାଳୀ, ସ୍ୱାମୀ: ଶ୍ରୀ ଦେବସ୍ୱରୂପ ଧାଳୀ, ବାସସ୍ଥାନ: ସା: ୱାର୍ଡ ନଂ.: ୧୧, ବାସୁଦେବପୁର ଏନ୍ଏସି, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ ଘୋଷଣା କରୁଅଛି କି, ମିଳିତଭାବେ ଶ୍ରୀମତୀ ଭାଗ୍ୟଶ୍ରୀ ଧାଳୀ ଏବଂ ଶ୍ରୀମତୀ ନିବେଦିତା ବେହେରାଙ୍କ ନାମରେ ଥିବା ପଟ୍ଟା ଯାହାର ଖାତା ନଂ.: ୧୪୯୪/୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/୯୦୦୦, ୩୭୭୭/ ୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲିର ମୂଳ ଲିଙ୍କ୍ ଦଲିଲ ନଂ.: ୧୦୨୪୧୩୦୦୫୯୫ ଏବଂ ୧୦୨୪୧୩୦୦୫୯୬, ତା.୧୨.୦୩.୨୦୧୩, ମୂଳ ଲିଙ୍କ୍ ଦଲିଲ ନଂ.: ୧୦୨୪୧୩୦୦୮୩୯, ତା.୦୩.୦୪.୨୦୧୩ ଏବଂ ମୂଳ ଲିଙ୍କ ଦଲିଲ ନଂ.୧୦୨୪୧୩୦୦୩୦୪ ତା.୦୫.୦୨.୨୦୧୪, ତା୦୩.୦୧.୨୦୨୬ରେ ସା: ରାଧାକାନ୍ତପୁରରେ ଥିବା ମୋର ରାଇସ୍ ମିଲକୁ ବାସୁଦେବପୁରରୁ ଯାଉଥିବା ସମୟରେ କେଉଁଠାରେ ହଜିଯାଇଛି।

ବର୍ତ୍ତମାନ ମୁଁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଋଣ ପାଇବା ନିମନ୍ତେ ସମ୍ପତ୍ତି ଯାହାର ଖାତା ନଂ.: ୧୪୯୪/ ୧୪୩୦, ପ୍ଲଟ୍ ନଂ.: ୩୭୭୬, ୩୭୭୦/ ୯୦୦୦, ୩୭୭୭/୯୦୦୧, ୩୭୭୮/୯୦୦୨, ୩୭୬୮/୯୦୦୩, ୩୭୭୪/୯୦୦୪, ମୋଟ କ୍ଷେତ୍ର: ଏକର ୩.୭୪ ଡିସିମିଲି, ମୌଜା: ରାଧାକାନ୍ତପୁର, ଥାନା: ବାସୁଦେବପୁର-୭୪, ତହସିଲ: ବାସୁଦେବପୁର-୨୫, ଜିଲ୍ଲା: ଭଦ୍ରକକୁ ବନ୍ଧକ ରଖିବାକୁ ଯାଉଛି। ଯଦି ଏହି ସମ୍ପତ୍ତିର ମାଲିକାନା ଉପରେ କିମ୍ବା ଅନ୍ୟଥା କୌଣସି ବ୍ୟକ୍ତିଙ୍କର କିଛି ଦାବୀ କିମ୍ବା ଅଭିଯୋଗ ଥାଏ ତେବେ ଏହି ନୋଟିସର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖି ପାରିବେ।

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**

IA.No. 1 OF 2025
IN
M.A.T.O.P.No. 136 OF 2024

**BETWEEN:**

Yesuri Siva Rama Prasad is being in COMA Rep. by his wife and Guardian Yesuri Krishna Kumari (Died) through his legal heirs...
**Petitioners / Claim Petitioners**
**AND**
Ramanath Ray & Others
**... Respondents / Respondents**

To:
Saizar Enterprise Pvt. Ltd.,Rep. by Name not known, Occ: Owner of Lorry BearingNo. NL 01 AB-0929, Permanent Address: Kalinga Marg, Jakhapura village, Jajapur, Odisha – 755020. (R2).

Take Notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are here by directed to appear before the Hon'ble court on 12-02-2026 at about 10-30 A.M. in person or through an advocate without fail. Failing which the matter will be decided ex-parte against you.

**by order of the Hon'ble court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**

**Date: 11-01-2026, Place: Khammam**

**IN THE COURT OF THE MOTOR ACCIDENT CLAIMS TRIBUNAL, PRINCIPAL DISTRICT JUDGE AT: KHAMMAM**

M.A.T.O.P. No. 136 OF 2024

**BETWEEN:**

Yesuri Siva Rama Prasad is being in COMA,Rep. by his wife and Guardian Yesuri Krishna Kumari
**... Claim Petitioners**
**AND**
Ramanath Ray & Others
**... Respondents**

To:
Saizar Enterprise Pvt. Ltd., Rep. by Name not known, Occ: Owner of Lorry Bearing, No. NL 01 AB-0929, Permanent Address: Kalinga Marg, Jakhapura Village, Jajapur, Odisha- 755020. (R2).

Take notice that the above named Claim Petitioners filed the above O.P. against the respondents claiming compensation. The above case is stands posted to 12-02-2026 for your appearance. Therefore, you are hereby directed to appear before the Hon'ble Court on 12-02-2026 at about 10-30 A.M. in person or through an advocate without fail. Failing which, the matter will be decided ex-parte against you.

**Date: 11-01-2026**
**Place: Khammam**

**By order of the Hon'ble Court**
**Yeginati Nageswar Rao**
**Advocate, Khammam**
**Cell No.: 98483 68823**

ସକାଳ THE SAKALA



# ଝାରସୁଗୁଡ଼ା ରେଳ ଷ୍ଟେସନରେ ଅଗ୍ନିକାଣ୍ଡ

ଝାରସୁଗୁଡ଼ା,୧୩।୧(ସମିସ): ଝାରସୁଗୁଡ଼ା ମୁଖ୍ୟ ରେଲୱେ ଷ୍ଟେସନ ଠାରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଅନେକ ସାମଗ୍ରୀ ଜଳିଯାଇଛି। ମଙ୍ଗଳବାର ସକାଳୁ ଝାରସୁଗୁଡ଼ା ମୁଖ୍ୟ ରେଲୱେ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ରେ ଏବଂ ରେଲୱେ ଷ୍ଟେସନ ସ୍ଥିତ ଫୋନ ଏକ୍ସଚେଞ୍ଜରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଫଳରେ ସର୍ଟସର୍କିଟ ହୋଇ ଧୂଆଁ ବାହାରିଥିଲା। ପ୍ରଥମେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ କହି ପ୍ଲାଟଫର୍ମ ଖାଲି କରାଯାଇଥିଲା। ନିଆଁ ଯୋଗୁଁ ସମଗ୍ର ଝାରସୁଗୁଡ଼ା ରେଳ ଷ୍ଟେସନ ଧୂଆଁମୟ ହୋଇଯାଇଥିଲା। ଏହାଫଳରେ ଅନେକ ଟ୍ରେନ ଗୁଡିକୁ ସିଗନାଲ ମିଳିବାରେ ବିଳମ୍ବ ହେବାରୁ ଟ୍ରେନ ଗୁଡିକ ଅଟକି ରହିଥିଲା ଏବଂ ଯାତ୍ରୀ ହଇରାଣ ହୋଇଥିଲେ। ଏହି ସର୍ଟସର୍କିଟ ଯୋଗୁଁ କୌଣସି ଜୀବନ ହାନୀ କିମ୍ବା ବିଶେଷ କ୍ଷତି ହୋଇ ନ ଥିବା ସୂଚନା ମିଳିଛି। କିନ୍ତୁ ପ୍ଲାଟଫର୍ମ ଭିତରେ ଓ ବାହାରେ ଧୂଆଁ ବାହାରୁଥିବା ଦେଖି ବଡ଼ ଅଘଟଣ ଆଶଙ୍କାରେ ଭୟର ବାତାବରଣ ଖେଳିଯାଇଥିଲା। ପରେ ରେଲୱେ ବିଭାଗର ବିଦ୍ୟୁତ କର୍ମଚାରୀ ଏବଂ ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ।



# ଲାଇକେରାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଝାରସୁଗୁଡ଼ା,୧୩।୧(ସମିସ)




ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଲାଇକେରା ବ୍ଲକ୍ ଅଧୀନ ଭାତଲାଇଡା କିଷାନ ଭବନ ପରିସରରେ ଜିଲ୍ଲାସ୍ତରୀୟ 'ମାଣ୍ଡିଆ ମଣ୍ଡି' ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ମଣ୍ଡିର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସେ ମାଣ୍ଡିଆ ଚାଷର ଉପକାରିତା, ଏହାର ବଜାର ବ୍ୟବସ୍ଥା ଏବଂ ସରକାରୀ ପ୍ରୋତ୍ସାହନ ମାଧ୍ୟମରେ ଚାଷୀ କିପରି ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ, ଏଆରସିଏସ ଝାରସୁଗୁଡ଼ା, ଭାତଲାଇଡା ସରପଞ୍ଚ ଦୁଷ୍ମନ୍ତ ଭୋଇ, ସାହସପୁର ସରପଞ୍ଚ ସୁକାନ୍ତୀ ଜୟପୁରିଆ, ସମିତି ସଭ୍ୟ ମନମୋହନ କନସାରୀ ଏବଂ ଆଇଆଇସି ଲାଇକେରା କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡିର ପ୍ରଥମ ଦିନରେ ପ୍ରାୟ ୧୦୦ରୁ ଅଧିକ ଚାଷୀ ଯୋଗ ଦେଇଥିବା ବେଳେ ପ୍ରାୟ ୧୦୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଚାଷୀଙ୍କୁ ସହାୟତାରାଶି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ୭ ଦିନ ମଧ୍ୟରେ ପଠାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଶେଷରେ ବ୍ଲକ୍ କୃଷି ଅଧିକାରୀ ମଧୁସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲଖନପୁରରେ ଯୁଗ୍ମଅଭିଯୋଗ ଶୁଣାଣି

ଝାରସୁଗୁଡ଼ା,୧୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ଲଖନପୁର ସ୍ଥିତ ଜନଶୁଣାଣି ପ୍ରକୋଷ୍ଠରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୩୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୭ଟି ସାମୂହିକ ଏବଂ ୨୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ରେଡକ୍ରସ ପାଣ୍ଠିରୁ ୨ ଜଣ ହିତାଧିକାରୀଙ୍କୁ ମୋଟ ୧୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଲଖନପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। କୁଶମେଲ ଗାଁର ଘର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସମରବଗା ଠାରେ ମନରେଗା ଯୋଜନାରେ କାର୍ଯ୍ୟ କରି ବକେୟା ମଜୁରୀ ପାଇ ନଥିବା ଅଭିଯୋଗ, ପୀଥିଣ୍ଡାରେ ସ୍ଥାନୀୟ ବନ୍ଧରେ ପାଚେରୀ ନିର୍ମାଣ, ନୂଆ ଛର୍ଲା ଗାଁର ମାତ୍ର ୫୦୦ ମିଟର ଦୂରତାରେ ହେଉଥିବା ବିସ୍ଫୋରଣ ଯୋଗୁଁ ହେଉଥିବା ଅସୁବିଧା ବିରୋଧରେ ଅଭିଯୋଗ, କୁଡ଼ିପାଲି ଅଞ୍ଚଳରେ ଥିବାକୁଚିଆ ମଦଭାଟି ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ଦାବି, ଜୋରାବଗା ଠାରେ ଏମସିଏଲ ଲଖନପୁର କ୍ଷେତ୍ର ଦ୍ୱାରା ଜମି ଅଧିଗ୍ରହଣ ସମ୍ପର୍କିତ ବଂଶାବଳୀ ତ୍ରୁଟି ସଂଶୋଧନ ଏବଂ ବକେୟା ଘର ଓ ଜମିକ୍ଷତିପୂରଣ ପ୍ରଦାନ ନିମନ୍ତେ, ଉବୁଡା ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାନାନ୍ତରଣ ସମ୍ବନ୍ଧୀୟ ସମସ୍ୟା ବିଷୟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଏହାର ତଦନ୍ତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପିଏମ୍‌ଶ୍ରୀ ଉତ୍ସବ ଏକ ବୈପ୍ଳବିକ କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୩।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ସ୍ଥିତ ପିଏମ୍‌ଶ୍ରୀ କେବିଜେ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ତ୍ରିପାଠୀ ଶିକ୍ଷା ହିଁ ଆମ ସମାଜର ମୂଳଦୁଆ ଏବଂ ପିଏମ୍‌ଶ୍ରୀ ଭଳି ଅଭିନବ ପ୍ରୟାସ ପିଲାମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶାକାହାରୀ ରଙ୍ଗଣି ସମାଜ କଲ୍ୟାଣ ସମିତି ଟ୍ରଷ୍ଟର ବାର୍ଷିକୋତ୍ସବ

ରାଉରକେଲା,୧୩।୧(ସମିସ): ସ୍ଥାନୀୟ ହନୁମାନ ବାଟିକାଠାରେ ଶାକାହାରୀ ରଙ୍ଗଣି ସମାଜ କଲ୍ୟାଣ ସମିତି ଟ୍ରଷ୍ଟ ରାଉରକେଲାର ୩୪ ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଭାସ୍କର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୟାନିଧି ସାହୁ ସଂପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। ସସ୍ମିତା ସାହୁ ଓ ସୁଜାତା ସାହୁ ମଞ୍ଚ ପରିଚାଳନା କରିଥିଲେ। ସମାଜର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ହରି ସେନାପତି ଓ ସୁନା ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କୁନି କୁନି ପିଲାମାନଙ୍କୁ ନେଇ ଫେନ୍ସୀ ଡ୍ରେସ, ନୃତ୍ୟ ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ମ୍ୟୁଜିକାଲ ଚେୟାର ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କୃତି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।




# ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ଓ ଜାତୀୟ ଯୁବ ଦିବସ





ଝାରସୁଗୁଡ଼ା,୧୩।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବନ୍ଦେ ମାତରଂର ୧୫୦ତମ ବାର୍ଷିକୀ ଓ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରତିଟି ବ୍ଲକ୍‌ରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଦ୍ୱାରା ସାମୂହିକ ଭାବେ ବନ୍ଦେ ମାତରଂ ଗାନ କରାଯିବା ସହ 'ସ୍ୱଦେଶୀ ସଙ୍କଳ୍ପ' ପାଇଁ ଶପଥ ପାଠ କରାଯାଇଛି। ଏହି ଉପଲକ୍ଷେ ଝାରସୁଗୁଡ଼ା ସ୍ଥିତ କଟାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ, ପ୍ରାଧ୍ୟାପକ ଏବଂ ବହୁ ସଂଖ୍ୟାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସ୍ୱଦେଶୀ ସଂକଳ୍ପ ଗ୍ରହଣ କରିଥିଲେ। ସାମୂହିକ ଗାନ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ୍ ଅଧୀନ ବିଭିନ୍ନ ବର୍ଗର ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ। ଝାରସୁଗୁଡ଼ା ବ୍ଲକ୍‌ରେ ମୋଟ ୨୪୫ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଉତ୍ସବରେ ଭାଗ ନେଇଥିଲେ। ଜିଲ୍ଲାର ପ୍ରାୟ ୫ଟି ସରକାରୀ ଓ ୧୭ ବେସରକାରୀ ମହାବିଦ୍ୟାଳୟ ଏବଂ ୨ଟି ପଲିଟେକନିକ୍ ଅନୁଷ୍ଠାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡିକରୁ ସମୁଦାୟ ୮୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ରାଉରକେଲା,୧୩।୧(ସମିସ): ସାରନଗରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ ତମ ବାର୍ଷିକ କ୍ରୀଡା ଉତ୍ସବ ସାରନଗରୀ ବୋଇତ ବନ୍ଧାଣ ପଡିଆଠାରେ ଅନୁଷ୍ଠିତ ହୋଇଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ନବକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ରାଉରକେଲା ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନର ସଭାପତି ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ କ୍ରୀଡା ଉପକରଣ ଯୋଗାଇବା ସହ ବୃତ୍ତି ପାଉଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ନେଇ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟା ଷ୍ଟଡି ପଏଣ୍ଟର ନିର୍ଦ୍ଦେଶକ ସରୋଜ ବେହେରା ଯୋଗ ଦେଇଥିଲେ। ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ। ସଭାପତି ନବକିଶୋର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପଶ୍ଚିମ ସଂଭାଗର ସଭାପତି ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଶାନ୍ତନୁ ମୁଦାଲି ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉପଦେଷ୍ଟା ରଂଜିତ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସସ୍ମିତା ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିପ୍ରଭା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଲତା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପ୍ରସାଦ, ରିନୁ ଜେନା, ଝାନ ବେଶରା, ନଳିନୀ ପରିଡା, ସୁପ୍ରଭା ନାୟକ, ଦେଓଗୀ ମାଝୀ, ପ୍ରଭାତି ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଜାତୀୟ ଯୁବ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବଣାଇଁ,୧୩।୧(ସମିସ): ଜାତୀୟଯୁବ ଦିବସ ଅବସରରେ ସୋମବାର ବଣାଇଁ ସିଭିଲ କୋର୍ଟ ପରିସରସ୍ଥ ସଭାଗୃହରେ ବଣାଇଁ ତାଲୁକ ଆଇନ ସହାୟତା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଲୁକ ଆଇନ ସେବା ସଂସ୍ଥାର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବଣାଇଁ ସବଜଜ୍ ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସଡିଜେଏମ ପ୍ରୀତିଶ ମିଶ୍ର ଯୋଗଦେଇ ବାଲ୍ୟ ବିବାହ ଦୂରୀକରଣ, ନିଶା ନିବାରଣ ମୁକ୍ତ ଭାରତ ଗଠନ, ବାଲ୍ୟ ବିବାହ ମୁକ୍ତଭାରତ, ଜାତୀୟଯୁବ ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁବିକାଶ ସୁପରଭାଇଜର ଅରୁଣାବାଳା ମିଶ୍ର, ରିଟେନର ମାନସ ରଞ୍ଜନ ପତି, ଆଇନଜୀବୀ ସ୍ମିତା ସେନାପତି, ପ୍ରଭାସ କୁମାର ସାହୁ ଉପସ୍ଥିତ ଥିଲେ।

# ଏକତା ମହୋତ୍ସବରେ ପତଞ୍ଜଳି ପକ୍ଷରୁ ସଚେତନତା

ରାଉରକେଲା,୧୩।୧(ସମିସ): ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଏକତା ମହୋତ୍ସବ - ୨୦୨୬ ପାଳନ କରାଯାଇଥିଲା। ଏହି ଅବସରରେ ପତଞ୍ଜଳିର ଯୋଗ ସଂଗଠନର ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥାଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତସ୍ମିନୀ ସ୍ୱାଇଁ ଓ ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନ ତରଫରୁ ଯୋଗ ଉପରେ ବିଭିନ୍ନ ଆସନ ଓ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଲୋକମାନେ କିଭଳି ନିଃଶୁଳ୍କରେ ନିରୋଗ ରହିବେ ତାପରେ ଅଙ୍ଗଭଙ୍ଗୀ ଓ ନୃତ୍ୟ ମାଧ୍ୟମରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ରାଉରକେଲା ଇସ୍ପାତ ନଗରୀର ସେକ୍ଟର ୪ ଓ ୫ ମଧ୍ୟସ୍ଥ ସଡ଼କରେ ହୋଇଥିଲା। ଏଥିରେ ଜିଲ୍ଲା ମିଡ଼ିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟା ରାଣୀ ସାହୁ, ଜିଲ୍ଲା ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ବିଶ୍ରା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା, ଶରତ ଚନ୍ଦ୍ର ଦାସ, ଅଜିତ ପୃଷ୍ଟୀ, ସାବିତ୍ରୀ ସେନାପତି, କଳ୍ପନା କୁମ୍ଭାର, ଅନୁସୁୟା ବାରିକ, ରଶ୍ମିରେଖା ଦାସ, ତପସ୍ୱିନୀ ସାହୁ, କଳ୍ପନା ପଣ୍ଡା, ସସ୍ମିତା ସାହୁ, ବିଜୟଲକ୍ଷ୍ମୀ ମହାନ୍ତ, ବିଜୟିନୀ ମହାନ୍ତି, ସଂଯୁକ୍ତା ଦାସ, ସଯୁକ୍ତା ନାୟକ, ରେବତୀ ବେହେରାଙ୍କ ସମେତ ବହୁ ଯୋଗ ଶିକ୍ଷକ ଶିକ୍ଷୟିତ୍ରୀ, ସାଧକ ଶାଧିକା ଭାଗ ନେଇଥିଲେ। ଆରଏସପି ତରଫରୁ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।




## ● ୩ ଶିଶୁଙ୍କୁ ମିଳିଲା ନୂଆଁ ପରିବାର

# ଜିଲ୍ଲାପାଳଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ

ଝାରସୁଗୁଡ଼ା,୧୩।୧(ସମିସ): ରାଜ୍ୟ ସରକାରଙ୍କ 'ମିଶନ ବାତ୍ସଲ୍ୟ' ଅଭିଯାନ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାରେ ଶିଶୁ ସୁରକ୍ଷା ଓ ଥଇଥାନ କ୍ଷେତ୍ରରେ ପ୍ରଶଂସନୀୟ ପଦକ୍ଷେପ ଦେଖିବାକୁ ମିଳିଛି। ମଙ୍ଗଳବାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ୩ ଜଣ ଶିଶୁଙ୍କ (୨ ଜଣ ପୁତ୍ର ଓ ଜଣେ କନ୍ୟା) ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଚୂଡାନ୍ତ ଅନୁମତି ପ୍ରଦାନ କରିଛନ୍ତି। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆବେଦନ କରିଥିବା ପରିବାର ମାନଙ୍କର ସମସ୍ତ ଯୋଗ୍ୟତା ଓ ପୃଷ୍ଠଭୂମି ଯାଞ୍ଚ ପରେ ଭୁବନେଶ୍ୱର, ପଶ୍ଚିମବଙ୍ଗ ଏବଂ କେରଳରୁ ଆସିଥିବା ୩ଟି ଦମ୍ପତିଙ୍କୁ ଶିଶୁମାନଙ୍କୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରମୁଖ ପରିଚାଳିତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ, ଶିକ୍ଷା ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା ପ୍ରଶାସନର ଏହି ତ୍ୱରିତ ଓ ଆଇନଗତ ପଦକ୍ଷେପ ଯୋଗୁଁ ଶିଶୁମାନଙ୍କ ଏକ ସୁରକ୍ଷିତ ପରିବାର ମିଳିପାରିଛି।



# ବିଭିନ୍ନ ବିଦ୍ୟାଳୟରେ ସାମୂହିକ ବନ୍ଦେ ମାତରଂ ଗାନ

କୁତ୍ରା,୧୩।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟ ଓ ବ୍ଲକର ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ ସଂଗୀତର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ "ବନ୍ଦେ ମାତରମ' ସଂଗୀତ ଗାନ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ବୈଦେଶିକ ବସ୍ତୁ ବର୍ଜନ ଓ ସ୍ୱଦେଶୀ ବସ୍ତୁ ଗ୍ରହଣ ନିମନ୍ତେ ଡାଲମିଆ ମହାବିଦ୍ୟାଳୟର ଏନ୍‌ଏସଏସ, ଏନସିସି ଏବଂ ୱାଇଆରସିର ମିଳିତ ଉଦ୍ୟମରେ ସଂକଳ୍ପ ପାଠ କରାଯାଇଥିଲା। ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ



କରି ସଂକଳ୍ପ ପାଠ କରାଇଥିଲେ। ମହାବିଦ୍ୟାଳୟରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ସଂକଳ୍ପ ପାଠରେ ସାମିଲ ହୋଇଥିଲେ। ଜାତୀୟ ଯୁବ ଦିବସ ଉପଲକ୍ଷେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ୍ୟ ଏହି ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

# ରେନ୍‌ବୋ ୱାରିଅର୍ସ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ରିଆମାଳ,୧୩।୧(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ହାଇସ୍କୁଲ ଖେଳ ପଡିଆରେ ରାଜ୍ୟସ୍ତରୀୟ ରିଆମାଳ ରେନବୋ ୱାରିଅସ୍‌ର୍ କବାଡି ପ୍ରିମିୟର ଲିଗ୍ ଉଦ୍‌ଘାଟନ ହୋଇଯାଇଛି। କମିଟି ସଭାପତି ତପନ ବିଶ୍ୱାଳ, ସମ୍ପାଦକ ମୌସମ୍ ମାଝୀଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟର ଦେବଗଡ଼, ଯାଜପୁର, କଟକ, ସୁନ୍ଦରଗଡ, ଭୁବନେଶ୍ୱର, ଅନୁଗୁଳ, ଆସ୍କା, ରାଜପୁତ୍ ୱାରିଅସ୍‌ର୍ ପ୍ରମୁଖ ଦଳ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ମୁଖ୍ୟବକ୍ତା ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ସାହୁ, ଶିକ୍ଷାବିତ୍ ଯୋଗେଶ୍ୱର ବିଶ୍ୱାଳ, ମଣ୍ଡଳ ସଭାପତି ସଞ୍ଜୀବ ବେହେରା, ସରପଞ୍ଚ ବୀଣାପାଣି ନାୟକ, ପୂର୍ବ ମଣ୍ଡଳ ସଭାପତି ବିରେନ୍ ପ୍ରଧାନ, ହରିଶ୍ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ଟି ଦେବଗଡ଼ ଓ ଯାଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ ଉଭୟ ୩୯ ପଏଣ୍ଟର ରଖି ମ୍ୟାଚ୍ ଡ୍ର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଦୁଇ ଦିନ ଧରି ଚାଲିବ। ଓଡ଼ିଶା କବାଡି ଆସୋସିଏସନ୍‌ର ରେଫରି ସଂଘ ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରକାଶ ସାହୁ, ପପୁନ ମଲ୍ଲିକ, ଦିଲ୍ଲୀପ, ଅରୋବିନ୍ଦ ଖୁଣ୍ଟିଆ, ବିଭୂତି ଭୂଷଣ ପାଲ, ଭଗବତ ମହାନ୍ତି, ଆଲୋକ ଅମାନ୍ତ, ସଙ୍ଗୀତ ରାଜ ପଟ୍ଟନାୟକ ପ୍ରମୁଖ ରେଫରୀ ମାନେ ଖେଳ ପରିଚାଳନା କରିଥିଲେ। କମିଟିର ଲିକୁନ ସାହୁ, କୃଷ୍ଣ ମାଝୀ, ଈଶ୍ୱର ବିଶ୍ୱାଳ, କେଦାର ସାହୁ, ଶମ୍ଭୁ ମାଝୀ, ଶକ୍ତି ପ୍ରଧାନ, ସ୍ୱାଧିନ ପ୍ରଧାନ, ସରୋଜ ମାଝୀ, କାହ୍ନା ବସନ୍ତରା, ରାଧା ବେହେରା, କାଳିଆ ପ୍ରଧାନ, ଅଶ୍ୱିନୀ ବିଶ୍ୱାଳ, ହରିହର ବିଶ୍ୱାଳ, ମାଧ ନାୟକ ସମେତ ବହୁ ସଦସ୍ୟ ସହଯୋଗ କରୁଛନ୍ତି।



# ସଂଗ୍ରାମ ମହାନ୍ତିଙ୍କୁ ଗ୍ଲୋବାଲ ସୋସିଆଲିଷ୍ଟ ଆଇକନ୍ ଆୱାର୍ଡ



ରାଉରକେଲା,୧୩।୧(ସମିସ): ନୂଆଦିଲ୍ଲୀ ସ୍ଥିତ ଫରିଦାବାଦଠାରେ ମାଜିକ ବୁକ୍ ଅଫ୍ ରେକର୍ଡ ଫାଉଣ୍ଡେସନ ତରଫରୁ ଏକ ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ ସଂଗ୍ରାମ ମହାନ୍ତିଙ୍କୁ ଗ୍ଲୋବାଲ ସୋସିଆଲିଷ୍ଟ ଆଇକନ୍ ଆୱାଡର୍‌ରେ ସମ୍ମାନିତ କରାଯାଇଛି। ଏଥିପାଇଁ ଶ୍ରୀ ମହାନ୍ତିଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## କଳା ବିଭବର ମାଟିରେ ଆଜିଠୁ କଳାହାଣ୍ଡି ଉତ୍ସବ 'ଘୁମୁରା'

# ଆଇନ ଶୃଙ୍ଖଳା ଦାୟିତ୍ୱରେ ରହିବେ ୧୦ପ୍ଲାଟୁନ୍ ଫୋର୍ସ

ଭବାନୀପାଟଣା, ୧୩।୧(ସମିସ)



କଳାହାଣ୍ଡି ଜିଲ୍ଲାର ସଂସ୍କୃତି ଯେତିକି ମହାନ, ସେତିକି ଗାରିମାମୟ। ସୁଦୃଢ କଳା, ସଂସ୍କୃତିର ଭିତ୍ତିଭୂମି ଓ ବୈଶିଷ୍ଟ୍ୟକୁ ଆଧାର କରି ଆରମ୍ଭ ହେଉଛି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅତ୍ୟନ୍ତ ହର୍ଷ ଉଲ୍ଲାସର ପାଳିତ ହେବ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬। ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାରିଦିନ ବଦଳରେ ପାଞ୍ଚଦିନ ବ୍ୟାପି ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଲୋକ ପରମ୍ପରା ଓ ସମୃଦ୍ଧିର ଗାଥା ବଖାଣିବ। ଏଥର ଜିଲ୍ଲା ଓ ଜିଲ୍ଲା ବାହାର ବିଶେଷ କରି ରାଜ୍ୟ ବାହାରୁ ଦୁଇ ହଜାର ପାଞ୍ଚଶହରୁ ଊର୍ଦ୍ଧ୍ୱ କଳାକାରଙ୍କୁ ନେଇ ୧୯୨ଟି ସାଂସ୍କୃତିକ ଦଳ ସାମିଲ ହେବାକୁ ଯାଉଥିବାବେଳେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣୀୟ ହେବ। ଜିଲ୍ଲାର ବିଭିନ୍ନ ବିଭାଗ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ଖୋଲାଯିବ। ବୟନ ଓ ହସ୍ତତନ୍ତ, କଳାହାଣ୍ଡି ସମେତ ରାଜ୍ୟର ବିଭିନ୍ନ କାରିଗରୀ କଳା କୌଶଳ ପ୍ରଦର୍ଶନ ସହିତ ଓରମାସ, ପଲ୍ଲିଶ୍ରୀ ମେଳା, ଜିଲ୍ଲା ଶିଳ୍ପ ବିଭାଗ, ମିଶନଶକ୍ତି ପକ୍ଷରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ କରାଯିବ। ଭଳିକି ଭଳି ଖାଦ୍ୟ ଦ୍ରବ୍ୟକୁ ନେଇ ଖାଦ୍ୟମେଳା ମଧ୍ୟ ପ୍ରମୁଖ ଆକର୍ଷଣ ପାଲଟିବ। ସେହିପରି ସହିଦ ରେଣ୍ଡୋ ମାଝୀ ମଞ୍ଚରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ କଳା ଓ କଳାକାରଙ୍କ ଯୋଗଦାନ ଉତ୍ସବର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିବ।

ସେହିପରି ପାରବା ଖୋଲାମଞ୍ଚରେ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାବ୍ୟାପି ଜନସାଧାରଣ ସାମିଲ ହେବା ସହିତ ଏହି ସାଂସ୍କୃତିକ ମହାକୁମ୍ଭରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ପାୱାର ସଚିନ ପ୍ରକାଶ। ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬କୁ ସର୍ବାଦୌ ସଫଳ କରିବାକୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧକ୍ଷତା କରି ଏପରି ବକ୍ତବ୍ୟ ରଖିଛନ୍ତି ଜିଲ୍ଲାପାଳ। ସେହିପରି ଉତ୍ସବରେ ଅନେକ ଅତିଥିଙ୍କ ସହିତ ଉତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ସଦର ମହକୁମା ସମଗ୍ର ଜିଲ୍ଲାବାସୀଙ୍କୁ ସ୍ୱାଗତ କରିବାକୁ ସଜେଇ ହୋଇଛି। ପଞ୍ଚାୟତସ୍ତରୀୟ, ବ୍ଲକସ୍ତରୀୟ, ଏନ୍‌ଏସି ଓ ମ୍ୟୁନିସିପାଲିଟିସ୍ତରୀୟ ଉତ୍ସବ ସହିତ ପଥ ଉତ୍ସବ ବି ସଫଳତାର ସହିତ ଶେଷ ହୋଇଛି। ଜିଲ୍ଲାର ବିଭିନ୍ନ ପୀଠରୁ ମଶାଲ ଆଗମନ ପରେ ଆସନ୍ତାକାଲି ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସହିତ ଉତ୍ସବର ଶୁଭାରମ୍ଭ ହେବ। ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଧର୍ମଗଡ଼ ଠାରେ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ମଧ୍ୟ ବହୁସଂଖ୍ୟାରେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ।ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିହିତ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ, ନଅ ଜଣ ଡିଏସପି, ୨୭ ଜଣ ଇନ୍ସପେକ୍ଟର, ୨୬ ଜଣ ସବ ଇନ୍ସପେକ୍ଟର, ୫୭ ଜଣ ଏଏସ୍ଆଇ, ୪ ଜଣ ହେଡ଼ କନଷ୍ଟେବଲ, ୫୧ କନଷ୍ଟେବଲ, ୧୫ ଜଣ ମହିଳା କନଷ୍ଟେବଲ ନିୟୋଜିତ ହେବେ ବୋଲି ସୂଚନା ମିଳିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ମିଶ୍ର, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ାରଜା ପୀଠରୁ ମଶାଲ ଯାତ୍ରା

କୋକସରା, ୧୩।୧(ସମିସ): ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୬ ର ଶୁଭାରମ୍ଭ ପାଇଁ ମଙ୍ଗଳବାର କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି। ମୋ ଜିଲ୍ଲା ସଂସ୍କୃତି ପରିଷଦ, କଳାହାଣ୍ଡି ଓ ଯୁବ ଭାରତ କେନ୍ଦ୍ର କଳାହାଣ୍ଡିର ସହଯୋଗକ୍ରମେ ବିଭିନ୍ନ ପୀଠରୁ ମଶାଲ ବାହାରିଛି। ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ବାହାରିଥିଲା। ମଶାଲ କୋକସରା ପହଞ୍ଚିବା ପରେ ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼.ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ବ୍ଲକର ଅନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସେହିପରି କୋକସରା ପୋର୍ଟ୍ସ କ୍ଲବ୍ ପକ୍ଷରୁ ତ୍ରିମୋହନ ନାଏକ, ମହେଶ ଗୁପ୍ତା, ମାନସ ବେହେରା, ଧୀରଜ ନାଏକ, ସୁରଜ ନାଏକ, ପପୁ ଦଣ୍ଡସେନା ପ୍ରମୁଖ ସ୍ଥାନୀୟ ଶିବ ମନ୍ଦିର ଛକ ନିକଟରେ ମଶାଲ ଯାତ୍ରାକୁ ଭବ୍ୟ ସ୍ୱାଗତ କରିଥିଲେ। ମଶାଲ ଯାତ୍ରାକୁ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ଚରଣ ସିଂ ବାଗ, ଦୁର୍ମାନ୍ୟ ଶବର, ଠାକୁର ନାଏକ, ମନୋରଞ୍ଜନ ଗହିରଙ୍କ ନେତୃତ୍ୱରେ ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବସନ୍ତ ବେଣୁ ପାଣି ପ୍ରମୁଖ ଆମପାଣି ବୁଢ଼ାରଜା ପୀଠରୁ ମଶାଲ ନେଇ ଭବାନୀପାଟଣା ଲାଲବାହୁର ଷ୍ଟାଡିୟମ ଅଭିମୁଖେ ବାହାରି ଥିଲେ।



## ଭୈରବ ପୀଠରୁ ବାହାରିଲା ମଶାଲ ଶୋଭାଯାତ୍ରା

ଲାଞ୍ଜିଗଡ଼, ୧୩।୧(ସମିସ): କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଅବ୍ୟବହିତ ପୂର୍ବରୁ ବିଭିନ୍ନ ପ୍ରସିଦ୍ଧ ପୀଠରୁ ଜିଲ୍ଲାସ୍ତରୀୟ ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ଲାଞ୍ଜିଗଡ଼ ସ୍ଥିତି ସୁପ୍ରସିଦ୍ଧ ଭୈରବ ପୀଠରେ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବା ପରେ ଭୈରବଙ୍କ ପ୍ରତୀକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ନାଏବ ସରପଞ୍ଚ ହରେକୃଷ୍ଣ ନାଏକ, ସମାଜସେବୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ସମାଜସେବୀ ଚନ୍ଦ୍ରମଣି ମହାଖୁଡ, ଲାଞ୍ଜିଗଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ଭୀଷ୍ମ ମେହେର, ପିତାମ୍ବର ଦଳେଇ, ୱାଡ଼ ସଭ୍ୟ ଧନିଆଁ ମାଝୀ, ଚନ୍ଦ୍ର ନାଏକ, ସାମ୍ବାଦିକ କ୍ଷମାନିଧି ମହାଖୁଡ ସମେତ ଲାଞ୍ଜିଗଡ଼ ଅଞ୍ଚଳବାସୀ ଉପସ୍ଥିତ ରହିଥିବା ବେଳେ ଜାତୀୟ ଯୁବ ସ୍ୱେଚ୍ଛାସେବୀ ତଥା ପ୍ରଗତିଯୁବା କେନ୍ଦ୍ର ସୁଶୀଳ ପ୍ରଧାନ, ନବୀନ ସାହୁ ସହିତ ଲାଞ୍ଜିଗଡ଼ର ସୁବାଷ ଚନ୍ଦ୍ର ଅଗ୍ରୱାଲ ଓ ଚନ୍ଦ୍ରମଣି ମହାଖୁଡ ପ୍ରମୁଖ ଭୈରବ ପୀଠରୁ ଭୈରବଙ୍କ ମଶାଲକୁ ସ୍ୱାଗତ କରିବା ସହିତ ପାଛୋଟି ନେଇ ଭବାନୀପାଟଣା ଅଭିମୁଖେ ବାହାରି ଥିଲେ। ସେହିପରି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁରସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାରସିଂହ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ, ମହାପାତ୍ର, ମିଶନ ଶକ୍ତି ବିପିଏମ୍ ଆୟୁଷକାନ୍ତ ବେହେରା, ବିଶ୍ୱନାଥପୁର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ, ବରିଷ୍ଠ ନାଗରିକ ବଳରାମ ବେହେରା, ସମାଜସେବୀ ଲକ୍ଷ୍ମୀନାରାୟଣ ସନ୍ତୋଷରାୟ, ଅନନ୍ତ ପ୍ରଧାନୀଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ, ମିଶନଶକ୍ତିର ମହିଳାମାନେ ଉପସ୍ଥିତ ରହି ମଶାଲଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସେହିପରି ସିକେରକୁପଠାରେ ଲାଞ୍ଜିଗଡ଼ରୋଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତିଙ୍କ ସମେତ ମହିଳା ମାନେ ଉପସ୍ଥିତ ରହି ମଶାଲଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସେହିପରି କିଡିଙ୍ଗ ଛକରେ ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ସୁଶ୍ରୀ ମମତା ଶବରଙ୍କ ସମେତ ଈଶ୍ୱର ବଗର୍ତ୍ତା, ଭୁତେଶ୍ୱର ଶବର, ମୋହିନୀ ବଗର୍ତ୍ତା, ଆରତୀ ବଗର୍ତ୍ତା, ସନ୍ତୋଷିନୀ ଗହିର ହେମଲତା ବାଗ ପ୍ରମୁଖ ଉପସ୍ଥିତ ରହି ଭବ୍ୟ ସ୍ୱାଗତ ଜଣାଇଥିଲେ।ସେଠାରୁ ବାହାରି ନର୍ଲା ବ୍ଲକ ସାନ୍ତପୁର ଠାରେ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।ଆଜି ସେଠାରେ ରାତ୍ରିଯାପାନ କରିବା ପରେ ଆସନ୍ତାକାଲି ଅଭିଯାତ୍ରୀ ଦଳ ସଦର ବ୍ଲକ ମେଦିନୀପୁର ଦେଇ ଭବାନୀପାଟଣା ପହଞ୍ଚିବା ପରେ ଉତ୍ସବସ୍ଥଳ ରେଣ୍ଡୋ ମାଝୀ ମଞ୍ଚରେ ସ୍ଥାପନ କରାଯିବ ବୋଲି ମଶାଲ ସବକମିଟି ତରଫରୁ ସୂଚନା ମିଳିଛି।



## ନ୍ୟାସନାଲ କଲେଜରେ ଜାତୀୟ ସେବା ଶିବିର ଉଦ୍‌ଯାପିତ

ନୂଆପଡ଼ା, ୧୩।୧(ସମିସ): ନୂଆପଡ଼ା ନ୍ୟାସନାଲ ଡିଗ୍ରୀ କଲେଜ ଜାତୀୟ ସେବା ଯୋଜନା କୋୟୁନିଟ୍ ପକ୍ଷରୁ ଆୟୋଜିତ ୭ ଦିନିଆ ଶୀତକାଳୀନ ଶିବିର ସ୍ଥାନୀୟ ସିଲଦା ଗ୍ରାମରେ ସମାପ୍ତ ହୋଇଛି। ସମାପନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷ ହିତେଶ କୁମାର ସାହୁ ଓ ମୁଖ୍ୟଅତିଥି ପୂର୍ବତନ ଅଧକ୍ଷ ଡ଼. ରାମଚନ୍ଦ୍ର ମିଶ୍ର ଯୋଗଦେଇ ଶିବିର ଛାତ୍ରଛାତ୍ରୀଙ୍କୁ ସମାଜ ସହ ଜଡିତ କରି ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହେମାଲ ସା ଶିବିର ସମୟରେ ସମ୍ପାଦିତ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଦେଇ ସ୍ୱେଚ୍ଛାସେବକଙ୍କ ଶ୍ରମଦାନକୁ ସ୍ୱୀକୃତି ଦେଇଥିଲେ। ୭ ଦିନିଆ ଶିବିର ସମୟରେ ସ୍ୱେଚ୍ଛାସେବକ ମହାବିଦ୍ୟାଳୟ ସଫେଇ, ଯୋଗ, ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା, ପ୍ରାଥମିକ ଚିକିତ୍ସା କାର୍ଯ୍ୟକ୍ରମ କରିଥିଲେ।ପ୍ଲାଷ୍ଟିକ ବ୍ୟବହାର ବିରୋଧୀ ଅଭିଯାନ, ଦାଦନ ସମସ୍ୟା, ମାଦକ ଦ୍ରବ୍ୟ ବିରୋଧୀ ସଚେତନତା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କିତ ଡୋର-ଟୁ-ଡୋର ଜାଗୃକତା କାର୍ଯ୍ୟକ୍ରମ କରିଥିଲେ। ଏହା ଦ୍ୱାରା ପୌଷ୍ୟ ଗ୍ରାମ ସିଲଦାର ଗ୍ରାମବାସୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଥିଲା। ଶେଷରେ ସ୍ୱେଚ୍ଛାସେବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରର ଉଦ୍‌ଯାପନୀ ସଭାରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହେମାଲ ସା ମଞ୍ଚ ପରିଚାଳନା କରିଥିବା ବେଳେ ବେଳେ ଜଗନ୍ନାଥ ମେହେର ଧନ୍ୟବାଦ ଦେଇଥିଲେ। ଅଧାପକ ଶିବ ପ୍ରସାଦ ସା, ବୈକୁଣ୍ଠ ବେହେରା ସ୍ୱେଚ୍ଛାସେବୀ କିରଣ ସାହୁ, ଦେଓ କୁମାରୀ ସହାନି, ନରେଶ ବୁଡେକ, ଉତ୍ତମ ମାଝୀ, ବେଣୁ ଭଟ୍ଟ ଓ ମନୋଜ ମାଝୀ ସହଯୋଗ କରିଥିଲେ।



## ସେଁପୁର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ଭବାନୀପାଟଣା, ୧୩।୧(ସମିସ): ସେଁପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ସଭାପତି ଭିକାରି ଚରଣ ସାହୁଙ୍କ ଅଧକ୍ଷତାରେ ପାଳିତ ହୋଇଛି ।ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା କୋଷାଧକ୍ଷ ପୁରୁଷୋତ୍ତମ ଦାସ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଆଶୁକବି ତଥା ଶିକ୍ଷାବିତ୍ ଏବଂ ତୋଷରା ସଂକୁଳ ପ୍ରମୁଖ ଡ.ହେମନ୍ତ କୁମାର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତାଙ୍କ ବକ୍ତୃତାରେ ସମସ୍ତଙ୍କୁ ମନମୁଗ୍ଧ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଟିକଦେବ ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ରାଜେଶ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମର ପରିଚାଳନା ଜନାର୍ଦ୍ଦନ ବାଗ କରିଥିଲେ। ବିଶିଷ୍ଟ କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ ଉପସ୍ଥିତ ରହି ସମସ୍ତଙ୍କୁ ସଙ୍ଗୀତରେ ହଜେଇ ଦେଇଥିଲେ। ବିଦ୍ୟାଳୟର ଉପସଭାପତି ବାଞ୍ଛାନିଧି ମିଶ୍ର, କୋଷାଧକ୍ଷ ମକରଧ୍ୱଜ ସାହୁ, ସଦସ୍ୟ ପ୍ରମାଦ ସାହୁ, ସଦସ୍ୟା ନୁପୁର ସାହୁ ଉପସ୍ଥିତ ଥିଲେ।ବିଦ୍ୟାଳୟର ପୂର୍ବ ପରିଚାଳନା ସମିତିର ସଦସ୍ୟ କୁଞ୍ଜ ବିହାରୀ ସାହୁ, ନରେଶ ସାହୁ, ଶଶିଭୂଷଣ ପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ବାଗ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଗୁରୁ ଅଜିତ ପଟ୍ଟନାୟକ, ଶ୍ରୀଖଣ୍ଡ ନାଏକ, ପ୍ରଭଞ୍ଜନରାଉତ, ସୋନୁ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଉଦ୍‌ଯାପନୀ ସହିତ ଶେଷ ହେଲା ପଥ ଉତ୍ସବ

## ରାମ୍ପ ସୋ' ସହିତ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମରେ ମତୁଆଲା ଦର୍ଶକ



ଭବାନୀପାଟଣା, ୧୩।୧(ସମିସ): ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଓ ବାଲ ବୈଜ୍ଞାନିକ ମେଳା, ନୁକଡ଼ ନାଟକ, ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶନ, ଏସ କୁମାରଙ୍କ ଯାଦୁକଳା ଓ କରାଓକେ କାର୍ଯ୍ୟକ୍ରମ ସହିତ ଶେଷ ହୋଇଥିଲା ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ।ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସପତ୍ନୀକ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଏବଂ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖିବା ସହିତ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ପଥ ଉତ୍ସବର ଶେଷ ଦିନ ଆଜି ଅନେକ କାରଣରୁ ବେଶ ଗୁରୁତ୍ୱ ବହନ କରିଥିଲା। ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ ଶୀର୍ଷକ ପ୍ରଦର୍ଶନୀ ବେଶ ଉପାଦେୟ ହୋଇଥିଲା। ଏହାପରେ କୁନି କୁନି କଳାକାରମାନଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମିମିକ୍ରି କାର୍ଯ୍ୟକ୍ରମ ପରେ ପାରମ୍ପରିକ ବେଶ ପୋଷାକ ସହିତ ରାମ୍ପ ସୋ ଅନୁଷ୍ଠିତ ହୋଇଥିଲା। ଏହାପରେ ହରିୟାଣାରୁ ଆସିଥିବା ଲୋକନୃତ୍ୟ ପ୍ରଦର୍ଶନ ପରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମକୁ ଦର୍ଶକମାନେ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ। ରାହାଗିରି କମିଟିର ଉପଦେଷ୍ଟା ଡ. ଅଜୟ କୁମାର ମିଶ୍ର, ଅଧକ୍ଷ ସଞ୍ଜୟ କୁମାର, ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଆବାହକ ସୁଶାନ୍ତ ସିଂହଙ୍କ ସହିତ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରୋହିତ ଦୁର୍ଗା, ଭବାନୀ ପଟ୍ଟନାୟକ, ଶୋଭାଗିନୀ ପାତ୍ର, ଦୁଷ୍ମନ୍ତ ପ୍ରଧାନ, ଶ୍ରୀନିବାସ ସାହୁ, ଉମାଚରଣ ପ୍ରଧାନ, ପ୍ରଭୁପାଦ ପ୍ରଧାନ, ମୁକୁନ୍ଦ ରେଡ୍ଡୀ, ବିରଞ୍ଚି ନାରାୟଣ ପଣ୍ଡା, ଗୁରପ୍ରୀତ କୌର, ଅରୁଣ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ରୟାଲ କପ୍ କ୍ରିକେଟ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ

ନୂଆପଡ଼ା /କୋମନା, ୧୩।୧(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗନିଆରୀ ରୟାଲ କ୍ଲବ୍ ଦ୍ୱାରା ରୟଲ କପ କ୍ରିକେଟ ଚାମ୍ପିୟନସିପ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଉଛନ୍ତି। ପ୍ରଥମ ମ୍ୟାଚ୍ ଜଡ଼ାମୁଣ୍ଡା ଓ ଘୋଟସର ମଧ୍ୟରେ ହୋଇଥିଲା। ଘୋଟସର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦ ୱିକେଟ ହରାଇ ୭୩ ରନ ସଂଗ୍ରହ କରିଥିଲେ। ଜଡ଼ାମୁଣ୍ଡା ଦଳ ୮ ଓଭରରେ ୩ ୱିକେଟ ହରାଇ ୭୩ ରନ ସଂଗ୍ରହ କରି ବିଜୟ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ମାନିଗୁଡା ଓ ଭେଳା ମଧ୍ୟରେ ଖେଳ ହୋଇଥିଲା। ଭେଳା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୬୫ରନ କରିଥିଲଶ। ଫଳରେ ମାନିଗୁଡା ବ୍ୟାଟିଂ କରି ୯ ଓଭର ୩ ବଲରେ ୬୬ ର ସଂଗ୍ରହ କରି ବିଜୟ ଲକ୍ଷ ହାସଲ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବନୀ ରଞ୍ଜନ ଯୋଶୀ ଜିଲ୍ଲା ପରିଷଦ-୨, ସମ୍ମାନିତ ଅତିଥି ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ବିଶେଷ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ, ଗନିଆରୀ ୱାର୍ଡ ସଭ୍ୟ ପିତାମ୍ବର ଅଦା, ପରମେଶ୍ୱର ହଂସ ପ୍ରମୁଖ ଯୋଗଦାନ କରିଥିଲେ। ଖେଳ ପରିଚାଳନାରେ ସହଦେବ ଥପା ଓ ପ୍ରତାପ ହଂସ, ଧାରା ବିବରଣୀ ଟିକେଶ୍ୱର ହଂସ, ସ୍କୋରର ଦୀପକ ବାଗ, ରୟାଲ କ୍ଲବ୍ ସଦସ୍ୟ ଥୟରାମ ହଂସ, କୈଶପ ସଗରିଆ, ରୁଦ୍ରାକ୍ଷର ହଂସ, କୁନାଲ ବାଗ, ନିକୁ ବାଗ, ଧ୍ରୁବ ହଂସ, ଶାବନ ହୋତା, ଚିକୁ ବାଗ, ପ୍ରମୁଖ ସହଯୋଗ କରିଥିଲେ।



### ● ଓଏସ୍‌ସିପିସିଆର୍ ଅଧକ୍ଷାଙ୍କ କଳାହାଣ୍ଡି ଜିଲ୍ଲା ଗସ୍ତ

## ଶିଶୁ ଅଧିକାର ସୁରକ୍ଷା ଓ ବାଲ୍ୟବିବାହ ମୁକ୍ତି ପାଇଁ ଗୁରୁତ୍ୱ



ଭବାନୀପାଟଣା, ୧୩।୧(ସମିସ): ଶିଶୁ ଅଧିକାର ସୁରକ୍ଷା ଓ ବାଲ୍ୟବିବାହ ପ୍ରତିରୋଧ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟା କଳ୍ପନା ଲେଙ୍କା ଜାନୁଆରୀ ୧୨ ଓ ୧୩ ତାରିଖ ଦୁଇ ଦିନିଆ ପରିଦର୍ଶନରେ କଳାହାଣ୍ଡି ଜିଲ୍ଲାକୁ ଆସିଥିଲେ। ପରିଦର୍ଶନର ପ୍ରଥମ ଦିନରେ ଅଧକ୍ଷା ଭବାନୀପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାରରେ ବନ୍ଦେ ମାତରମ ସଭା ଉଦ୍‌ଘାଟନ କରିଥିଲେ। ପରେ ସେ ଭବାନୀପାଟଣା ସହରାଞ୍ଚଳର ୱାର୍ଡ ନମ୍ବର ୯ ଓ ୧୦ର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ଶିଶୁମାନଙ୍କ ପୋଷଣ ଅବସ୍ଥା ଓ ଓଜନ ନିରୀକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ଜୁନାଗଡ଼ସ୍ଥିତ ବାଳିକା ଏସ୍‌ଏସ୍‌ଡି ବିଦ୍ୟାଳୟ ଏବଂ କୁଲିହାରୀ ଗ୍ରାମର ମା ସର୍ବମଙ୍ଗଳା ଏସଏଚ୍‌ଜି ଛତୁଆ ୟୁନିଟ୍ ପରିଦର୍ଶନ କରିଥିଲେ।ଗୋଲାମୁଣ୍ଡା ବ୍ଲକରେ ଆୟୋଜିତ ବାଲ୍ ସଭାରେ ଯୋଗଦେଇ ୧୦୦ ଦିନର ବାଲ୍ ବିବାହ ମୁକ୍ତ ଅଭିଯାନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ସେ ମା ଦୁଆରଶୁନି କେଁ ଗାଁ ଓ ମା'ସନ୍ତୋଷୀ କନ୍ଧବାରାଝୋଲା ଛତୁଆ ୟୁନିଟ୍ ପରିଦର୍ଶନ କରିଥିଲେ। ଭବାନୀପାଟଣା ସ୍ଥିତ ବାଲ ସେବା ନିକେତନ ଏବଂ ନେହେରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରି ଶିଶୁମାନଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନର ଦ୍ୱିତୀୟ ଦିନରେ ଭବାନୀପାଟଣା ସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାଲ୍ୟବିବାହ ମୁକ୍ତ ଅଭିଯାନ ଉପରେ ସଚେତନତା ସଭା ଆୟୋଜିତ ହୋଇଥିଲା। ସଭାରେ ବାଲ୍ୟବିବାହର କୁପରିଣାମ, ପ୍ରତିରୋଧ ଓ ବାଳିକାମାନଙ୍କ ସକ୍ରିୟ ଭାଗିଦାରି ଉପରେ ଆଲୋଚନା ହୋଇଥିଲା।

ଏହି ଅବସରରେ ବାଲ୍ୟବିବାହ ବିରୋଧରେ ଶପଥ ପାଠ ଓ ହସ୍ତାକ୍ଷର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଏହାପରେ ସରକାରୀ ପର୍ଯ୍ୟବେକ୍ଷଣ ଏବଂ ସ୍ୱତନ୍ତ୍ର ଗୃହ ପରିଦର୍ଶନ କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରି ଦୁଇ ଦିନିଆ ପରିଦର୍ଶନର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ୍, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମୁଜିବୁନ ନିଶାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପିଏମ୍‌ଶ୍ରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

## ପ୍ରଭାବଶାଳୀ ଶିକ୍ଷା ପାଇଁ ପ୍ରତିବଦ୍ଧତା ଓ ଆଧାତ୍ମିକ ଚିନ୍ତନ ଜରୁରୀ

ଭବାନୀପାଟଣା, ୧୩।୧(ସମିସ)



ଭବାନୀପାଟଣା ପିଏମ୍‌ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟବକ୍ତା ଭାବେ ସିଡିଏମଓ ଡାକ୍ତର ନିହାରେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପନିବନ୍ଧକ ଶୁଭମ ପାଣି, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗଦୀଶ ମୁଣ୍ଡ ଓ ଜୟ କୁମାର ମାଝୀ ଯୋଗଦେଇ ପ୍ରଭାବଶାଳୀ ଶିକ୍ଷା ପାଇଁ ପ୍ରତିବଦ୍ଧତା ଓ ଆଧାତିକ ଚିନ୍ତନର ଆବଶ୍ୟକତା ଜରୁରୀ। ଶିକ୍ଷକ ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସରୋଜ କୁମାର ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜ୍ୟୋର୍ତିମୟୀ ପାତ୍ର ଓ ବିଜୟଲକ୍ଷ୍ମୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସରୋଜ କୁମାର ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଶିକ୍ଷକ ଅମରେଶ କୁମାର ନେଗୀ, ପ୍ରମୋଦ କୁମାର ସାହୁ, ବିଜୟଲକ୍ଷ୍ମୀ ତ୍ରିପାଠୀ, ସଞ୍ଜୟ କୁମାର ମିଶ୍ର, ଉଷାରାଣୀ ମିଶ୍ର, ସୁଚେତା ଦାଶ, ବର୍ଷାରାଣୀ ଭୋଇ, ବୈଜସ୍ମିତା ବହିଦାର, ଜାମିନୀ ବାଗ, ସଙ୍ଗୀତା ପ୍ରିୟଦର୍ଶିନୀ, ବୈକୁଣ୍ଠ ବିହାରୀ ପତି, ଅଭିଷେକ ଜେନା, ଦେବାର୍ଜନ ମାଝୀ ପ୍ରମୁଖ ସହଯୋଗ କରିଥିଲେ।ସେହିପରି ଏହି ପିଏମ୍‌ଶ୍ରୀ ମ୍ୟୁନିସିପାଲ ବିଦ୍ୟାଳୟରେ ପାଇଁ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବରଙ୍କ ଅଧକ୍ଷତାରେ ଏବଂ ପ୍ରଧାନଶିକ୍ଷକ ଶ୍ରୀମତୀ ଇଲାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଅଧକ୍ଷ ପ୍ରଫୁଲ୍ଲ ସାହୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେପିର ଉପସଭାପତି ଭବେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ହାବସପୁର ମଣ୍ଡଳ ସହପ୍ରଭାରୀ ପ୍ରଦୀପ କୁମାର ପଣ୍ଡା, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଅତିରିକ୍ତ ଜିଲ୍ଲା ସଭାପତି ହେମସାଗର ମହାନନ୍ଦ, ଶୁଭଲକ୍ଷ୍ମୀ ନାୟକ, ପ୍ରକୃତିବନ୍ଧୁ ରବୀନ୍ଦ୍ର ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସନ୍ତୋଷ କର, ପୁରାତନ ଛାତ୍ରସଂସଦର ସଭାପତି ମୁକୁନ୍ଦ ରୋଡ଼ି ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ଭିଜନ୍ ଓଡ଼ିଶା ୨୦୩୬, ଆକାଂକ୍ଷୀ ଗ୍ୟାଲେରି, ପିଏମ୍‌ଶ୍ରୀ ବିଜିନେସ୍ ସମିଟ୍ ପେଭିଲିୟନ୍‌କୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ତ୍ରୈମାସିକ ପତ୍ରିକା 'ଅନ୍ୱେଷା'ର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିବା ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅମରେଶ କୁମାର ନେଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜ୍ୟୋତିର୍ମୟୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ କୁମାର ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

### ସଇଁନ୍ତଲା ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନୀ ଫଳକ ଭଙ୍ଗା ଘଟଣା

# ସରପଞ୍ଚଙ୍କୁ ଗିରଫ ପରେ ତାତିଲେ ସମର୍ଥକ

ବଲାଙ୍ଗିର/ସଇଁନ୍ତଲା, ୧୩।୧(ସମିସ)

ବଲାଙ୍ଗିର ଜିଲ୍ଲା ପୁଲିସ ଅଧିକାରୀମାନଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ବିଭିନ୍ନ ସମୟରେ ଥାନା ଘେରଉ ଭଳି ସ୍ଥିତି ଦେଖାଦେଉଛି। ସୋମବାର ବଲାଙ୍ଗିର ସଦର ଥାନାରେ କୁଶମେଲ ସରପଞ୍ଚଙ୍କୁ ଅଟକ ରଖିବା ନେଇ ସ୍ଥାନୀୟ ଲୋକେ ଥାନା ଘେରଉ କରିଥିଲେ। ପୁଣି ମଙ୍ଗଳବାର ସଇଁନ୍ତଲା ପୁଲିସ ଡୁଙ୍ଗୁରିପାଲି ସରପଞ୍ଚଙ୍କୁ ଗିରଫ କରିବାରୁ ଅସନ୍ତୋଷ ଦେଖାଦେଇଛି। ଅସନ୍ତୁଷ୍ଟ ସ୍ଥାନୀୟ ବାସିନ୍ଦା ଥାନା ଘେରଉ କରିଥିଲେ। ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟନୀ ଫଳକରେ ସ୍ଥାନୀୟ ଜନପ୍ରତିନିଧିଙ୍କ ନାମ ନ ଥିବାରୁ ସରପଞ୍ଚ ଫଳକ ଭାଙ୍ଗିଥିବା ଅଭିଯୋଗ ହୋଇଛି।

ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରଛନ୍ତି। ଏହି ଅବସରରେ ସଇଁନ୍ତଲାରେ ନିର୍ମିତ ବସଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ତେବେ ଆଭାସୀ ମାଧ୍ୟମରେ ଏହା ହୋଇଥଲା। ସ୍ଥାନୀୟ ବ୍ଲକ



ପ୍ରଶାସନ ପକ୍ଷରୁ କିନ୍ତୁ ଏଥିଲାଗି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ସରପଞ୍ଚ ସୁବ୍ରତ ନାଗ ଓ ଅନ୍ୟ ପଞ୍ଚାୟତର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଶ୍ରୀମତି ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ; ହେଲେ ଉଦ୍‌ଘାଟନୀ ଫଳକରେ ତାଙ୍କ ନାମ ନ ଥିବା ଦେଖିବାକୁ ପାଇଥିଲେ। ଏପରିକି ସରପଞ୍ଚ ସୁବ୍ରତ ନାଗଙ୍କ ମଧ୍ୟ ନାମ ନ ଥିଲା। ଏହା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ ଏହି ଫଳକକୁ କାଢ଼ିନେଇ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ପୁଲିସ ଡୁଙ୍ଗୁରିପାଲି ସରପଞ୍ଚ ଶ୍ରୀ ସାହୁଙ୍କୁ ସୋମବାର ଅଟକ ରଖିଥିଲା। ତେବେ ତାଙ୍କୁ ଛାଡ଼ିବାକୁ ତାଙ୍କ ସମର୍ଥକମାନେ ଦାବି କରିଥିଲେ। ପୁଲିସ ମଧ୍ୟ ଛାଡ଼ିଦେବାକୁ କହିଥିଲା; ହେଲେ ସନ୍ଧ୍ୟାରେ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଏନେଇ

**● ପ୍ରତିବାଦରେ ଦୀର୍ଘ ସମୟ ଧରି ଥାନା ଘେରଉ**
**● ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚଙ୍କ ନାଁ ନ ଥିବାରୁ ଉତ୍ତେଜନା**

ସୂଚନା ପାଇବା ପରେ ତାଙ୍କ ସମର୍ଥକ ତଥା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ଥାନା ଘେରଉ କରିଥିଲେ। ଦୀର୍ଘ ସମୟ ଧରି ଥାନା ଭିତରେ ଥିବା ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଥାନା ଅଧିକାରୀଙ୍କୁ ଉତ୍ୟକ୍ତ ଲୋକେ ଘେରଉ କରିଥିଲେ। ଆନ୍ଦୋଳନରତ ସମର୍ଥକଙ୍କ ସହ ପୁଲିସ ଆଲୋଚନା କରିବା ପରେ ଲୋକେ ଥାନା ସମ୍ମୁଖରୁ ଉଠିଥିଲେ।

## ସାଲେଭଟା ଚଣ୍ଡୀ ମନ୍ଦିରରୁ ଚୋରି

**ଲୋଇସିଂହା, ୧୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାଲେଭଟା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ମାମଲା ବଢ଼ୁଛି। ଗତ କିଛି ଦିନ ତଳେ ସାଲେଭଟା ଫାଣ୍ଡି ଅଞ୍ଚଳର ହରଭଙ୍ଗା ଶିବ ମନ୍ଦିର, ସେମେଲମୁଣ୍ଡା ଶିବ ମନ୍ଦିର, ସାଲେଭଟା ଶିବ ମନ୍ଦିର ଓ ହନୁମାନ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର ରାତିରେ ସାଲେଭଟା ଫାଣ୍ଡିରୁ ୨ଶହ ମିଟର ଦୂରରେ ଥିବା ସର୍ବପୁରାତନ ଐତିହ୍ୟସମ୍ପନ୍ନ ଚଣ୍ଡୀ ମନ୍ଦିରରୁ ପୂଜା ସାମଗ୍ରୀ ସମେତ ଦାନ ବାକ୍ସର ତାଲା ଭାଙ୍ଗି ଚୋରି ହୋଇଛି। ପୂଜକ ପ୍ରକାଶ ଦିଶ୍ରୀ ସାଲେଭଟା ଫାଣ୍ଡିରେ ଏ ନେଇ ଅଭିଯୋଗ କରିଛନ୍ତି। ପୂଜକ ପ୍ରକାଶ ମଙ୍ଗଳବାର ସକାଳେ ପୂଜା କରିବାକୁ ପହଞ୍ଚି ଥିଲେ। ଏହି ସମୟରେ ମନ୍ଦିର କବାଟ ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଏନେଇ ସେ ମନ୍ଦିର କମିଟି ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀ ପହଞ୍ଚି ଥିଲେ। ତେବେ ମୁକୁଟ, ଝରିଗଡ଼ୁ, ୩ଟି ପିତ୍ତଳ ଥାଳି, ବଡ଼ ପରାତ, ୪ଟି ଘଣ୍ଟି, ବାଲଟି, ରୋଷେଇ ସାମଗ୍ରୀ, ଖଟୁଲି ଆଦି ଚୋରି ହୋଇଥିବା ନେଇ ପୂଜକ ଶ୍ରୀ ଦିଶ୍ରୀ, ମନ୍ଦିର କମିଟି ସଭାପତି ଆନନ୍ଦଚନ୍ଦ୍ର ପଟ୍ଟନାୟକ, ବରୁଣ ଶତପଥୀ, ହୃଷିକେଶ ନାୟକ, ସର୍ବେଶ୍ୱର ମେହେର, କୁଳମଣି ସାହୁ, ପିଙ୍କୁ ବିଶ୍ୱାଳ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସାଲେଭଟା ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ବାଲି ଚୋରି, ରାହାଜାନି ଓ ମଦ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ୁଛି। ପୁଲିସ କିନ୍ତୁ ଶୋଇଛି। ଏ ସବୁରେ ପୁଲିସ ନିୟନ୍ତ୍ରଣ ଆଣି ପାରୁନି। ଏଣୁ ସାଲେଭଟା ପୁଲିସ ଉପରେ ସ୍ଥାନୀୟ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

## ୫ ଗଞ୍ଜେଇ ମାଫିଆ ଗିରଫ

**ତୁଷୁରା, ୧୩।୧(ସମିସ):** ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଦେଓଗାଁ ରାସ୍ତା ତୁଷୁରା ଛକରେ ୫ ଗଞ୍ଜେଇ ମାଫିଆ ଧରା ପଡ଼ିଛନ୍ତି। ଏମାନେ ହେଲେ ଛତିଶଗଡ଼ର ଦୀପକ ନାୟକ (୨୯), ଦୁକେଶ ଗାଙ୍ଗଲେ (୨୪), ପୁରୁଷୋତ୍ତମ ସୁନାନୀ (୩୦), ରାଜକୁମାର କୁରେ (୨୭), ଗୋପୀ ବିଶ୍ୱକର୍ମା (୨୯)। ତୁଷୁରା ଅବକାରୀ ବିଭାଗ ମଙ୍ଗଳବାର ପାଟ୍ରୋଲିଂ ବେଳେ ଏମାନଙ୍କୁ ଧରିଛି। ଏକ କାରକୁ ସନ୍ଦେହ କରି ଅଟକାଇବା ପରେ ଏମାନେ ଧରା ପଡିଥିଲେ। କାରରୁ ଏକ ଜରି ବସ୍ତାରେ ଥିବା ୨୨ କେଜି ଗଞ୍ଜେଇ ଜବତ ହୋଇଛି।

### ● ଦଧିବାମନ କ୍ରିକେଟ କପ୍ ଉଦ୍‌ଘାଟିତ

## ସେମିରେ ଦେଉଳମୁଣ୍ଡା

**ବୀରମହାରାଜପୁର, ୧୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବହଳପଦର ସ୍ଥିତ ଖେଳ ପଡ଼ିଆରେ ମଙ୍ଗଳବାର ତୃତୀୟ ଦଧିବାମନ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ କୁମାର ଦନ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚଟି ଖଣ୍ଡହତା ଓ ତେଲିପାଲି ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୫୧ ରନ୍ କରିଥିଲା। ଜବାବରେ ତେଲିପାଲି ଦଳ ୧୦୨ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ପାଇଁ ଖଣ୍ଡହତାର ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚଟି ଦେଉଳମୁଣ୍ଡା ଓ ଉଫୁଲା ମଧ୍ୟରେ ହୋଇଥିଲା। ଏଥିରେ ଦେଉଳମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୧୧୨ ରନ କରିଥିଲା। ଜବାବରେ ଉଫୁଲା ଦଳ ୭୩ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ ପାଇଁ ଦେଉଳମୁଣ୍ଡାର ଅମୟ ମହାକୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। କ୍ୱାଟର ଫାଇନାଲ ମ୍ୟାଚରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୩୨ ରନ କରିଥିବା ବେଳେ ଦେଉଳମୁଣ୍ଡା ଦଳ ଆବଶ୍ୟକୀୟ ୩୩ ରନ୍ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୁରେଶ ମହାକୁର, ମିଶର ଦେହୁରୀ ଓ ବଶିଷ୍ଠ ସାହୁ ଅତିଥି ଭାବେ ଯୋଗଦେଇ ଦେଉଳମୁଣ୍ଡାର ଗୌର ମହାକୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡିକରେ ବିଶ୍ୱନାଥ ସାହୁ ଓ ସନତ ପଧାନ ଅମ୍ପାୟାର, ଦୀପକ ସାହୁ ସ୍କୋରର, ସୁନୀଲ ଭୁକ୍ତା ଅନ ଲାଇନ ସ୍କୋରର ଏବଂ ଲଳିତ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

### ● ପାପକ୍ଷୟ ମହୋତ୍ସବ ତୃତୀୟ ସନ୍ଧ୍ୟା

## ଫୁଲ ଗଜରା ଲୋକନୃତ୍ୟରେ ଦର୍ଶକ ମତୁଆଲା

**ବିନିକା, ୧୩।୧(ସମିସ):** ବିନିକା ପାପକ୍ଷୟ ଲୋକ ମହୋତ୍ସବର ମଙ୍ଗଳବାର ତୃତୀୟ ସନ୍ଧ୍ୟା ଥିଲା। ତୃତୀୟ ସନ୍ଧ୍ୟାରେ ବରଗଡ଼ ଫୁଲ ଗଜରା କଳା ପରିଷଦ କଳାକାରମାନଙ୍କ ଦ୍ୱାରା ପରିବେଷିତ ଲୋକ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଖଟଖଟିଆ ଲୋକ ନୃତ୍ୟ, ନୃତ୍ୟ ନିକେତନ, ଶଳାବୁଢ଼ା ବଦଲାର ନାୟକ ଜିତଙ୍କ ଅଭିନୟ ଶୈଳୀ ଏବଂ କଣ୍ଠ ଶିଳ୍ପୀ ଦେବାନନ୍ଦ ଦାସ, ତପସ୍ୱିନୀ ଦାସ, ପ୍ରତ୍ୟୁଷ ରଞ୍ଜନ ବାଘ ପ୍ରମୁଖ କଳାକାରଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସନାଙ୍କ ସଭାପତିତ୍ୱ ଓ ହିମାଂଶୁ ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିନିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନନ୍ଦ, କମିଟି ଉପ ସଭାପତି ପ୍ରଦୀପ ସେଠୀ, କଂଗ୍ରେସ ଯୁବ ନେତା ପ୍ରିୟବ୍ରତ ସାହୁ, ବିଜେଡି ନେତା କୃତିବାସ ମିଶ୍ର, କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ, କୋଷାଧ୍ୟକ୍ଷ କାହ୍ନୁ କର୍ଣ୍ଣ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ପାପକ୍ଷୟ ସମ୍ମାନରେ ଜିତେନ୍ଦ୍ରିୟ ହୋତା ଓ ମାଟିର ମହକ ସମ୍ମାନରେ ଦେବାନନ୍ଦ ଦାଶ ଓ ରୀନା କୁମ୍ଭାରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ କଳା ଅନୁଷ୍ଠାନର କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## କାଳେଶ୍ୱର ଗ୍ରାମର ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୌଦ୍ଧ, ୧୩।୧(ସମିସ):** ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ କାଳେଶ୍ୱର୍ ଗ୍ରାମରେ ଦେବୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦିନରେ କଳସ ଶୋଭାଯାତ୍ରା, ପାରାୟଣ ଅଧିବାସ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ପୂର୍ବରୁ ନାମ ସଙ୍କୀର୍ତ୍ତନ ସହ ନଗର ପରିକ୍ରମା, ଦଧିହାଣ୍ଡି ଭଞ୍ଜନ ଆୟୋଜିତ ହୋଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଡୁଙ୍ଗୁରିପାଲି, ୧୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇତୁଆଁ କ୍ଲଷ୍ଟର ଅଇଁଳାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ଜୟପ୍ରକାଶ ସେଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସମଲେଇତୁଆଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧେଶ୍ୟାମ ରଥ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ୱାର୍ଡ ସଭ୍ୟ ନିରଞ୍ଜନ ଗଡ଼ତିଆ, ପ୍ରାକ୍ତନ ସ୍କୁଲ ସଭାପତି ସନ୍ତୋଷ ସାହୁ, ଶିକ୍ଷାପ୍ରେମୀ ସନ୍ତୋଷ ପଧାନ, ବରିଷ୍ଠ ନାଗରିକ ଘନଶ୍ୟାମ ନାଏକ, ତମାମୁରା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଭଲାଲ ସାହୁ ଯୋଗଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଦେବାନନ୍ଦ ନାଏକ ଓ କପିଳେନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଳାଫିଙ୍ଗା, ଡ଼ିସକସ ଥ୍ରୋ, ପୁଚି, ଦୌଡ଼ି ଟଣା, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଲିଙ୍ଗରାଜ ସେଟ, ଧ୍ରୁବଚରଣ ପଣ୍ଡା, ପଞ୍ଚାନନ ପଧାନ, ଦୁର୍ଯ୍ୟୋଧନ ବାରିକ, ଶିକ୍ଷୟିତ୍ରୀ ବନିତା ବେହେରା, ବେବି ଗଡ଼ତିଆ, ପୂଜା ପଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତହସିଲ ଗଡ଼ତିଆ, ସଭ୍ୟ ସୁଦାମ ଅଦାବର, ଗୋବିନ୍ଦ ପୁରୋହିତ, ସସ୍ମିତା ପୁରୋହିତ ଓ ଅଭିଭାବକ ସହଯୋଗ କରିଥିଲେ।

## ବେଲପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ବେଲପଡ଼ା, ୧୩।୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଗୁରୁମା ରିତାରାନି ସିଂଙ୍କ ପରିଚାଳନା ଓ ପ୍ରଧାନ ଆଚାର୍ଯ୍ୟ ଅଶୋକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା



ଭାବେ ରୁଦ୍ର ମାଧବ ବାରିକ ମଞ୍ଚାସୀନ ଥିଲେ। ବିଦ୍ୟା ମନ୍ଦିର ସଭାପତି ପଦ୍ମମୁଖ ପାଣିଗ୍ରାହୀ ଓ ସମ୍ପାଦକ ମନୋଜ ମହାଖୁଡ଼ ଉପସ୍ଥିତ ଥିଲେ। ଶୌକି ନନ୍ଦଙ୍କ ପରିଚାଳନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ ଯୋଗଦେବାକୁ ସଫେଇ କର୍ମଚାରୀଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ

**ଭବାନୀପାଟଣା, ୧୩।୧(ସମିସ):** ପୌର ପରିଷଦର ଠିକା ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କ ଘରେ ରାଷ୍ଟ୍ରପତି ଭବନରୁ ଆସି ପହଁଚିଛି ଚିଠି। ସ୍ଥାନୀୟ ଅର୍କବାହାଲି ପଡ଼ାର ରାଜେନ୍ଦ୍ର ଯିବେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ସାଧାରଣତନ୍ତ୍ର ଦିବସ ଉତ୍ସବକୁ। ଏକ ପୂଣ୍ୟ ତିଥି ଭଳି ପୋଷ୍ଟ ମ୍ୟାନ ଗୋଟିଏ ବକ୍ସରେ ଆସିଥିବା ଚିଠିକୁ ଦେବାପରେ ପରିବାର ସଦସ୍ୟ ପ୍ରଥମେ ବିଶ୍ୱାସ କରିପାରିନଥିଲେ। ପୋଷ୍ଟ ମ୍ୟାନ୍ ଟିକି ନିଖି ବୁଝାଇବାପରେ ଖୁସିରେ ସମସ୍ତେ ବିହ୍ୱଳ ହୋଇଉଠିଥିଲେ। ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ କିଛି କମ କଥାନୁହେଁ।ରାଜେନ୍ଦ୍ର ପୌର ପରିଷଦରେ ଦୀର୍ଘ ୨୫ବର୍ଷ ଧରି ସଫେଇ କର୍ମଚାରୀ ରୂପେ କାର୍ଯ୍ୟ କରି ଆସୁଛନ୍ତି। ବର୍ତ୍ତମାନ ୯ନମ୍ବର ୱାର୍ଡରେ ସଫେଇ କାମରେ ନିୟୋଜିତ। ୫୦ଟଙ୍କାରେ କାର୍ଯ୍ୟ ଆରମ୍ଭ କରି ଏବେ ମାତ୍ର ୯/୧୦ହଜାର ଟଙ୍କା ପାରିଶ୍ରମିକ ପାଉଛନ୍ତି ରାଜେନ୍ଦ୍ର। ଜଣେ ନିଷ୍ଠାପର ସଚୋଟ କର୍ମଚାରୀଭାବେ ନିଜର ସ୍ୱତନ୍ତ୍ର ପରିଚୟ ସେ ନିଜେ ତିଆରି କରିଛନ୍ତି।ଯାହାରଫଳ ସ୍ୱରୂପ ସେ ଦିଲ୍ଲୀ ଯିବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନୁଭବ କରିଛନ୍ତି ସାଧାରଣ ଭାବେ ଲୋକଙ୍କ ସେବା କରୁ କରୁ ନିଜେ ଯେମିତି ଅସାଧାରଣ ପାଲଟି ଯାଇଛନ୍ତି। ଦିନ ରାତି ସଫେଇ କାମକୁ ସେବା ଏବଂ ତ୍ୟାଗକୁ ସମ୍ବଳ କରି ସମାଜ କଲ୍ୟାଣ କାର୍ଯ୍ୟରେ ବ୍ରତୀ ରହିଛନ୍ତି। ପରିବାର ସମ୍ଭାଳୁ ସମ୍ଭାଳୁ“ବାର୍ଦ୍ଧକ୍ୟରେ ଭାରାକ୍ରାନ୍ତ ରାଜେନ୍ଦ୍ର ସେବା ପଠାରୁ ପହଞ୍ଚିବେ ଦିଲ୍ଲୀ ରାଜ ପଥ। ପରିବାର କହିଲେ ଦୁଇ ଝିଅ ଗୋଟିଏ ପୁଅ। କିନ୍ତୁ ଭାଗ୍ୟର ବିଡମ୍ବନା ଏହା ଯେ ଧର୍ମ ପତ୍ନୀ ଦୀର୍ଘ ଦିନ ହେବ ପକ୍ଷାଘାତ ରୋଗରେ ଶଯ୍ୟାସାୟୀ। ଜଣେ ଝିଅର ବାହାଘର ସରିଛି। ଆଉ ଜଣେ ବଢ଼ିଲା ଝିଅ ରହିଛି ଘରେ। ପୁଅ ବେକାର ହୋଇ କେଉଁଠି କାମ ଧନ୍ଦା ପାଉନାହିଁ। ଘୋର ଦୁଃସମୟ ଭିତରେ ଚାଲିଛି ପରିବାର। ତଥାପି ସ୍ତ୍ରୀ କିନ୍ତୁ ଦିଲ୍ଲୀ ଯିବେ ଖବର ଶୁଣି ମୁହଁରେ ଏକ ସ୍ମିତାହାସ୍ୟର ରେଖାଟିଏ ଟାଣିଦେଇଥିଲେ। ଏବେ ପରିବାର ସଦସ୍ୟ ଅପେକ୍ଷା କରିଛନ୍ତି ସେହି ମହାର୍ଘ ମୂହୁର୍ତ୍ତକୁ ରାଜେନ୍ଦ୍ର ଦିଲ୍ଲୀ ଯାଇ କେମିତି ରାଷ୍ଟ୍ରପତିଙ୍କୁ ଭେଟିବେ କଣ କହିବେ।

## ୨୭ରୁ ବୀରମହାରାଜପୁର ଧନୁଯାତ୍ରା

**ବୀରମହାରାଜପୁର, ୧୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରଠାରେ ଆସନ୍ତା ୨୭ ଜାନୁଆରୀ ଠାରୁ ୪ ଜାନୁଆରୀ ପର୍ଯ୍ୟନ୍ତ ହେବାକୁ ଥିବା ଚତୁର୍ଥ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ ହୋଇଯାଇଛି। ପ୍ରସିଦ୍ଧ ଦେବୀ ପୀଠ ମେଟାକାନି ମନ୍ଦିର ପରିସରରେ କଂସ ମହାରାଜ ଝସକେତନ ପଧାନଙ୍କୁ କଂସ ଭାବରେ ବରଣ କରାଯାଇଥିଲା। କଂସ ବରଣ ସମୟରେ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି କିଶୋର ହୋତା, ଗୋଲକ ବିହାରୀ ଦୀକ୍ଷିତ, ଅବିନାଶ ଥନାପତି, ପ୍ରକାଶ ପଧାନ, ଆକାଶ ଥନାପତି, ସୁରୁବାବୁ ପଧାନ, ବିଜୟ କୁମାର ନାଏକ, ପ୍ରଶାନ୍ତ ଜଗଦଲା, ଶଶୀ, ସୁବାସ, ଶୁଭମ ବେହେରାମାଲି ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ମିନବଜାର, ବାଲୁକା କଳା ସାଙ୍ଗକୁ କଟକର ସିଂଘମ ଡ୍ୟାନ୍ସ ଗ୍ରୁପ ଚମତ୍କାର ନୃତ୍ୟ ପରିବେଷଣ କରିବେ ବୋଲି ଆୟୋଜକ କମିଟି ସଭାପତି କିଶୋର ହୋତା ପ୍ରକାଶ କରିଛନ୍ତି।

## ପିଏମ୍‌ଶ୍ରୀ ମଧୁପୁର କନ୍ୟାଶ୍ରମର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୧୩।୧(ସମିସ):** ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ମୁଖ୍ୟବକ୍ତା ଭାବେ ବିରଞ୍ଚି ନାରାୟଣ ମୁଣ୍ଡ, ବିଶିଷ୍ଟ ଅତିଥି ଭାବେ କୁଟିଆକନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ଶିକ୍ଷାବିତ ଅମରେନ୍ଦ୍ର ସାହୁ, ଉମାଶଙ୍କର ପଣ୍ଡା, ମଧୁସୂଦନ ସାହୁ, ତପନ କୁମାର ଭୋଇ, ସୁଧୀର ରଞ୍ଜନ ମୁଣ୍ଡ, ସନ୍ଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ସୋନାଲିକା ପାଢ଼ୀ ସଭା ପରିଚାଳନା ଓ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## କ୍ଷୀରୋଦ ସ୍ମାରକୀ କ୍ରିକେଟ: ସେମିରେ ବଡଅଙ୍କରିଆ

**ବୀରମହାରାଜପୁର, ୧୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସାଗଜୁରୀରେ ଚାଲିଥିବା ୧୭ତମ କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଚତୁର୍ଥ ଦିବସ। ପ୍ରଥମ ମ୍ୟାଚଟି ବଡ଼ଅଙ୍କରିଆ ଓ ଖଇରମାଲ ମଧ୍ୟରେ ହୋଇଥିଲା। ଏଥିରେ ଖଇରମାଲକୁ ହରାଇ ବଡ଼ଅଙ୍କରିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଟି ହିଙ୍ଗମା ଓ ମାଣିକପୁର ମଧ୍ୟରେ ହୋଇଥିଲା। ଏଥିରେ ହିଙ୍ଗମା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚଟି ପ୍ରଥମ ମ୍ୟାଚର ବିଜେତା ବଡ଼ଅଙ୍କରିଆ ଓ ଦ୍ୱିତୀୟ ମ୍ୟାଚର ବିଜେତା ହିଙ୍ଗମା ମଧ୍ୟରେ ହୋଇଥିଲା। ଏଥିରେ ବଡ଼ଅଙ୍କରିଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡାବିତ ମନ ରଞ୍ଜନ କମ୍ପ, ରାମ ନାରାୟଣ ସେଠୀ ଅତିଥି ଭାବେ ଯୋଗଦେଇ ବଡ଼ଅଙ୍କରିଆର ବିଶ୍ୱାମିତ୍ର ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

**ବୌଦ୍ଧ, ୧୩।୧(ସମିସ):** ବୌଦ୍ଧ ସହର ୧୧ ନଂ ୱାର୍ଡ ରାଜନପାଳିରେ ଅଷ୍ଟମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଛି। ରାଜନପାଲିବାସୀଙ୍କ ପକ୍ଷରୁ ଜାନୁଆରୀ ୫ ତାରିଖରୁ ଆରମ୍ଭ ହୋଇଥିବା ନବ ଦିନ୍ ବ୍ୟାପି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସାହୁ ଓ ପତ୍ନୀ ଅନସୂୟା ହୋତା କର୍ତ୍ତା ଥିଲେ। ବ୍ୟାସ ଭାବେ ବୌଦ୍ଧ ବ୍ଲକ ବହିରା ପଞ୍ଚାୟତ କୁମ୍ଭାରପାଲି ଗ୍ରାମର ରାଜେଶ ଦାଶ ଶ୍ରୀରାମ ଚରିତ ମାନସ ପଠନ କରିଥିଲେ। ପ୍ରଥମ ଦିନରେ ଶିବ ବିବାହ, ଦ୍ୱିତୀୟ ଦିନରେ ରାମ ଜନ୍ମ, ତୃତୀୟ ଦିବସରେ ସୀତା ବିବାହ, ଚତୁର୍ଥ ଦିନରେ ରାମ ବନବାସ, ପଞ୍ଚମ ଦିନରେ ଭରତ ଚରିତ, ଷଷ୍ଠ ଦିନରେ ଭରତ ମିଳନ/ସୀତା ଚୋରି, ସପ୍ତମ ଦିନରେ ଲଙ୍କା ପୋଡ଼ି/ସେତୁବନ୍ଧ ପ୍ରତିଷ୍ଠା, ଅଷ୍ଟମ ଦିନରେ ରାବଣ ବଧ ଓ ନବମ ଦିନରେ ରାମ ଅଭିଷେକ ସହ ଉଦ୍‌ଯାପିତ ହୋଇଛି।

## ଆଜିଠୁ ପଲଶାଗୋରାର ପ୍ରସିଦ୍ଧ ମକର ଯାତ୍ରା

**ପଲଶାଗୋରା, ୧୩।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର ପ୍ରସିଦ୍ଧ ମକର ଯାତ୍ରା ବୁଧବାରଠାରୁ ଆରମ୍ଭ ହେବ। ୧୯ ତାରିଖ ଏହା ଉଦ୍‌ଯାପିତ ହେବ। ଚଳିତ ବର୍ଷ ୬ ଦିନ ଧରି ଯାତ୍ରା ହେବ। ବୁଦବାର ସକାଳୁ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ୧୭ ତାରିଖ ଦିନ ପୂର୍ଣ୍ଣାହୁତି ପଡ଼ିବ। ସେହିଦିନ ଅପରାହ୍ନରେ ସଂକୀର୍ତ୍ତନ୍ୟ ବୈଠକି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୮ ଓ ୧୯ରେ ଶ୍ରୀରାମଲୀଳା ନାଟକ ମଞ୍ଚସ୍ଥ ହେବ। ପ୍ରତିଦିନ ସନ୍ଧ୍ୟାରେ ସମ୍ବଲପୁରୀ ଓ ପୂର୍ବ ଓଡ଼ିଶାର କଳାକାରମାନଙ୍କ ବିଭିନ୍ନ ଲୋକକଳା କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କମିଟି ସଭାପତି ରବୀନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ଡୁଙ୍ଗୁରିପାଲି, ୧୩।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶୁଖା କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଓ ପ୍ରଦର୍ଶନୀ ବଡ଼ନୁଆପାଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୈଷ୍ଣବ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୁଖା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ଦଶ ଜଣ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୩୭ଟି ଶିକ୍ଷା ଉପଯୋଗୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଧାନ ଶିକ୍ଷକ ବଡ଼ନୁଆପାଲି ବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ। ଅନ୍ତିମ ଦିନରେ ପେଡ଼ାଗୋଜି କୋଅର୍ଡିନେଟର ଡ. ଅକ୍ଷୟ କୁମାର ସାହୁ ମନିଟରିଂ କରି ପ୍ରଦର୍ଶିତ ଟିଏଲଏମଗୁଡିକ ଆକର୍ଷଣୀୟ ଓ ଉପଯୋଗୀ ବୋଲି ଦର୍ଶାଇ ଥିଲେ। ଶେଷରେ କେନ୍ଦୁଟିକିରା ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସତ୍ୟବତୀ ଭୋଇ, ମିତା ପଧାନ, କିରଣମୟୀ ରାଜହଂସ, ରୋଜି ସାହୁ, ଅରୁନ୍ଧତୀ ରଣା, ନମିତା ଭୋଇ, ବନ୍ଦିତା ମାଝୀ, ଉପମା ଗୁଆଲ, ଦିବ୍ୟରଞ୍ଜନ ପାତ୍ର, ଅନିରୁଦ୍ଧ ରଣା, ବୁଦ୍ଧଦେବ ନାଇକ, ଚାମ୍ପେଶ୍ୱର ପଧାନ, ମଧୁସୂଦନ ପଧାନ ଓ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ରିଷିଡା ବାପୁଜୀ ହାଇସ୍କୁଲରେ ପିଏମ୍‌ଶ୍ରୀ ମେଳା

# ସୃଜନଶୀଳତାର ବିକାଶ ଛାତ୍ରଛାତ୍ରୀଙ୍କ ଧ୍ୟେୟ ହେଉ

କର୍ଲାମୁଣ୍ଡା, ୧୩।୧(ସମିସ)

ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶ, ଆତ୍ମନିର୍ଭରଶୀଳତା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗୀତା ସର୍ବୋପରି ଶିକ୍ଷାୟତନର ଶ୍ରୀବୃଦ୍ଧି କରିବା। ପିଏମ୍‌ଶ୍ରୀ ମେଳାର ଆଭିମୁଖ୍ୟ ବୋଲି ରିଷିଡା ସ୍ଥିତ ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ମେଳାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟଅତିଥି, ସରପଞ୍ଚ ସେବତୀ ରଣା, ତେରେସିଂହା ହାଇସ୍କୁଲ ପ୍ରଧାନଶିକ୍ଷକ ଗରୁଡଧ୍ୱଜ ଗହୀର, ବାଞ୍ଜିପଦର ଉନ୍ନୀତ




ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପାଚନ୍ଦ୍ର ସାହୁ, କୋଶଳୀ କ୍ଲବ୍ ଜିଲ୍ଲା ସଂଯୋଜକ ସୁଭମ କୁମାର ଦାସ, ପରିଚାଳନା ସମିତି ସଭାପତି ସଚ୍ଚିଦାନନ୍ଦ ନାଏକ, ହୀରକ ଜୟନ୍ତୀ ପାଳନ କମିଟି ସଭାପତି ନେମିଚାନ୍ଦ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ଉଦ୍ଦେଶ୍ୟଜ୍ଞାପନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ମନୋଜ କୁମାର ସୁନା ସଭା ସଂଯୋଜନା କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ସାହିତ୍ୟ ସୃଜନୀ, ଜିଜ୍ଞାସା, ଦୋକାନବଜାର, କୌଶଳୀ ଉପରେ ଏକାଧିକ ଷ୍ଟଲ ଖୋଲିଥିଲେ। ଉଦ୍‌ଯାପନୀ ସମାରୋହ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ବିରେନ୍ଦ୍ର ଆଚାର୍ଯ୍ୟ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ହୀରକ ଜୟନ୍ତୀ ପାଳନ କମିଟି ସମ୍ପାଦକ ଅଶୋକ ତ୍ରିପାଠୀ, ସମାଜସଂସ୍କାରକ ବାବା ଭଗବାନ ସାହୁ ମଧ୍ୟ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସାଗର ରଣା, ମେନେଜର ହରିଜନ, ଅଭିମନ୍ୟୁ ରଣା, ସୁଶାନ୍ତ ସେଠ, ମୁଖିରାମ କମ୍ପ, ଗଜେଶ ପାତ୍ରଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ପରିଚାଳନା ସଭ୍ୟ ସଭ୍ୟା ସହ ଯୋଗ କରିଥିଲେ। ପ୍ରଦର୍ଶନୀ ଷ୍ଟଲରେ ବିଚାରକ ଭାବେ ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ ଗହୀର, ବାଞ୍ଜିପଦର ପ୍ରଧାନଶିକ୍ଷକ ଶ୍ରୀସାହୁ, ଶୋଭାରାଣୀ ସିକଚାନ୍ଦ, ସୁନୀତା ପାତ୍ର, ଶୁଭମ କୁମାର ଦାସ, ମର୍କଟ କେଶରୀ ଛୋଟରାୟ ଯୋଗ ଦେଇଥିଲେ। ସାହିତ୍ୟ ସୃଜନୀ ନିର୍ଝରୀ ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ।

## ରାଜ୍ୟ ସରକାର ଚାଷୀଙ୍କୁ ପ୍ରତାରଣା କରିଛନ୍ତି: ବିଜେଡି

ଭୁବନେଶ୍ୱର,୧୩।୧(ସମିସ): ଆଜି ସୁଦ୍ଧା ରାଜ୍ୟର ୮ଟି ଜିଲ୍ଲାରେ ମଣ୍ଡି ଖୋଲିନାହିଁ। ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ରାଜ୍ୟର ୭୦% ଲୋକ ଏବେ ସରକାରଙ୍କ ଦ୍ୱାରା ପ୍ରତାରିତ ବୋଲି ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି।



- କେବଳ ଭୋଟ ପାଇଁ ବିଜେପି ଦେଇଥିଲା ମିଥ୍ୟା ପ୍ରତିଶ୍ରୁତି
- ଆଜି ସୁଧା ୮ଟି ଜିଲ୍ଲାରେ ଖୋଲି ନାହିଁ ଧାନମଣ୍ଡି

ଶ୍ରୀ ଦାସବର୍ମା କହିଛନ୍ତି ଯେ ନିର୍ବାଚନ ସମୟରେ ବିଜେପି ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା ଯେ ରାଜ୍ୟର ସମସ୍ତ ବଳକା ଧାନ କିଣା ଯିବ। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ନିର୍ଦ୍ଧାରିତ ହୋଇଥିବା ଧାନ ସଂଗ୍ରହ ହେଉ ନାହିଁ। ରାଜ୍ୟରେ ୧୯, ୬୬,୮୮୧ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ, ଏବେ ସୁଧା ମାତ୍ର ୩, ୪୦, ୨୯୪ ଚାଷୀ ଧାନ ବିକ୍ରି ପାଇଁ ସକ୍ଷମ ହୋଇଛନ୍ତି । ଡିସେମ୍ବର ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜାନୁଆରୀ ୧୦ ତାରିଖ ସୁଧା ରାଜ୍ୟର ସମସ୍ତ ଜିଲ୍ଲାରେ ମଣ୍ଡି ଖୋଲାଯିବ ବୋଲି କହିଥିଲେ। ଆଜି ସୁଦ୍ଧା ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡା, ନୟାଗଡ଼, ଯାଜପୁର ଓ କନ୍ଧମାଳରେ ମଣ୍ଡି ଖୋଲାଯାଇପାରି ନାହିଁ । ମୁଖ୍ୟ ସଚିବ ମଧ ଜାନୁଆରି ୩ ତାରିଖ ଦିନ ସମୀକ୍ଷା କରି ସମାନ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଆଜି ପାଣିର ଗାର ପାଲଟିଛି । ଓଡ଼ିଶାର ଟାର୍ଗେଟ ୭୩ ଲକ୍ଷ ମେଟ୍ରିକ ଟନ ଥିଲା ବେଳେ ଏବେ ସୁଧା ମାତ୍ର ୧୭.୮୫ ଲକ୍ଷ ଟନ ଧାନ ସଂଗ୍ରହ ହୋଇ ପାରିଛି । ଛତିଶଗଡ଼ରେ ୮୦ ଲକ୍ଷ ଟନ ଧାନ କିଣା ଟାର୍ଗେଟ ଥିଲା ବେଳେ ଏବେ ସୁଧା ୯୭ ଲକ୍ଷ ଟନ ଧାନ କିଣା ଯାଇ ସାରିଛି । ଏବେ ଯୋଗାଣ ମନ୍ତ୍ରୀ ୧୫୦ କୁଇଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବା ଓ ଅବଶିଷ୍ଟ ଧାନ ୨୩୬୯ ଟଙ୍କାରେ ବିକ୍ରି ଘୋଷଣା କରି ଚାଷୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ସେ କହିଛନ୍ତି । ସେହିପରି ଲେନିନ ମହାନ୍ତି କହିଛନ୍ତି ଯେ ବିଜେଡି ରାଜ୍ୟର ଚାଷୀକୂଳଙ୍କ ସହିତ ରହିଛି । ଧାନ ସଂଗ୍ରହ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ ବିଜେଡି ପକ୍ଷରୁ ଚାଷୀକୂଳଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ଚାଷୀକୂଳଙ୍କ ସମସ୍ୟାକୁ ରାଜ୍ୟ ସରକାର ତୁରନ୍ତ ସମାଧାନ ନକଲେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଡ. ପ୍ରିୟବ୍ରତ ମାଝୀ କହିଥିଲେ।

## ସରକାରଙ୍କ 'ମଣ୍ଡି' ମିଛ
# ୨୦ରେ ବରଗଡ଼ରେ ଚାଷୀ ସମାବେଶ

ଭୁବନେଶ୍ୱର, ୧୩।୧(ସମିସ): ରାଜ୍ୟର ମଣ୍ଡିଗୁଡ଼ିକରେ ଏବେ ଭୟଙ୍କର ଅବ୍ୟବସ୍ଥା ଦେଖାଦେଇଛି। ଗତ ବର୍ଷମାନଙ୍କରେ କେବେ ଏଭଳି ସ୍ଥିତି ଦେଖା ଦେଇନଥିଲା। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମଣ୍ଡିରେ ୧୦ ହଜାରରୁ ୧୫ ହଜାର ପର୍ଯ୍ୟନ୍ତ ଧାନବସ୍ତା ପାହାଡ଼ ଭଳି ଗଦା ହୋଇ ପଡ଼ିରହିଛି। ହେଲେ ଏହି ଧାନ ଉଠାଇବା ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କିଷାନ କଂଗ୍ରେସ ଏପରି ଅଭିଯୋଗ କରିଛି। ମଣ୍ଡିରେ ଲାଗି ରହିଥିବା ଅବ୍ୟବସ୍ଥା ଏବଂ ଚାଷୀଙ୍କୁ ହଇରାଣ ପ୍ରତିବାଦରେ ଆସନ୍ତା ୨୦ ତାରିଖରେ ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ଠାରେ ଚାଷୀମାନଙ୍କୁ ନେଇ ପ୍ରତିବାଦ ସମାବେଶ କରିବାକୁ ଦଳ ନିଷ୍ପତ୍ତି ନେଇଛି।

ଗତ ଜାନୁଆରୀ ୬ରୁ ୧୨ତାରିଖ ପର୍ଯ୍ୟନ୍ତ କିଷାନ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ଅଧ୍ୟକ୍ଷ ଅଭୟ ସାହୁଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ବାସ୍ତବ ସ୍ଥିତି ଦେଖିଥିଲା। ଦଳ ପକ୍ଷରୁ କୁହାଯାଇଛି, ଉଭୟ ପୁରୁଷ ଓ ମହିଳା ଚାଷୀମାନେ ୬ ଡିଗ୍ରୀ ଥଣ୍ଡାରେ ଦିନରାତି ନିଜ ଅମଳକୁ ଜଗି ରହିଛନ୍ତି। ଏହି ଅବ୍ୟବସ୍ଥା ଅତ୍ୟନ୍ତ ଦୁର୍ଦ୍ଦିନ ଭିତରକୁ ଚାଷୀଙ୍କୁ ଠେଲି ଦେଇଛି। ମଣ୍ଡିମାନଙ୍କର ଅବ୍ୟବସ୍ଥା ଦେଖିଲା ପରେ ସରକାର ଓ ମିଲର୍‌ମାନଙ୍କର ମଧୁଚନ୍ଦ୍ରିକା ପଦାକୁ ଆସିଛି। ସରକାର ଜାଣିଶୁଣି ମିଲର୍‌ମାନଙ୍କର ଧର୍ମଘଟ କରି ଏଭଳି ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଫଳରେ ଚାଷୀ ଅଧିକ ଦିନ ଅପେକ୍ଷା ନ କରି ଅଭାବୀ ବିକ୍ରିର ଶିକାର ହେବ ଏବଂ ମିଲର୍‌ମାନଙ୍କୁ ସରକାର ଫାଇଦାରେ ରଖି ତାଙ୍କଠୁ ହଜାରହଜାର କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ଆଦାୟ କରିବେ। ଧାନ ଅମଳ ପରେ ପଞ୍ଜୀକରଣ, କଟନୀଛଟନୀ ମାନ ନିର୍ଦ୍ଧାରଣ, ନକଲ ପ୍ଲଟ ଓ ଶେଷରେ ମିଲର ଷ୍ଟ୍ରାଇକ୍ ଭଳି କେତେକ ଅବାଞ୍ଛିତ ପ୍ରସଙ୍ଗ ଉଠାଇ ସରକାର ଚାଷୀମାନଙ୍କୁ ଓ ଚାଷକୁ ବଳି ପକାଇଛନ୍ତି ବୋଲି ଦଳ କହିଛି।



ଅନ୍ୟପଟେ, ପୂର୍ବରୁ ଏମ୍‌ଏସ୍‌ପି ୨୩୦୦ ଟଙ୍କା ଥିଲା ବେଳେ ଏବେ କେନ୍ଦ୍ର ସରକାର ୬୯ଟଙ୍କା ବଢ଼ାଇଛନ୍ତି। ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ମିଶାଇଲେ କୁଇଣ୍ଟାଲ ପିଛା ଚାଷୀଙ୍କୁ ସରକାର ୩୧୬୯ ଟଙ୍କା ଦେବା କଥା। ମାତ୍ର ସରକାର ଏହା ଦେଉନାହାନ୍ତି। ତେଣୁ ସରକାର ପ୍ରତ୍ୟେକ ଚାଷୀର ସମସ୍ତ ବଳକା ଧାନକୁ ବିନା କଟନୀ ଛଟନୀରେ, ବିନା ମାନ ନିର୍ଦ୍ଧାରଣରେ କୁଇଣ୍ଟାଲ ପିଛା ୩୧୬୯ ଟଙ୍କା ଦେଇ କିଣିବାକୁ କିଷାନ କଂଗ୍ରେସ ଦାବି କରିଛି। ଏହାସହ ଚାଷୀକୁ ଧାନ ଅଖାର ବଜାର ଦର ଓ ପରିବହନ ଖର୍ଚ୍ଚ ପ୍ରଦାନ କରିବାକୁ ମଧ ଦାବି ହୋଇଛି।

ରାଜ୍ୟର ଚାଷୀ, ଚାଷ ଓ ଧାନମଣ୍ଡିରେ ଦୁରବସ୍ଥା ଲାଗି ରହିଥିବା ବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ଯେଉଁ ଚାଷୀ ଓ ଚାଷବିରୋଧୀ ବିବୃତ୍ତିମାନ ଦେଉଛନ୍ତି ଏବଂ ଖୋଦ୍ କୃଷିମନ୍ତ୍ରୀ ମଧ 'ନୌଟଙ୍କି', ଗୋବରଖତ ଓ ଅନ୍ୟାନ୍ୟ ଚାଷୀ ବିରୋଧୀ ମନ୍ତବ୍ୟ ଦେଉଛନ୍ତି, ତାହା ଅତ୍ୟନ୍ତ ଲଜ୍ଜାଜନକ। ତେଣୁ ତୁରନ୍ତ ମନ୍ତ୍ରୀଦ୍ୱୟ ଇସ୍ତଫା ଦିଅନ୍ତୁ ବୋଲି ଦଳ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବରିଷ୍ଠ କୃଷକ କଂଗ୍ରେସ ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ଅରୁଣ ଜେନା, ଉପସଭାପତି ଶିତିକଣ୍ଠ ମହାନ୍ତି, କୃଷକ କଂଗ୍ରେସ ମିଡ଼ିଆ ବିଭାଗ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀ ବିରୋଧୀ ମନ୍ତବ୍ୟକୁ ତୀବ୍ର ନିନ୍ଦା
# ଉପମୁଖ୍ୟମନ୍ତ୍ରୀ କ୍ଷମାପ୍ରାର୍ଥନା ନ କଲେ ଆନ୍ଦୋଳନ

ବଲାଙ୍ଗିର,୧୩।୧ (ସମିସ): ଧନୁଯାତ୍ରା ମଞ୍ଚରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' ଓ ସୋନପୁରରେ ଏକ ସମାବେଶରେ ଚାଷୀଙ୍କୁ 'ଦଲାଲ' ଆକ୍ଷେପ ରାଜ୍ୟର ଚାଷୀଙ୍କ ମନରେ ସୃଷ୍ଟି କରିଛି କ୍ଷୋଭ । ଧାନ କିଣାରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପରିବର୍ତ୍ତେ ସେମାନଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟକୁ ଚାଷୀମାନେ ଗ୍ରହଣ କରିପାରୁ ନାହାନ୍ତି । ଉପମୁଖ୍ୟମନ୍ତ୍ରୀ ଏଥିପାଇଁ କ୍ଷମା ପ୍ରାର୍ଥନା ନ କଲେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ବଲାଙ୍ଗିର ମିଳିତ କୃଷକ ମଞ୍ଚ ପକ୍ଷରୁ ସ୍ଥାନୀୟ ଭବନରେ ସାମ୍ବାଦିକ ଭବନରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚାଷୀଙ୍କ ପ୍ରତି କରାଯାଉଥିବା ଅତ୍ୟାଚାରକୁ ନିନ୍ଦା କରାଯାଇଛି। ବରିଷ୍ଠ ଚାଷୀନେତା ତଥା ଆବାହକ ଆକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ମିଳିତ କୃଷକ ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ପ୍ରତ୍ୟାହାର ସହ ଚାଷୀଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛି। ନଚେତ୍ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ମିଳିତ କୃଷକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରୁଥିବା ନବ ନିର୍ମାଣ କୃଷକ ସଂଗଠନ ଚାଷୀନେତାଙ୍କୁ ବିଜେପି କର୍ମୀ ଓ ପୁଲିସ ମାଡ଼ ମାରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଓ ସମସ୍ତ ଚାଷୀଙ୍କୁ ଟୋକନ ଯୋଗାଇ ଦିଆଯାଇ ସମସ୍ତ ଧାନ ନିର୍ଦ୍ଧାରିତ ତାରିଖ ମଧ୍ୟରେ ୩୧୦୦ ଟଙ୍କାରେ କିଣିବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଚାଷୀନେତା ଦାବି କରିଛନ୍ତି। ୨୬ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୨୭ରୁ ୩୧ ମଧ୍ୟରେ ଚାଷୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ମିଳିତ କୃଷକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ଧନୁଯାତ୍ରା ମଞ୍ଚରେ ଚାଷୀଙ୍କ ପ୍ରତି ଦେଇଥିବା ଅପମାନ ସୂଚକ ମନ୍ତବ୍ୟ,ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରତିବାଦ କରୁଥିବା ନବ ନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଂଯୋଜକ ଓ ଚାଷୀଙ୍କୁ ବିଜେପି କର୍ମୀ ଓ ପୁଲିସ ଆକ୍ରମଣ, ଅତାବିରାରେ କୃଷକ ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀ କୃଷକଙ୍କୁ ଗିରଫ ଘଟଣା ସରକାରଙ୍କ ଚାଷୀ ବିରୋଧୀ ମନୋଭାବକୁ ଦର୍ଶାଉଛି ବୋଲି ଚାଷୀନେତାମାନେ କହିଛନ୍ତି । ଏହି ଅବସରରେ ଜିଲ୍ଲା କୃଷକ ମହାସଂଘ ସଭାପତି ଯତୀ ପଧାନ, ସମ୍ପାଦକ ସୌମେନ୍ଦ୍ର ପରିଛା(ଟଗଲା), କୋଷାଧ୍ୟକ୍ଷ ମଧୁସୂଦନ କ୍ଷେତୀ, ନବ ନିର୍ମାଣ କୃଷକ ସଂଗଠନ ବଲାଙ୍ଗିର ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ, କୋଶଳି କିଶାନ ସଭା କାର୍ଯ୍ୟକାରୀ ସଭାପତି କୌସ୍ତୁଭ ସାହୁ, ବଲାଙ୍ଗିର ଜିଲ୍ଲା କୃଷକ ସଂଗଠନ ସଭାପତି ବିଭୁଦତ୍ତ ମିଶ୍ର ପ୍ରମୁଖ ଚାଷୀନେତା ମଞ୍ଚାସୀନ ଥିଲେ।

## ଓଏଚ୍ଆର୍‌ସିରେ ସ୍ୱତନ୍ତ୍ର ଛୁଟି; ଆବେଦନକାରୀ ହଟହଟା

ଭୁବନେଶ୍ୱର, ୧୩।୧(ସମିସ): ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି) ରେ ଶୁଣାଣି ପାଇଁ ମାମଲାର ତାଲିକା ହୋଇଛି । ଆବେଦନକାରୀଙ୍କ ସମେତ ଅପର ପକ୍ଷ ମଧ ହାଜର ହେଉଛନ୍ତି । ଓଏଚ୍ଆର୍‌ସିରେ ସ୍ୱତନ୍ତ୍ର ଛୁଟି ହୋଇଥିବାରୁ ମାମଲାର ଶୁଣାଣି ହେଉନାହିଁ। ଫଳରେ ଆବେଦନକାରୀ ନିରାଶ ହୋଇ ଫେରୁଛନ୍ତି। ତେଣୁ ମାମଲାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନକାରୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସରକାରୀ ଛୁଟି ଦିବସ ବ୍ୟତୀତ ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ କ୍ୟାଲେଣ୍ଡରରେ ବର୍ଷକୁ ଅଧିକ ୭ ଟି ଛୁଟି ରହିଛି। ସେହି ଅନୁଯାୟୀ ସୋମବାର ଓ ମଙ୍ଗଳବାରକୁ ପୂର୍ବରୁ ଛୁଟି ଘୋଷଣା କରାଯାଇଛି। କାର୍ଯ୍ୟାଳୟ ଖୋଲା ରହିବା ସହ ସମସ୍ତ କର୍ମଚାରୀମାନେ ଆସିବେ। ମାତ୍ର ଏହି ସମୟରେ ବିଚାରପତିମାନେ ଛୁଟିରେ ରହୁଥିବାରୁ ମାମଲାର ଶୁଣାଣି ହେବ ନାହିଁ। ଏ ସମ୍ପର୍କରେ ଅଧିକାରୀମାନଙ୍କ ନିକଟରେ ସୂଚନା ଥିବା ସତ୍ତ୍ୱେ ଅନେକ ମାମଲାର ଶୁଣାଣି ପାଇଁ ସୋମବାର ଓ ମଙ୍ଗଳବାର ନୋଟିସ କରାଯାଇଛି। ସୋମବାର ଦିନ ଶୁଣାଣି ପାଇଁ ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀଙ୍କ କୋର୍ଟରେ ୨୦ ଟି

**ମନମାନି କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**


ମାମଲା ତାଲିକାଭୁକ୍ତ ହୋଇଥିବାବେଳେ ସଦସ୍ୟ ଅସୀମ ଅମିତାଭ୍ ଦାସଙ୍କ କୋର୍ଟରେ ୧୭ ଓ ଚିତ୍ତରଞ୍ଜନ ମହାପାତ୍ରଙ୍କ କୋର୍ଟରେ ୧୫ ଟି ମାମଲା ତାଲିକାଭୁକ୍ତ ହୋଇଥିଲା। ଅନୁରୂପ ଭାବେ ଆଜି ଅର୍ଥାତ୍ ମଙ୍ଗଳବାର ଦିନ ମୋଟ୍ ୮୮ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ଅର୍ଥାତ୍ ୨ ଦିନରେ ମୋଟ୍ ୧୪୦ ଟି କେସ୍ ଶୁଣାଣି ପାଇଁ ଉଭୟ ପକ୍ଷ ଆୟୋଗଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ ବିଚାରପତି ଛୁଟିରେ ଥିବାରୁ କୌଣସି ଶୁଣାଣି ହୋଇନାହିଁ। ଅଧିକାରୀମାନେ ଛୁଟି ସମ୍ପର୍କରେ ଅବଗତ ଥାଇ ମଧ କାହିଁକି ସେହିଦିନ ଶୁଣାଣି ତାରିଖ ଧାର୍ଯ୍ୟ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ବିଚାରପତିଙ୍କ ଛୁଟି ଥିବାରୁ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ମଧ ଦେଖା ମିଳୁନି। ରିସେପସନ୍ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଚୌକି ଖାଲି ପଡ଼ିଛି। ବହୁ ଆବେଦନକାରୀ ଓ ପ୍ରତିପକ୍ଷ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ ସେମାନଙ୍କ ଠାରୁ ହାଜିରା ମଧ ଗ୍ରହଣ କରାଯାଇ ନାହିଁ। ସେମାନଙ୍କୁ ପୁନଃ ତାରିଖ ଦିଆଯିବ ଓ ସେହି ଦିନ ପୁଣି ଆସିବାକୁ ପରାମର୍ଶ ଦେଇ କର୍ମଚାରୀମାନେ ନିଜର ଦାୟିତ୍ୱ ସାରି ଦେଉଛନ୍ତି। ମାତ୍ର ଆବେଦନକାରୀ ସେମାନଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କୋର୍ଟଙ୍କ ଛୁଟି ସତ୍ତ୍ୱେ କାହିଁକି କେସ୍ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ମନମାନି କରି ଶତାଧିକ ଲୋକଙ୍କୁ ହଇରାଣ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ବାପଘରୁ ଫେରିଲେ ମହାଲକ୍ଷ୍ମୀ
# ଶ୍ରୀମନ୍ଦିରରେ ଆଜି ମକର ନୀତି

ପୁରୀ,୧୩।୧(ସମିସ): ଶ୍ରୀମନ୍ଦିରରେ ନବାଙ୍କ ନୀତି ଶେଷ ହୋଇଛି। ବୁଧବାର ବଡ଼ଦେଉଳରେ ମକର ସଂକ୍ରାନ୍ତି ନୀତି ଅନୁଷ୍ଠିତ ହେବ। ତିନିଠାକୁରଙ୍କୁ ମକର ଚୂଳ ଲାଗି କରାଯିବ। ବିଶ୍ୱାସ ରହିଛି ଧନୁ ସଂକ୍ରାନ୍ତିଠାରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ନବାଙ୍କରେ ଭାର ଥୋର ନେଇ ଶ୍ରୀମନ୍ଦିରକୁ ଫେରିଥାନ୍ତି।

ମଙ୍ଗଳବାର ଶ୍ରୀମନ୍ଦିରରେ ଚାଉଳ ମେଲାଣ ନୀତି ଓ ଫୁଲ ମେଲାଣ ନୀତି ଅନୁଷ୍ଠିତ ହୋଇଛି। ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ, ଜଳ କବରମାନ ଘେନି ପଟୁଆରରେ ଘଣ୍ଟ, ଛତା, କାହାଳୀ ସହ ବଡ଼ଦେଉଳକୁ ବେଢାଏ ପ୍ରଦକ୍ଷିଣ କରି ବେହେରଣ ଦ୍ୱାରଠାରେ ବେଶ ପାଇଁ ପାଳିଆ ସେବକଙ୍କୁ ଦେଇଥିଲେ। ଏହି ମାଳମାନ ସନ୍ଧ୍ୟା ଆଳତି ବେଶରେ ଲାଗି ହୋଇଥିଲା। ମହାପ୍ରଭୁଙ୍କର ଚନ୍ଦନ ଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ଭଦ୍ରାସନ ଉପରେ ମୁରୁଜ ପଡ଼ି ୩ଟି ବାଉଁଶିଆରେ ଚାଉଳ ରଖାଯାଇଥିଲା। ସେଥିରେ ଫୁଲ, ଚନ୍ଦନ, ଚେମେଡ଼ି ପତନି ଦିଆଯାଇ ଅଧିବାସ କରାଯିବା ପରେ ଦୁଆରମାନ ମୁଦ ହୋଇଥିଲା। ଏହି ଅଧିବାସ ଚାଉଳ ହିଁ ମକର ଚାଉଳ ଭାବେ ମହାପ୍ରଭୁଙ୍କୁ ରବିବାର ଲାଗି ହେବ।



ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ବଢ଼ି ପାଣି ପଡ଼ି ବଡ଼ସିଂହାର ଭୋଗ ଆସିବା ପରେ ଦକ୍ଷିଣୀ ଘରୁ ମଦନ ମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ଭିତର ଭୋଗ ସରି ପଣ୍ଡା ଶ୍ରୀଅଙ୍ଗକୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ଧରି ସିଂହାସନ ଚାରିପଟେ ସାଢ଼େ ୪ଘେରା ବେଢ଼ା କରିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳୀ ସହ ବଡ଼ଦେଉଳକୁ ସାଢ଼େ ଚାରିବେଢ଼ା ବୁଲାଇ ବଟମୂଳେ ବିମାନ ରଖିଥିଲେ। ମହାଜନେ ରୁନ୍ଧା ଫିଟାଇ ହାତରେ ଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରଖିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

**■ ଆଇନଜୀବୀ ପୀତବାସ ହତ୍ୟା ମାମଲା**

## ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ

ବ୍ରହ୍ମପୁର, ୧୩।୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୬ ଅଭିଯୁକ୍ତ ମଳୟ ବିଷୋୟୀ, ଜୟପୁର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶୱାନଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମଙ୍ଗଳବାର ଏହି ମାମଲାର ଶୁଣାଣି ହୋଇଥିଲା । ୧୬ ତାରିଖରେ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୬ତାରିଖ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ବାସଭବନ ନିକଟରେ ଦୁଇଜଣ ମୁଖାଧାରୀ ଅଜଣା ଆତତାୟୀ ଗୁଳି କରି ହତ୍ୟା କରିଥିଲେ। ଏହି ମାମଲାରେ ପୁଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଛି । ବର୍ତ୍ତମାନ ୧୫ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ବନ୍ଦୀ ଅଛନ୍ତି।

## ୧୭ରୁ ପ୍ରତି ଜିଲ୍ଲାରେ ସମବାୟବିତ୍‌ଙ୍କୁ ଭେଟିବ କଂଗ୍ରେସ

ଭୁବନେଶ୍ୱର,୧୩।୧(ସମିସ): ସବୁବର୍ଗର ଲୋକଙ୍କ ଅର୍ଥନୈତିକ ପ୍ରଗତିରେ ସମବାୟ ଏକ ବଳିଷ୍ଠ ମାଧ୍ୟମ । ସମବାୟ ସଂସ୍ଥାଗୁଡ଼ିକ ଯେତିକି ସଶକ୍ତ ଓ କ୍ରିୟାଶୀଳ ହେବ, ସଭ୍ୟ ସଭ୍ୟାମାନଙ୍କର ସେତିକି ବିକାଶ ହେବା ସହ ରାଜ୍ୟ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। କିନ୍ତୁ, ବର୍ତ୍ତମାନ ବିଜେପି ସରକାରରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ଆଡ଼କୁ ଗତି କରି ଚାଲିଛି। ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ, ପରିଚାଳନାଗତ ତ୍ରୁଟି, ନିର୍ବାଚନରେ ସ୍ୱଚ୍ଛତା ନ ରହିବା, ସମବାୟ ସଂସ୍ଥାର କର୍ମଚାରୀମାନଙ୍କ ଦୀର୍ଘ ଦିନର ନ୍ୟାଯ୍ୟ ଦାବି ପୂରଣ ନ ହେବା ଆଦି ଏହାର କାରଣ ବୋଲି ପିସିସି ସମବାୟ ବିଭାଗ ମୁଖ୍ୟ ଅମିୟ ପଟ୍ଟନାୟକ କହିଛନ୍ତି । ତେଣୁ, ସମବାୟକୁ ସମୃଦ୍ଧ କରିବାକୁ ପିସିସି ସମବାୟ ପ୍ରକୋଷ୍ଠ ଆସନ୍ତା ୧୭ ତାରିଖରୁ ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାସ୍ତରରେ ସମବାୟବିତ୍‌ମାନଙ୍କୁ ନେଇ ବୈଠକ ଓ କର୍ମଶାଳା ଆୟୋଜନ କରିବ । ଏଥିରେ ସମବାୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର କରଯିବା ସହ ସମବାୟବିତ୍‌ମାନଙ୍କ ଅନୁଭୂତିପୂର୍ଣ୍ଣ ମତାମତକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଆସନ୍ତା ୧୭ ତାରିଖ ଦିନ ପ୍ରଥମେ ଗଞ୍ଜାମ ଜିଲ୍ଲାର ବାପୁଜୀ ଆଶ୍ରମଠାରେ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ପ୍ରଥମ ବୈଠକ ଅନୁଷ୍ଠିତ ହେବ । ପ୍ରତି ଜିଲ୍ଲାସ୍ତରରେ ଆୟୋଜିତ ହେବାକୁ ଥିବା କର୍ମଶାଳାରେ ପ୍ରାଥମିକଠାରୁ ଶୀର୍ଷ ସମବାୟ ସଂସ୍ଥା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ କଂଗ୍ରେସପ୍ରେମୀ ସମବାୟବିତ୍‌ମାନେ ଅଂଶଗ୍ରହଣ କରିବାକୁ ରାଜ୍ୟ ପ୍ରକୋଷ୍ଠର ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ ଅନୁରୋଧ କରିଛନ୍ତି।

## ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ପେନସନ ପ୍ରଦାନ ନିର୍ଦ୍ଦେଶ
# ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ, ୧୩।୧(ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ପ୍ରଥମେ ଡିଏଲଆର ଓ ପରେ ୱାର୍କଚାର୍ଜଡ କର୍ମଚାରୀ ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିବା ପରେ ଅବସର ନେଇଥିବା କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ତଥା ପେନସନ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପାଇଁ ଜଣିକିଆ ବିଚାରପତି ୨୦୨୪, ମେ' ୨୦ରେ ପ୍ରଦାନ କରିଥିବା ରାୟକୁ ୮ ସପ୍ତାହ ଭିତରେ କାର୍ଯ୍ୟକାରୀ କରି ଏ ସଂପର୍କିତ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ରୁଜୁ ରିଟ୍ ଅପିଲର ଶୁଣାଣି କରି ଏପରି ରାୟ ଦେଇଛନ୍ତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ। ଏଥିସହ ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଅପିଲକୁ ହାଇକୋର୍ଟ ଖାରଜ କରିଛନ୍ତି । ପ୍ରତିପକ୍ଷଙ୍କ ପ୍ରତି ସରକାରଙ୍କ ସାବତ ମା' ଭଳି ଆଭିମୁଖ୍ୟକୁ ନେଇ ଅଦାଲତ ପ୍ରଶ୍ନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ୧୯୮୫ରେ ପୂର୍ତ୍ତ ବିଭାଗରେ ଡିଏଲଆର ଭାବେ ପ୍ରତିପକ୍ଷ କର୍ମଚାରୀ ଯୋଗଦେଇ ୨୦୧୧ରୁ ସେ ୱାର୍କଚାର୍ଜଡ୍ କର୍ମଚାରୀ ଭାବେ କାର୍ଯ୍ୟ କରିଥିଲେ। ୨୦୨୪ରେ ସେ ଅବସର ନେଇଥିଲେ। ୩୦ବର୍ଷ ଧରି କାମ କରିଥିଲେ ମଧ ତାଙ୍କୁ ପେନସନ୍ ମିଳିନଥିଲା। ଅନ୍ୟପକ୍ଷରେ ପ୍ରଦୀପ କୁମାର ପାଣିଗ୍ରାହୀ ବନାମ ଓଡ଼ିଶା ସରକାର ମାମଲାର ରାୟ ଅନୁସାରେ ଅବସର ପୂର୍ବରୁ ଆବେଦନକାରୀଙ୍କ ଚାକିରି ନିୟମିତ କରି ପେନସନ୍ ପ୍ରଦାନ କରାଯିବା କଥା ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଦୀପ କୁମାର ପାଣିଗ୍ରାହୀ ମାମଲାର ରାୟ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ ପ୍ରସଙ୍ଗରେ ବିଚାର କରି ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ଜଣିକିଆ ବିଚାରପତି ଖଣ୍ଡପୀଠ ୨୦୨୪, ମେ ୨୦ରେ ନିର୍ଦ୍ଦେଶ ଦେଇଥିଲେ । ଏହି ରାୟକୁ ବିରୋଧ କରି ସରକାରଙ୍କ ତରଫରୁ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ । ପ୍ରତିପକ୍ଷ କର୍ମଚାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ତନ୍ମୟ ମିଶ୍ର ସହାୟତା କରୁଥିଲେ ।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି
# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନ ଅବିସ୍ମରଣୀୟ

ଭୁବନେଶ୍ୱର,୧୨ ।୧(ସମିସ): ଖଣ୍ଡବିଖଣ୍ଡିତ ଉତ୍କଳ ପ୍ରଦେଶର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ଓଡ଼ିଶା ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଭୂମିକା ଅବିସ୍ମରଣୀୟ। ଜଣେ ପ୍ରଜାବତ୍ସଳ ନେତା ଭାବେ ସେ ବହୁ ଜନହିତକର କାର୍ଯ୍ୟ କରିବା ସହ ଓଡ଼ିଆକୁ ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନରେ ଆୟୋଜିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦେଇଥିବା ବିଶିଷ୍ଟ ଅତିଥିମାନେ ଏପରି ମତ ରଖିଛନ୍ତି।




ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଗଞ୍ଜାମ ଜିଲ୍ଲାକୁ ସଶକ୍ତ କରିଥିଲେ। ଓଡ଼ିଶା ପାଇଁ ସେ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍କଳ ପ୍ରଦେଶ ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନକୁ ସ୍ମରଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ଖଲ୍ଲିକୋଟ ରାଜପରିବାରର ସଦସ୍ୟ ଡ. ସାକେତ ରାମରାଓ ପ୍ରମୁଖ ଯୋଗଦେଇ ଓଡ଼ିଶାର ଗରିମାମୟ ଇତିହାସ ତଥା ଓଡ଼ିଶାର କଳା, ବିଜ୍ଞାନ, ଶିକ୍ଷା ଓ ସଂସ୍କୃତିର ସମୃଦ୍ଧି ନିମନ୍ତେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଓ ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଦେଇଥିଲେ।

**■ ୬ବର୍ଷର ଝିଅକୁ ପିଟିପିଟି ହତ୍ୟା ମାମଲା**

## ବାପା ଓ ସାବତ ମାଆକୁ ୧୦ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ବ୍ରହ୍ମପୁର, ୧୩।୧ (ସମିସ): ୬ବର୍ଷର ଝିଅକୁ ପିଟିପିଟି ହତ୍ୟା କରିବା ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍-(ତୃତୀୟ) ବିବସ୍ୱତ ଗୌତମ ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଆସାମୀଦ୍ୱୟ ହେଲେ, ମୃତ ଶିଶୁକନ୍ୟାର ବାପା ତଥା ଦିଗପହଣ୍ଡି ଅଞ୍ଚଳର ଏ. ଦିବାକର(୩୬) ଏବଂ ସାବତ ମା' ଏସ୍. ତପେୟା(୩୨) ।

ସୂଚନାଯୋଗ୍ୟ, ୨୦୨୨ ମସିହା ଫେବ୍ରୁଆରୀ ୨୮ ତାରିଖରେ ଏ. ଦିବାକରଙ୍କ ପ୍ରଥମ ପତ୍ନୀଙ୍କ ଝିଅ ଏ. ତପସ୍ୟା(୬)ଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ତପସ୍ୟାଙ୍କ ଅଜା ଏ. ଭୀମ ସୂଚନା ପାଇଥିଲେ। ସେ ଦିବାକରଙ୍କ ଘରେ ପହଞ୍ଚିବା ପରେ ପାରିପାର୍ଶିକ ପରିସ୍ଥିତିକୁ ଦେଖି ନାତୁଣୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା(୯୨/୨୨) ରୁଜୁ କରି ତଦନ୍ତ କରିଥିଲା। ପୁଲିସ ମୃତ ତପସ୍ୟାଙ୍କ ବାପା ଏ. ଦିବାକର ଏବଂ ସାତବ ମାଆ ଏସ. ତପେୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୋଗକାରୀ ଭୀମଙ୍କ ଝିଅ କେ. ଶଶିଙ୍କୁ ୨୦୧୫ ମସିହାରେ ଦିବାକର ବିବାହ କରିଥିଲେ। ଉଭୟଙ୍କ ଏକ କନ୍ୟା ସନ୍ତାନ ତପସ୍ୟା ଜନ୍ମ ହୋଇଥିଲେ। ଏହାର କିଛିବର୍ଷ ପରେ ଶଶିଙ୍କ ମୃତ୍ୟୁ ହୋଇଯାଇଥିଲା। ଶଶିଙ୍କ ମୃତ୍ୟୁ ପରେ ଦିବାକର ତପେୟାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଦିବାକରଙ୍କ ପୂର୍ବପତ୍ନୀଙ୍କ ଔରସରୁ ଜନ୍ମିତ ଝିଅ ତପସ୍ୟା ତାଙ୍କ ନିକଟରେ ରହୁଥିଲା। କିନ୍ତୁ ତପସ୍ୟାକୁ ନେଇ ଦିବାକରଙ୍କ ଦ୍ୱିତୀୟ ପତ୍ନୀ ତପେୟା ଖୁସି ନଥିଲେ। ଯାହାକୁ ନେଇ ଦିବାକର ଓ ତପେୟାଙ୍କ ମଧ୍ୟରେ ଝଗଡା ଲାଗି ରହୁଥିଲା। ୨୮ ତାରିଖ ରାତିରେ ଉଭୟେ ୬ବର୍ଷର ଝିଅ ତପସ୍ୟାଙ୍କୁ ଏକ ବାଡିରେ ପିଟିପିଟି ଘର ଭିତରେ ହତ୍ୟା କରି ଦେଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ମାମଲାର ତଦନ୍ତ ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଚାର୍ଜସିଟ ଦାଖଲ କରିଥିଲେ। ଏପଟେ ଗିରଫ ପରଠାରୁ ଉଭୟ ସ୍ୱାମୀ-ସ୍ତ୍ରୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହି ଆସୁଥିଲେ। ଆଜି ରାୟ ପ୍ରକାଶ ବେଳେ ଉଭୟଙ୍କୁ କୋର୍ଟରେ ହଜାର କରାଯାଇଥିଲା। ଉପଯୁକ୍ତ ତଥ୍ୟ ଓ ପ୍ରମାଣ ସହିତ ୨୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଥିବା ଏପିପି ରଜତ କୁମାର ଦାଶ ସୂଚନା ଦେଇଛନ୍ତି ।

# ଅବସର ନେବେ ଆଲିସା ହିଲୀ

ସିଡ୍‌ନୀ, ୧୩।୧ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହିଲୀ ଅବସର ନେଇ ସୂଚନା ଦେଇଛନ୍ତି। ଫେବୃଆରୀ ୧୫ରୁ ଘରୋଇ ପରିବେଶରେ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ସିରିଜ ପରେ ସମସ୍ତ ଫର୍ମାଟ୍‌ରୁ ଅବସର ନେବେ ବୋଲି ୩୫ ବର୍ଷୀୟା ହିଲୀ ମଙ୍ଗଳବାର ସୂଚନା ଦେଇଛନ୍ତି। ୨୦୧୦ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଖେଳି ଏହି ୱିକେଟ୍‌କିପର ବ୍ୟାଟର୍ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଦୀର୍ଘ ୧୬ ବର୍ଷର କ୍ୟାରିୟରରେ ସେ ଅଷ୍ଟ୍ରେଲିଆ ପାଇଁ ୧୦ଟି ଟେଷ୍ଟ, ୧୨୩ ଦିନିକିଆ ଓ ୧୬୨ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ୭ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୮ଟି ଶତକ ଓ ୩୮ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୱିକେଟ୍ ପଛରେ ହିଲୀ ୨୭୫ଟି ଡିସ୍‌ମିସାଲ ମଧ୍ୟ କରିଛନ୍ତି। ଜ୍ୱାଜଲ୍ୟମୟ କ୍ୟାରିୟରରେ ହିଲୀ ୮ଟି ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ଯେଉଁଥିରେ ସେ ୬ଥର ଟି-୨୦ ବିଶ୍ୱକପ୍ (୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩) ଓ ୨ଥର ଦିନିକିଆ ବିଶ୍ୱକପ୍ (୨୦୧୩ ଓ ୨୦୨୨) ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ହିଲୀ ୨୦୧୬ରେ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ବିବାହ କରିଥିଲେ।



# ରାଜ୍ୟ ଲନ୍‌ବଲ ପ୍ରତିଯୋଗିତା ୧୬ରୁ

ଭୁବନେଶ୍ୱର,୧୩।୧(ସମିସ): ଓଡ଼ିଶା ଲନ୍‌ବଲ ସଂଘ ଆନୁକୂଲ୍ୟରେ ବଲାଙ୍ଗିରର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ନବନିର୍ମିତ ଲନ୍‌ବଲ୍ କୋର୍ଟରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୫ଟି ବିଭାଗରେ ପୁରୁଷ ଓ ମହିଳା ବର୍ଗରେ ୩୦୦ ଜଣ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୩ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଜୋରଦାର ଲଢ଼େଇ ହେବ ବୋଲି ରାଜ୍ୟ ଲନ୍‌ବଲ ସଂଘ ସମ୍ପାଦକ ସୁମିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଦିନିକିଆରେ ମଧ୍ୟ ରୋହିତ-କୋହଲିଙ୍କ ଆକର୍ଷଣ

# ରାଜକୋଟରେ ସିରିଜ୍ କବ୍‌ଜା ଭାରତର ଲକ୍ଷ୍ୟ

ରାଜକୋଟ,୧୩।୧(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଆସନ୍ତାକାଲି ବା ବୁଧବାର ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପୂର୍ବରୁ ବରୋଦାରେ ୧୧ ତାରିଖରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୪ ୱିକେଟରେ ବିଜୟୀ ହୋଇଥିଲା। ଭାରତୀୟ ଦଳରେ ଦୁଇ କିଂବଦନ୍ତି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସହାୟତାରେ ଭାରତ ଏଠାରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଜିତିବା ସହ ଆଗୁଆ ସିରିଜ୍ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଏହି ସିରିଜ୍‌ରେ ନ୍ୟୁଜିଲାଣ୍ଡ ତାହାର ଶ୍ରେଷ୍ଠ ଖେଳାଳିଙ୍କ ବିନା ଖେଳିବାକୁ ଆସିଥିଲେ ମଧ୍ୟ ମ୍ୟାଚ୍ ଜିତିବାକୁ ଭାରତକୁ ନାକେଦମ କରିଥିଲା। ଏଣୁ ଦଳ ଯଦି ଆଉ ଟିକେ ଲଢୁଆ ଖେଳିବ ତେବେ ଫଳାଫଳ ନିଶ୍ଚିତ ଅଲଗା ହେବ। ରାଜକୋଟରେ ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍ ସଂଗୃହୀତ ହୋଇଛି। ଏଣୁ ଏହି ମ୍ୟାଚ୍ ଯେ ହାଇ ସ୍କୋରିଂ ମୁକାବିଲା ହେବ ଏଥିରେ ସନ୍ଦେହ ନାହିଁ। ଏଭଳି ମ୍ୟାଚ୍‌ରେ ରନ୍ ଚେଜ୍ କରୁଥିବା ଦଳ ଯେ ଫାଇଦାରେ ରହିବା ନିଶ୍ଚିତ୍। ଏବେ ପ୍ରବଳ କାକର ପଡୁଥିବାରୁ ଏପରି ଆଶଙ୍କା ରହିଛି।

ବରୋଦାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ମ୍ୟାଚ୍ ଜିତିଥିଲା ସତ, କିନ୍ତୁ ଏଥିଲାଗି ଦଳକୁ ସଂଘର୍ଷ କରିବାକୁ ପଡ଼ିଥିଲା। ବୋଲିଂ ହେଉ କିମ୍ବା ବ୍ୟାଟିଂରେ ଭାରତ ଦମ୍‌ର ସହ ପ୍ରଦର୍ଶନ କରିପାରି ନ ଥିଲା। ବୋଲିଂରେ ପେସ୍‌ର ହୁଅନ୍ତୁ କି ସ୍ପିନର କେହି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହୋଇଥିଲେ। ଯାହା ଫଳରେ ଦୁଇ ଅଭିଜ୍ଞ ବ୍ୟାଟର ରୋହିତ ଓ କୋହଲିଙ୍କ ଯୋଗୁଁ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ କୋହଲି ଗୋଟିକ ପରେ ଗୋଟିଏ ରେକର୍ଡ ଭାଙ୍ଗିଥିଲେ ମଧ୍ୟ କେବଳ ଶତକରୁ ବଞ୍ଚିତ ହୋଇଥିଲେ। ରାଜକୋଟରେ ରୋହିତଙ୍କ ରେକର୍ଡ ବହୁତ ଭଲ। ଏଠାରେ ପୂର୍ବରୁ ସେ ଖେଳିଥିବା ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୭୪ବଲ୍‌ରୁ ୬୫, ୪୪ ବଲ୍‌ରୁ ୪୨ ଓ ୫୭ ବଲ୍‌ରୁ ୮୧ ରନ୍ କରିଛନ୍ତି। ଏଣୁ ବୟସ ଅଧିକ ହୋଇଥିଲେ ମଧ୍ୟ ଉଭୟ ରୋହିତ ଓ କୋହଲିଙ୍କ ଯୁବସୁଲଭ ଖେଳ ଭାରତୀୟଙ୍କୁ ପ୍ରଭାବିତ କରୁଛି।

ବରୋଦାରେ ଦଳର ବୋଲିଂ ଶୃଙ୍ଖଳିତ ନ ଥିଲା। ଯାହା ଫଳରେ ପ୍ରଥମ ୱିକେଟରୁ ନ୍ୟୁଜିଲାଣ୍ଡ ସେଞ୍ଚୁରୀ ପାର୍ଟନରସିପ୍ କରିପାରିଥିଲା। ଏଭଳି ସ୍ଥିତିରେ ବୋଲର କିଛି ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଆହତ ହୋଇ ୱାଶିଂଟନ ସୁନ୍ଦର ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଭାରତ ଅନ୍ୟତମ ପେସ ଅଲରାଉଣ୍ଡର ନିତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାର ସମ୍ଭାବନା ରହିଛି। ଅନ୍ୟ ଖେଳାଳିମାନେ ସ୍ଥାନ ବଜାୟ ରଖିବେ।

ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଦଳ ବରୋଦାରେ ଆଉ କିଛି ଅଧିକ ରନ୍ କରିଥିଲେ ଭାରତକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିଥାନ୍ତା। ଏହା ଉପରେ ସେମାନେ ନଜର ଦେବେ। କେବଳ ପେସ ବୋଲର କାଏଲ ଜାମିସନଙ୍କୁ ଭାରତୀୟ ବ୍ୟାଟର ଖେଳିବା କଷ୍ଟକର ହୋଇଥିଲା। ଅନ୍ୟ ବୋଲରଙ୍କଠାରୁ ସହଯୋଗ ଆଶା କରାଯାଉଛି। ସେହିପରି ଦଳ ଫିଲ୍ଡିଂରେ ଉନ୍ନତି ଆଣିବା ଦରକାର।



### ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍

ରାଜକୋଟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସରେ ହାରାହାରି ୩୨୨ ରନ୍ ସଂଗ୍ରହର ରେକର୍ଡ ରହିଛି। ନ୍ୟୁଜିଲାଣ୍ଡର କ୍ରମାଗତ ୯ଟି ବିଜୟରେ ଭାରତ ବରୋଦାରେ ବ୍ରେକ୍ ଲଗାଇଛି। ଭ୍ରମଣକାରୀ ଦଳ ଭାରତରେ ୭ଥର ଦ୍ୱିପାକ୍ଷିକ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିକରେ ଜିତିନାହିଁ। ଉଭୟ ଦଳ ଭାରତୀୟ ମାଟିରେ ୪୦ଟି ସମ୍ପୂର୍ଣ୍ଣ ହୋଇଥିବା ମ୍ୟାଚ୍‌ରୁ ନ୍ୟୁଜିଲାଣ୍ଡ ମାତ୍ର ୮ଟିରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୨୦୧୬ ପରଠାରୁ ଘରୋଇ ମାଟିରେ ଭାରତ ୧୩ଟି ଦ୍ୱିପାକ୍ଷିକ ସିରିଜ୍ ଜିତିଥିଲା ମାତ୍ର ୨ଟିରେ ତାହା ପୁଣି ଅଷ୍ଟ୍ରେଲିଆ ନିକଟରୁ ହାରିଛି। ଆସନ୍ତାକାଲି ବିଜୟୀ ହେଲେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୮ମ ଦ୍ୱିପାକ୍ଷିକ ସିରିଜ୍ ବିଜୟୀ ହେବ।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା।
**ବେଞ୍ଚ୍** -ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ଅର୍ଶଦୀପ ସିଂହ ଓ ଆୟୂଷ ବଦୋନି।

**ନ୍ୟୁଜିଲାଣ୍ଡ** : ଡେଭନ କନୱେ, ହେନରୀ ନିକୋଲସ, ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ମିଚେଲ ହେ (ୱିକେଟ ରକ୍ଷକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ଜୋଶ କ୍ଲାର୍କସନ, ଆଦିତ୍ୟ ଅଶୋକ।
**ବେଞ୍ଚ** - ଜେଡେନ ଲେନ୍ନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ, ମାଇକେଲ ରେ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

# ଡବ୍ଲ୍ୟୁପିଏଲ୍: ରିଟାୟର୍ଡ ଆଉଟ୍ ହେବାରେ ସୋନି ପ୍ରଥମ ଖେଳାଳି

ମୁମ୍ବାଇ, ୧୩।୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୬ଷ୍ଠ ମ୍ୟାଚରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟ୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଡି ୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୨ ରନ ସଂଗ୍ରହ କରିଛି। ଜର୍ଜିଆ ୱେରହାମ ଅପରାଜିତ ୪୩, ଓପନର୍ ବେଥ୍ ମୁନୀ ୩୩, ସୋଫି ଡିଭାଇନ ୮, କନିକା ଆହୁଜା ୩୫, ଅଧିନାୟିକା ଆସଲେ ଗାର୍ଡନର ୨୦ ରନ କରି ଆଉଟ୍ ହୋଇଛନ୍ତି। ଆୟୂଷି ସୋନି ୧୪ ବଲରେ ୧୧ ରନ କରି ରିଟାୟର୍ଡ ଆଉଟ୍ ହୋଇଥିଲେ। ଏଥିସହ ଡବ୍ଲ୍ୟୁପିଏଲ୍ ଇତିହାସରେ ରିଟାୟର୍ଡ ଆଉଟ୍ ହେବାରେ ପ୍ରଥମ ଖେଳାଳି ହୋଇଛନ୍ତି ସୋନି। ବୋଲିଂରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସବନିମ୍ ଇସମାଇଲ, ହେଲୀ ମାଥ୍ୟୁସ, ନିକୋଲା କାରୀ ଓ ଆମେଲିଆ କେର୍ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି।

# କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୧(ସମିସ): ସଚିବାଳୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆନ୍ତଃବିଭାଗୀୟ କ୍ୟାରମ ପ୍ରତିଯୋଗିତା ୟୁନିଟ୍-୧ରେ ଥିବା ଆକ୍ଟିଭିଟି ସଭାଗୃହ ପରିସରରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲିକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପନିର୍ଦ୍ଦେଶକ ଶେଷଦେବ ବେହେରା, ଉନ୍ନୟନ ପରିଷଦର ଉପଦେଷ୍ଟା ବିପିନ ବିହାରୀ ହାଁସ୍‌ଦା ଯୋଗଦେଇଥିଲେ। ସଭାପତି ଦିବ୍ୟଜୀବନ ସାହୁ, ସମ୍ପାଦକ ଶିବପ୍ରସାଦ ହାଁସ୍‌ଦା, କୋଷାଧ୍ୟକ୍ଷ ସିକନ୍ଦର ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ। ୨୭ ତାରିଖରେ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ ଓ ଡବଲ୍ସ, ପୁରୁଷ ବିଭାଗ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟ ଖେଳାଯିବ। ଏଥିରେ ୧୪ଟି ବିଭାଗରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।



# ସ୍ୱଚ୍ଛତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠାଇଲେ ମିଆ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ସ୍ୱଚ୍ଛତାକୁ ନେଇ ପୁଣିଥରେ ଡେନମାର୍କ ଖେଳାଳି ମିଆ ବ୍ଲିଚଫେଲ୍ଡ୍‌ଟ୍ ପ୍ରଶ୍ନ ଉଠାଇଛନ୍ତି। ଗତ ବର୍ଷ ଏହି ପ୍ରତିଯୋଗିତା କେଡି ଯାଦବ ଇଣ୍ଡୋର ଷ୍ଟାଡିୟମରେ ଖେଳା ଯାଇଥିବାବେଳେ ସମାନ ପରିଷ୍କାର, ସ୍ୱଚ୍ଛତା ଓ ପରିବେଶକୁ ନେଇ ୨୮ ବର୍ଷୀୟା ମିଆ ପ୍ରଶ୍ନ ଉଠାଇଥିଲେ। ସେହି ସମୟରେ ମିଆ ଅସୁସ୍ଥ ମଧ୍ୟ ହୋଇପଡ଼ିଥିଲେ। ଏଥିଲାଗି ସେ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶକୁ ଦାୟୀ କରିଥିଲେ। ଏଥର କିନ୍ତୁ ଟୁର୍ଣ୍ଣାମେଣ୍ଟ ଇନ୍ଦିରା ଗାନ୍ଧୀ (ଆଇଜି) ଏରେନାକୁ ସ୍ଥାନାନ୍ତରଣ ହୋଇଛି। ତଥାପି ମଧ୍ୟ ଟୁର୍ଣ୍ଣାମେଣ୍ଟର ଆୟୋଜକ ସ୍ଥଳ ଓ ପରିବେଶକୁ ନେଇ ମିଆ ଖୁସି ନାହାନ୍ତି। 'ଏଠାକାର ଆକାର ବହୁତ ବଡ଼। ବିଶ୍ୱ ଚାମ୍ପିଅନସିପ୍ ଭଳି ମେଜର ଇଭେଣ୍ଟ ଲାଗି ଏହା ପ୍ରକୃଷ୍ଟ। କିନ୍ତୁ ଦୁର୍ଭାଗ୍ୟବଶତଃ ଖେଳାଳିଙ୍କ ଲାଗି ଉପଲବ୍ଧ ଅଭ୍ୟାସ କୋର୍ଟ୍ ଏବେ ବି ମଇଳା ରହିଛି। ପକ୍ଷୀମାନେ ଭିତରେ ଉଡ଼ି ଏଣେତେଣେ ବସୁଛନ୍ତି। ଯାହା ଖେଳାଳିଙ୍କ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ଜଣେ ୟୁରୋପୀୟ ଖେଳାଳି ଭାବେ ମୁଁ ଖାଦ୍ୟ ଓ ବ୍ୟାକ୍ଟେରିଆ ଭଳି ଜିନିଷ ପ୍ରତି ମୁଁ ଅଧିକ ସମ୍ବେଦନଶୀଳ। ତେଣୁ ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ଏଥିପ୍ରତି ଧ୍ୟାନ ଦେବା ଉଚିତ' ବୋଲି ମିଆ କହିଛନ୍ତି।



# ସେମିରେ କର୍ଣ୍ଣାଟକ-ବିଦର୍ଭ, ପଞ୍ଜାବ-ସୌରାଷ୍ଟ୍ର ମୁକାବିଲା

ବେଙ୍ଗାଲୁରୁ,୧୩।୧(ଏଜେନ୍ସି): ଭାରତର ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର-୨୦୨୬ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଜାନୁଆରୀ ୧୫ ତାରିଖ ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ସହ ବିଦର୍ଭର ଓ ୧୬ ତାରିଖ ଶୁକ୍ରବାର ଦିନ ଦ୍ୱିତୀୟ ସେମିଫାଇନାଲରେ ପଞ୍ଜାବ ସହ ସୌରାଷ୍ଟ୍ରର ମୁକାବିଲା ହେବ। ଆଜି ବା ମଙ୍ଗଳବାର ଖେଳାଯାଇଥିବା ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଦର୍ଭ ୭୬ ରନ୍‌ରେ ଦିଲ୍ଲୀକୁ ଓ ପଞ୍ଜାବ ୧୮୩ ରନ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗତକାଲି ଖେଳାଯାଇଥିବା ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ ମୁମ୍ବାଇକୁ ୫୫ ରନ୍‌ରେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶକୁ ୧୭ ରନ୍‌ରେ ସୌରାଷ୍ଟ୍ର ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଦିନ ମ୍ୟାଚ୍ ବର୍ଷା ଯୋଗୁ ବାଧାପାଇଥିବା ବେଳେ ଭିଜେଡି ମେଥଡ୍‌ରେ ଫଳାଫଳ ନିର୍ଣ୍ଣିତ ହୋଇଥିଲା।

### ବିଜୟ ହଜାରେ ଟ୍ରଫି

ଆଜି ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ପ୍ରଭସିମରନ ସିଂହଙ୍କ ୮୮, ଅନ୍‌ମୋଲପ୍ରୀତ୍ ସିଂହଙ୍କ ୭୦ ଓ ନେହାଲ ୱାଧେରାଙ୍କ ୫୬ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୬ ୱିକେଟରେ ୩୪୫ ରନ୍ କରିଥିଲା। ଜବାବରେ ରଜତ ପାଟିଦାର (୩୮)ଙ୍କ ମଧ୍ୟପ୍ରଦେଶ ୩୧.୨ ଓଭରରେ ୧୬୨ ରନ୍ କରିଥିଲା। ଭେଙ୍କଟେଶ ଆୟର ଖାତା ଖୋଲି ପାରି ନ ଥିଲେ। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଯଶ ରାଠୋଡଙ୍କ ୮୬ ଓ ଅଥର୍ବ ତାଇଡେଙ୍କ ୬୨ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୯ ୱିକେଟରେ ୩୦୦ ରନ୍ କରିଥିଲା। ଜବାବରେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ହରାଇଥିବା ଦିଲ୍ଲୀ ୪୫.୧ ଓଭରରେ ୨୨୪ ରନ୍ କରିଥିଲା। ଅନୁଜ ରାୱତ ସର୍ବାଧିକ ୬୬ ରନ୍ କରିଥିଲେ। ବିଦର୍ଭର ନଚିକେତ ଭୁତେ ୪ଟି ଓ ଅଧିନାୟକ ହର୍ଷ ଦୁବେ ୩ଟି ୱିକେଟ ପାଇଥିଲେ।

# ଯୌନ ଅସଦାଚରଣ ପ୍ରତି ଶୂନ୍ୟ ସହନଶୀଳ ନୀତି ରହିଛି: କଳିକେଶ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏନଆର୍‌ଏଆଇ) ଯୌନ ଅସଦାଚରଣ ପ୍ରତି ଶୂନ୍ୟ ସହନଶୀଳତା ନୀତି ରହିଛି। ଜୁନିଅର ସୁଟରଙ୍କ ଦ୍ୱାରା ଜାତୀୟ କୋଚ୍ ଅଙ୍କୁଶ ଭରଦ୍ୱାଜଙ୍କ ନାମରେ ଆସିଥିବା ଯୌନ ଅସଦାଚରଣ ଅଭିଯୋଗ ଉପରେ ସୁଟିଂ ସଂଘ ପୂର୍ଣ୍ଣ ସହଯୋଗ କରିବ। ଏହା ଏକ ସମ୍ବେଦନଶୀଳ ମାମଲା। ଖେଳାଳିମାନଙ୍କ ପାଇଁ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ କ୍ରୀଡ଼ା ପରିବେଶ ଯୋଗାଇଦେବା ଉପରେ ଆମେ ଧ୍ୟାନ ଦେଉଛୁ ବୋଲି ଏନଆର୍‌ଏଆଇ ସଭାପତି କଳିକେଶ ସିଂ ଦେଓ କହିଛନ୍ତି। ସମସ୍ତ ଖେଳାଳି, ଅଧିକାରୀ ଓ ପ୍ରଶିକ୍ଷକ କିପରି ଆଚରଣ ପ୍ରଦର୍ଶନ କରିବେ ଏବଂ କ'ଣ ଗ୍ରହଣ ଓ କ'ଣ ଗ୍ରହଣୀୟ ନୁହେଁ ସେ ବିଷୟରେ ଏକ ଏସ୍‌ଓପି'ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏହି ଏସ୍‌ଓପିରେ ଆମେ ପ୍ରଶିକ୍ଷକମାନଙ୍କୁ କ୍ରୀଡ଼ାବିତ୍‌ଙ୍କ ରୁମକୁ ପ୍ରବେଶ କରିବା ଉପରେ ନିଷେଧ କରିଛୁ। କ୍ରୀଡ଼ାବିତ୍, କୋଚ୍, ଅଫିସିଆଲ୍‌ଙ୍କ ମଧ୍ୟରେ ଆଲୋଚନା ସାଧାରଣ ସ୍ଥାନରେ କରାଯିବା ଉଚିତ। ଯାହା ଫଳରେ ଏଭଳି ଅଘଟଣ ଘଟିବ ନାହିଁ ବୋଲି କଳିକେଶ ଏକ ସାକ୍ଷାତ୍‌କାରେ କହିଛନ୍ତି। ପ୍ରକାଶଯୋଗ୍ୟ, ନିକଟରେ ଜଣେ ୧୭ ବର୍ଷୀୟା ସୁଟର୍ ଜାତୀୟ କୋଚ୍ ଅଙ୍କୁଶଙ୍କ ନାମରେ ଅସଦାଚରଣ ଭଳି ଗମ୍ଭୀର ଆରୋପ ଆଣିଥିଲେ। ଏହାପରେ ପୋସ୍କୋ ଆକ୍ଟ ଅନୁଯାୟୀ ଅଙ୍କୁଶଙ୍କୁ ଗିରଫ କରାଯାଇଥିବାବେଳେ ଏନଆର୍‌ଏଆଇ ମଧ୍ୟ ନିଲମ୍ବନ କରିଥିଲା।

## ଆଇସିସିର ଭେନ୍ୟୁ ନ ବଦଳାଇବା ଅନୁରୋଧକୁ ପ୍ରତ୍ୟାଖ୍ୟାନ

# ବାଂଲାର ଜିଦ୍: ଭାରତରେ ଖେଳିବନି ଟି-୨୦ ବିଶ୍ୱକପ୍

ଢାକା,୧୩।୧(ଏଜେନ୍ସି)

ଭାରତରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପୁନର୍ବାର ଦାବି ଦୋହରାଇଛି। ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା (ଏବେ ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ ନାଜରୁଲଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟ ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଆଇସିସି ପକ୍ଷରୁ ଭାରତରେ ବାଂଲା ଖେଳାଳି ଓ କର୍ମକର୍ତ୍ତାଙ୍କ ସୁରକ୍ଷା ପ୍ରତି କିଛି ବିପଦ ଅଛି କି ନାହିଁ ଏକ ନିରପେକ୍ଷ ସୁରକ୍ଷା ସଂସ୍ଥା ଦ୍ୱାରା ଆକଳନ କରିଥିଲା। କେବଳ କିଛି ଭେନ୍ୟୁରେ ସାମାନ୍ୟ ବିରୋଧ ହେବା ଛଡ଼ା ଅନ୍ୟଠାରେ ସୁରକ୍ଷା ପ୍ରତି ସାମାନ୍ୟତମ ବିପଦ ନ ଥିବା ଏହି ସଂସ୍ଥା ଦର୍ଶାଇଥିଲା। ଏହି ରିପୋର୍ଟ ପାଇବା ପରେ ଭାରତରେ ବିଶ୍ୱକପ୍ ନ ଖେଳିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବାଂଲାଦେଶକୁ ଆଇସିସି ଅନୁରୋଧ କରିଥିଲା। କିନ୍ତୁ ବାଂଲା ସରକାରଙ୍କ କ୍ରୀଡ଼ା ଉପଦେଷ୍ଟା ଓ କ୍ରିକେଟ ବୋର୍ଡ କ୍ରିକେଟ ଦଳ ଭାରତ ଯିବ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ଭିଡିଓ କନ୍‌ଫରେନ୍ସ ଯୋଗେ ମଧ୍ୟ ଆଇସିସି ଓ ବିସିବି ମଧ୍ୟରେ ଆଲୋଚନା ହୋଇଥିଲା। କୌଣସି ପରିସ୍ଥିତିରେ ବାଂଲାଦେଶର କ୍ରିକେଟ ଟିମ୍ କିମ୍ବା କର୍ମକର୍ତ୍ତା ବିଶ୍ୱକପ୍ ଖେଳିବାକୁ ଭାରତ ଆସିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା ସହ ଭାରତ ବାହାରେ ଖେଳିବାକୁ ପୁଣିଥରେ ବିସିବି ଅନୁରୋଧ କରିଛି। ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ଲାଗି ଆସନ୍ତା ଦିନରେ ବିଚାର ବିମର୍ଶ କରିବାକୁ ରାଜି ହୋଇଛନ୍ତି। ଆଇସିସିର ଯୁକ୍ତି ହେଉଛି ବିଶ୍ୱକପ୍ ଲାଗି ଖେଳସୂଚୀ ଘୋଷଣା କରାଯାଇସାରିଥିବାରୁ ଭେନ୍ୟୁ ପରିବର୍ତ୍ତନ କରିବା କଷ୍ଟକର ହେଉଛି। ଏଣୁ ବିସିବି ସହୃଦୟତାର ସହ ବିଚାର କରିବାକୁ ଅନୁରୋଧ କରିଥିଲା। ଏହାକୁ ବିସିବି ଦୃଢ଼ଭାବେ ଖଣ୍ଡନ କରିଥିଲା ଓ ଭାରତ ଯିବ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିଥିଲା।

ଆଇପିଏଲ୍-୨୦୨୬ରେ ସ୍ଥାନ ପାଇଥିବା ବାଂଲାଦେଶର ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରଭାବିତ ହୋଇଛି। ରହେମାନଙ୍କୁ ବିଦା କରିବାର କୌଣସି କାରଣ ଦର୍ଶାଯାଇ ନ ଥିବାରୁ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ବିରୋଧ କରି ରହେମାନଙ୍କୁ ଭାରତରେ ନ ଖେଳାଇବା ଲାଗି ଦାବି କରାଯିବାରୁ ଏପରି ହୋଇଥିଲା। ତାଙ୍କୁ ବିଦା କରିବା ପରେ ସରକାର ବାଂଲାଦେଶରେ ଆଇପିଏଲ୍ ପ୍ରସାରଣକୁ ନିଷିଦ୍ଧ କରିଛନ୍ତି। ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ବାଂଲା କ୍ରିକେଟ ଦଳ ଭାରତକୁ ନ ଯିବା ଲାଗି ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି।




### ପାକିସ୍ତାନ ଜନ୍ମିତ ଆମେରିକୀୟ କ୍ରିକେଟରଙ୍କୁ ଭାରତୀୟ ଭିସା ମନା

ପାକିସ୍ତାନରେ ଜନ୍ମିତ ଆମେରିକୀୟ କ୍ରିକେଟର ଅଲି ଖାନ୍‌ଙ୍କୁ ଭାରତ ସରକାର ଭିସା ଦେବାକୁ ମନା କରିଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଆମେରିକା ତାହାର ଦଳ ଘୋଷଣା କରିନାହିଁ। କିନ୍ତୁ ଅଲି ଖାନ୍ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଖବର ପୋଷ୍ଟ କରିଛନ୍ତି। ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଆକଟରେ ଜନ୍ମହେବା ସହ ପଢ଼ିଥିବା ୩୫ ବର୍ଷୀୟ ମିଡିୟମ ପେସ୍ ବୋଲର ଅଲି ଖାନ୍ ଆମେରିକା ପକ୍ଷରୁ ୧୫ଟି ଦିନିକିଆ ଓ ୧୮ଟି ଟି-୨୦ ଖେଳିଛନ୍ତି। ସେ ମଧ୍ୟ ୨୦୨୪ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇଥିବା ଆମେରିକା ଦଳର ଅନ୍ୟତମ ସଦସ୍ୟ ରହିଥିଲେ।

ଭାରତ ଓ ପାକିସ୍ତାନ ସହ ଆମେରିକା ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଆମେରିକା ଦଳ ପ୍ରଥମ ମ୍ୟାଚ୍‌ରେ ଭାରତ ସହ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଫେବୃଆରୀ ୭ରେ ଖେଳିବ। କଲମ୍ବୋରେ ପାକିସ୍ତାନ ସହ ଫେବୃଆରୀ ୧୦ରେ, ଚେନ୍ନଇରେ ଫେବୃଆରୀ ୧୩ ଓ ୧୫ରେ ଯଥାକ୍ରମେ ନେଦରଲାଣ୍ଡସ ଓ ନାମିବ୍ୟା ସହ ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଖେଳିବ।

## ଅଲଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ | ମହାବୀର ୱାରିୟର୍ସ ଚାମ୍ପିଅନ

ଭୁବନେଶ୍ୱର,୧୩।୧(ସମିସ): ମା' ମଙ୍ଗଳା କ୍ଲବ୍‌କୁ ପରାସ୍ତ କରି ମହାବୀର ୱାରିୟର୍ସ ଷଷ୍ଠ ଅଲ୍ ଓଡ଼ିଶା କବାଡି ପ୍ରିମିୟର ଲିଗ୍ ଚାମ୍ପିଅନ ହୋଇଛି। ଫ୍ରାଞ୍ଚାଇଜ୍ ଭିତ୍ତିରେ ପଟିଆଗଡ଼ସ୍ଥିତ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଆଜି ଆୟୋଜିତ ହୋଇଥିଲା। ଫାଇନାଲର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୩୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସମାନସ୍ତରରେ ରହିଥିଲେ। ଅତିରିକ୍ତ ଖେଳରେ ମହାବୀର ୱାରିୟର୍ସ ୬-୪ରେ ମା' ମଙ୍ଗଳାକୁ ହରାଇ ଟାଇଟଲ ଜିତିନେଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାବର୍ଷଠାରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଲିଗ୍ ଖେଳାଯିବ ବୋଲି ଆୟୋଜକ ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍‌ର ସଭାପତି ସୁବାସ ପରିଡ଼ା ଘୋଷଣା କରିଛନ୍ତି।




## ହକି ଇଣ୍ଡିଆ ଲିଗ୍ | ଯୁଗରାଜଙ୍କ ହ୍ୟାଟ୍ରିକ୍; ଟାଇଗର୍ସ ବିଜୟୀ

ରାଞ୍ଚି,୧୩।୧(ଏଜେନ୍ସି): ଯୁଗଜରା ସିଂହଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ଷ୍ଟାଡିୟମ୍‌ରେ ମଙ୍ଗଳବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ପେନାଲ୍ଟି ଷ୍ଟ୍ରୋକ୍‌ରୁ ପ୍ରଥମ ଓ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଯୁଗରାଜ ଟାଇଗର୍ସର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟ ଦୁଇଟି ଗୋଲ ସୁଖଜିତ ସିଂହ ଓ ଅଭିଷେକ ସ୍କୋର କରିଥିଲେ। ତାମିଲନାଡୁ ଡ୍ରାଗନ୍ସ ପକ୍ଷରୁ ଓଡ଼ିଆ ଖେଳାଳି ଆଦ୍ରୋହିତ ଏକ୍କା, ଦୁଇ ବିଦେଶୀ ଖେଳାଳି ଥୋମାସ ସୋର୍ସବୀ ଓ ବ୍ଲେକ୍ ଗୋଭର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଟାଇଗର୍ସ ୪-୧ ଗୋଲରେ ଆଗୁଆ ରହିଥିଲା। ଆସନ୍ତାକାଲି କଳିଙ୍ଗ ଲାନ୍ସର୍ସ ବନାମ ହାଇଦ୍ରାବାଦ୍ ତୁଫାନ୍ସ ଓ ଏସ୍‌ଜି ପାଇପର୍ସ ବନାମ ରାଞ୍ଚି ରୟାଲ୍ସ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଆୟ ଓ ବ୍ୟୟ ସମାନ ରହିବ। ଅଚାନକ ଖୁସି ଖବର ପାଇବେ। କର୍ମକ୍ଷେତ୍ର ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସାମାଜିକ କାର୍ଯ୍ୟରେ ଭାଗ ନେବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ଅଫିସରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଉଧାର ଟଙ୍କା ଫେରି ପାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଟରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୬୧- ତୃତୀୟ ପାନିପଥ ଯୁଦ୍ଧ ଆରମ୍ଭ ହେଲା।
- ୧୯୨୬- ପ୍ରସିଦ୍ଧ ଲେଖିକା ମହାଶ୍ୱେତା ଦେବୀଙ୍କ ଜନ୍ମ।
- ୧୯୬୯- ମାଡ୍ରାସର ନାମ ବଦଳି ତାମିଲନାଡୁ ହେଲା।
- ୧୯୭୪- ବିଶ୍ୱ ଫୁଟବଲ ଲିଗ୍‌ର ସ୍ଥାପନା।
- ୧୯୮୨- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କଲେ।

## ଉତ୍ତରାୟଣ



ଭାରତର ଅନ୍ୟତମ ମହାନ ଆଧ୍ୟାତ୍ମିକ ପର୍ବ ହେଉଛି ମକର ସଂକ୍ରାନ୍ତି। ବର୍ଷର ଏହି ତିଥିରେ ସୂର୍ଯ୍ୟନାରାୟଣ ଧନୁ ରାଶି ଛାଡ଼ି ମକର ରାଶିରେ ପ୍ରବେଶ କରନ୍ତି। ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ। ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ' ଅର୍ଥାତ୍ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟ ଦେବତାଙ୍କୁ ହିନ୍ଦୁମାନେ ଏହିଦିନ ପୂଜାର୍ଚ୍ଚନା କରନ୍ତି। ମାନ୍ୟତା ଅଛି ଯେ, ଉତ୍ତରାୟଣ ସମୟରେ ଦେବତାମାନଙ୍କର ଦିନ ଏବଂ ଦୈତ୍ୟମାନଙ୍କର ରାତି ହୋଇଥାଏ। ଏହି ଦିନଠାରୁ ଦିନ ବଡ଼ ହୁଏ ଏବଂ ରାତି ଛୋଟ ହେବାକୁ ଲାଗେ। ମକର ସଂକ୍ରାନ୍ତି ଦିନ ଓଡ଼ିଶାର ଲୋକେ 'ମକର ଚାଉଳ'(ଅରୁଆ ଚାଉଳ, କ୍ଷୀର, ଦହି,ଛେନା, ଗୁଡ଼, କଦଳୀ, ନଡ଼ିଆ ଦ୍ୱାରା ପ୍ରସ୍ତୁତ ହୋଇଥାଏ) ପ୍ରସ୍ତୁତ କରି ଦେବଦେବୀଙ୍କ ନିକଟରେ ଭୋଗ କରିଥାନ୍ତି। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ 'ମକର ବେଶ'ରେ ସଜ୍ଜିତ କରାଯାଏ ଏବଂ ମକର ଚଉରାଶି ଭୋଗ ଲାଗି ହୁଏ। ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ କେଉଁ ଆବହମାନ କାଳରୁ ସରୋବର, ନଦୀ ତଟ, ସମୁଦ୍ର ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି। ଦେଶର ବିଭିନ୍ନ ରାଜ୍ୟରେ ମକର ସଂକ୍ରାନ୍ତି ଭିନ୍ନ ଭିନ୍ନ ନାମରେ ପାଳନ କରାଯାଇଥାଏ। ପ୍ରତ୍ୟେକ ରାଜ୍ୟରେ ଏହାର ନାମ ଏବଂ ପାଳନ ବିଧି ଭିନ୍ନ ପ୍ରକାର ହୋଇଥାଏ। ପଞ୍ଜାବ ଓ ହରିଆନାରେ ଏହି ଅବସରରେ ନୂଆ ଫସଲକୁ ସ୍ୱାଗତ କରିବା ସହ ଉତ୍ସବ ମନାଯାଏ। ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ଏହି ସବୁ ଅଞ୍ଚଳରେ ଏହାକୁ ଲୋହଡ଼ି ପର୍ବ ଭାବେ ପାଳନ କରାଯାଏ। ପୁରୁଷ ଓ ମହିଳାମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଅଗ୍ନି ଚତୁଃପାର୍ଶ୍ୱରେ ନୃତ୍ୟ ପରିବେଷଣ କରିଥାନ୍ତି। ଆସାମରେ ଏହି ପର୍ବ ବିହୁ ଭାବେ ପାଳିତ ହୁଏ। ବିହାର, ଝାଡ଼ଖଣ୍ଡ ଓ ମିଥିଳା ଅଞ୍ଚଳରେ ବିଶ୍ୱାସ ଅଛି ଯେ, ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ଆକାର ରାଶି ଆକାରରେ ବୃଦ୍ଧିପାଏ। ସେଥିପାଇଁ ସେଠାରେ ମକର ସଂକ୍ରାନ୍ତିକୁ ତିଳ ସଂକ୍ରାନ୍ତି କୁହାଯାଏ। ରାଜସ୍ଥାନ ଓ ଗୁଜରାଟରେ ମକର ସଂକ୍ରାନ୍ତି ଉତ୍ତରାୟଣ ପର୍ବ ଭାବେ ପାଳନ କରାଯାଏ। ଏହିଦିନ ଏଠାରେ ଗୁଡ଼ି ଉଡ଼ାଇବା ପରମ୍ପରା ରହିଛି। ଗୁଡ଼ି ଉଡ଼ାଇବା ବ୍ୟତୀତ ଏହିଦିନ ଘରଗୁଡ଼ିକରେ ସୂର୍ଯ୍ୟଙ୍କର ଖିଚୁଡ଼ି ଭୋଗ ପାଇଁ ଘେବର, ଫେଣି ଆଦି ପ୍ରସ୍ତୁତ କରାଯାଏ। ଉତ୍ତରପ୍ରଦେଶରେ ମକର ସଂକ୍ରାନ୍ତି ଦିନ ଘରେ ଖେଚୁଡ଼ି ପ୍ରସ୍ତୁତ କରିବା ଅତ୍ୟନ୍ତ ଶୁଭ ମନାଯାଏ। ତାମିଲନାଡୁରେ ମକରସଂକ୍ରାନ୍ତିକୁ ପୋଙ୍ଗଲ ଭାବେ ପାଳନ କରାଯାଏ। ଏହିଦିନ ଲୋକେ ଘର ସଫାକରି ଚାଉଳର ଅଟାରେ ରଙ୍ଗୋଲି କରିଥାନ୍ତି। ଏହାପରେ ମାଟିର ପାତ୍ରରେ ଖିରି ପ୍ରସ୍ତୁତ କରିଥାନ୍ତି। ଏହାପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରାଯାଏ। ମହାରାଷ୍ଟ୍ରରେ ୩ ଦିନ ଧରି ମକର ସଂକ୍ରାନ୍ତି ପାଳନ କରାଯାଏ। ଏହି ଦିନ ମହାରାଷ୍ଟ୍ରର ଲୋକେ ପାରମ୍ପରିକ ବ୍ୟଞ୍ଜନ 'ପୁରନ୍ ପୋଲି' ପ୍ରସ୍ତୁତ କରିଥାନ୍ତି। ମକର ସଂକ୍ରାନ୍ତି ଦିନ ଦାନକର୍ମଙ୍କ ପାଖକୁ ଦାନ ଅର୍ଥର ଶହେଗୁଣା ଫେରି ଆସୁଥିବାର ବିଶ୍ୱାସ ରହିଛି। ଏଥିପାଇଁ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଗରିବ ଲୋକଙ୍କୁ ଘୃତ, ରାଶି, କମ୍ବଳ ଏବଂ ଖେଚୁଡ଼ି ପ୍ରଭୃତି ଦାନ କରାଯାଇଥାଏ।

## ବଦଳିଲା 'ମର୍ଦ୍ଦାନୀ ୩'ର ରିଲିଜ୍



ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। ସେ ଅନେକ ବ୍ଲକ୍‌ବଷ୍ଟର୍ ଫିଲ୍ମରେ ଅଭିନୟ କରିଛନ୍ତି। ହେଲେ ଶିବାନୀ ଶିବାଜୀ ରୟ ଭୂମିକାରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଏହା ଫେବୃଆରୀ ୨୭ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏବେ ଏହା ଜାନୁଆରୀ ୩୦ରେ ରିଲିଜ୍ ହେବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। 'ମର୍ଦ୍ଦାନୀ ୩' ୨୦୧୪ ମସିହାରେ ଆସିଥିବା 'ମର୍ଦ୍ଦାନୀ' ସିରିଜ୍‌ର ତୃତୀୟ ଫିଲ୍ମ। 'ମର୍ଦ୍ଦାନୀ ୩'ରେ ରାଣୀ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ନିକଟରେ ୟଶରାଜ୍ ବ୍ୟାନର ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ 'ମର୍ଦ୍ଦାନୀ ୩'ର ପୋଷ୍ଟର୍ ସେୟାର୍ କରାଯାଇ ଏହି ଫିଲ୍ମ ଜାନୁୟାରୀ ୩୦ରେ ଆସିବ ବୋଲି କୁହାଯାଇଛି। ଏଠାରେ ପ୍ରକାଶ ଥାଉ କି, ଅଗଷ୍ଟ ୨୨, ୨୦୧୪ରେ 'ମର୍ଦ୍ଦାନୀ' ଫିଲ୍ମ ଆସିଥିଲା। ପ୍ରଦୀପ ସରକାର ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୧ କୋଟି ଥିଲା। ଭାରତରେ ଏହା କେବଳ ୪୭ କୋଟି ବିଜିନେସ୍ କରିଥିଲା। 'ମର୍ଦ୍ଦାନୀ ୨' ୧୩ ଡିସେମ୍ବର, ୨୦୧୯ ରେ ଆସିଥିଲା। ଗୋପି ପୁତ୍ରନ୍ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହାର ବଜେଟ୍ ୨୭ କୋଟି ଥିଲା। ଭାରତରେ ଏହା ୫୪ କୋଟିର ବିଜିନେସ୍ କରିଥିଲା।

## ଆଜି ଆସିଥିଲେ

## ବ୍ୟାସକବି ଫକୀର ମୋହନ



ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ ଏବଂ ଓଡ଼ିଆ ଜାତୀୟ ଅଭ୍ୟୁତ୍ଥାନର କର୍ଣ୍ଣଧାର ଥିଲେ ବ୍ୟାସକବି ଫକୀରମୋହନ ସେନାପତି। ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ। ତାଙ୍କଠାରୁ ଆରମ୍ଭ ହୋଇଥିଲା ନୂଆ ଗଦ୍ୟ ଶୈଳୀ ଏବଂ ଓଡ଼ିଆ ଉପନ୍ୟାସର ବିକାଶ ପର୍ବ। ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା। ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ। ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ। ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ କାନ୍ଧରେ। ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ। ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଈଙ୍କୁ ପୁନଃବିବାହ କରିଥିଲେ। ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା। ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ – 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍‌କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ଦର୍ପଣ। ଫକୀରମୋହନଙ୍କ ରଚିତ ବହୁ ଲୋକପ୍ରିୟ ଗଳ୍ପ ମଧ୍ୟରୁ 'ରେବତୀ', 'ଡାକମୁନ୍‌ସୀ', ପେଟେଣ୍ଟ ମେଡିସିନ୍', 'ରାଣ୍ଡୀପୁଅ ଅନନ୍ତା', 'ସୁନାବୋହୂ' ଆଦି ଅନ୍ୟତମ। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି। ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା। ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି। ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ। ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ'। ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ସ୍ଥାନ ଅଦ୍ୱିତୀୟ। ଭାବ, ଭାଷା ଓ ପ୍ରକାଶ ଭଙ୍ଗୀରେ ତାଙ୍କର ନୂତନତା ଥିଲା। ଯେଉଁସବୁ ସମସ୍ୟା ତତ୍କାଳୀନ ସମାଜକୁ ବିଶେଷ ଭାବରେ ଆନ୍ଦୋଳିତ କରୁଥିଲା ଫକୀର ମୋହନଙ୍କ ଗଳ୍ପ ଓ ଉପନ୍ୟାସରେ ତାହା ପ୍ରତିଫଳିତ ହୋଇଛି। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ପାଖେ ଅମର ହୋଇ ରହିଛନ୍ତି।

## ଏଆଇ ଯୋଗୁଁ ଚାକିରି ମିଳିବା କଷ୍ଟକର



ଲିଙ୍କଡ୍‌ଇନ୍‌ର ଏକ ରିପୋର୍ଟ ଅନୁସାରେ, ବର୍ତ୍ତମାନ ଅଧିକାଂଶ ନିଯୁକ୍ତି ପ୍ରକ୍ରିୟା ଏଆଇ ଆଧାରିତ ହୋଇଗଲାଣି। ଫଳରେ ଚାକିରି ମିଳିବା ଏବେ ସେତେଟା ସହଜ ନୁହେଁ। ୮୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଏଆଇ ଭିତ୍ତିକ ସାକ୍ଷାତକାର ଯୋଗୁଁ ନୂଆ ଚାକିରି ପାଇଁ ପ୍ରସ୍ତୁତ ନ ଥିବା ମନେ କରୁଛନ୍ତି। ଅନୁରୂପ ଭାବେ ସେମାନଙ୍କ ମଧ୍ୟରୁ୭୨ ପ୍ରତିଶତ ଲୋକ ଚଳିତ ବର୍ଷ ପ୍ରାରମ୍ଭରୁ ଷ୍ଟାର୍ଟଅପ୍ ତଥା ବ୍ୟବସାୟ ପ୍ରତି ଆକର୍ଷିତ ହେଉଥିବା ଜଣାପଡ଼ିଛି।

ଲିଙ୍କଡଇନ୍‌ର ଏକ ସର୍ଭେରୁ ସାମ୍ନାକୁ ଆସିଛି ଯେ, ଆଜିକାଲିର ହାୟରିଂ ପ୍ରକ୍ରିୟା ଖୁବ୍ କଷ୍ଟକର ଏବଂ ଏହା ଏଆଇ ଆଧାରିତ ହୋଇଗଲାଣି। ୭୭ ପ୍ରତିଶତ ଲୋକଙ୍କ କହିବା କଥା, ନିଯୁକ୍ତି ଚୟନ ପ୍ରକ୍ରିୟାରେ ଏବେ ଅନେକ ପର୍ଯ୍ୟାୟ ସାମିଲ ହେଲାଣି। ୬୬ ପ୍ରତିଶତ ପ୍ରଫେସନାଲଙ୍କ ବିଶ୍ୱାସ, ନିଯୁକ୍ତି ପ୍ରକ୍ରିୟା ପୂର୍ବ ଭଳି ବ୍ୟକ୍ତିଗତ ହୋଇ ରହି ନାହିଁ। ୪୮ ପ୍ରତିଶତ ଏହି କଥାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଯେ, ସେମାନଙ୍କ ଜବ୍ ଆପ୍ଲିକେସନ୍ ଅନ୍ୟମାନଙ୍କଠାରୁ କିଭଳି ଅଲଗା ଲାଗିବ। ଏପରିକି ନିଯୁକ୍ତିଦାତାଙ୍କଠାରୁ ବିଳମ୍ବରେ ଉତ୍ତର ମିଳିବା ଏବଂ ଫିଡ୍‌ବ୍ୟାକ୍ ନ ଆସିବା ଭଳି ଘଟଣା ବି ଲୋକଙ୍କ ମନରେ ଚାକିରିକୁ ନେଇ ଭୟ ସୃଷ୍ଟି କରୁଛି।

ରିପୋର୍ଟ ଅନୁସାରେ, ୮୭ ପ୍ରତିଶତ ପ୍ରଫେସନାଲ କାମ ସମୟରେ ଏଆଇ ବ୍ୟବହାର କରିବାରେ ସହଜ ଅନୁଭବ କରନ୍ତି। ତେବେ ଏଆଇର ବ୍ୟବହାର ଯେତେବେଳେ ନିଯୁକ୍ତି ପାଇଁ ସାକ୍ଷାତକାର ଏବଂ ନିଯୁକ୍ତି ପ୍ରଦାନ କରିବାର ଆସେ, ସେମାନଙ୍କ ବିଶ୍ୱାସ ହ୍ରାସ ପାଏ। ଅବଶ୍ୟ ଏବେ କିଛି ଲୋକେ ଏଆଇକୁ ସାହାଯ୍ୟକାରୀ ଟୁଲ୍ ଭାବେ ଦେଖିବାକୁ ଲାଗୁଛନ୍ତି। ୯୪ ପ୍ରତିଶତ ଭାରତୀୟ ପ୍ରଫେସନାଲ ଜବ୍ ସର୍ଚ୍ଚରେ ଏଆଇର ବ୍ୟବହାର କରିବା ଯୋଜନା କରୁଛନ୍ତି। ଏଆଇ ଆଧାରିତ ସାକ୍ଷାତକାର ଯୋଗୁଁ ୭୬ ପ୍ରତିଶତ ପ୍ରଫେସନାଲ ମାନୁଛନ୍ତି, ଗତ ବର୍ଷକ ମଧ୍ୟରେ ନୂଆ ଚାକିରି ପାଇବା ଅଧିକ କଷ୍ଟକର ହୋଇଗଲାଣି।

ଲିଙ୍କଡଇନ୍‌ର ଡାଟା ଅନୁସାରେ, ୨୦୨୨ ମସିହା ପରେ ଚାକିରି ଲାଗି ଆବେଦନ କରିଥିବା ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଯାଇଛି। ସେହିପରି ନିଯୁକ୍ତିଦାତା ବି ଚାପରେ ରହୁଛନ୍ତି। ୭୨ ପ୍ରତିଶତ ନିଯୁକ୍ତିଦାତାଙ୍କ ମତରେ, ଏବେ ଠିକ୍‌ରେ ଟ୍ୟାଲେଣ୍ଟର ସନ୍ଧାନ କରିବା ପୂର୍ବରୁ ଅଧିକ କଷ୍ଟକର ହୋଇପାରେ। ଏହି ପରିବର୍ତ୍ତନର ପ୍ରଭାବ କ୍ୟାରିୟର ଚଏସ୍ ଉପରେ ଦେଖିବାକୁ ମିଳିବ।

୩୨ ପ୍ରତିଶତ ଜେନ୍ ଜେଡ୍ ନିଜ ଇଣ୍ଡଷ୍ଟ୍ରି ବାହାରୁ କ୍ୟାରିୟର ବିକଳ୍ପର ସନ୍ଧାନ କରୁଛନ୍ତି। ୭୨ ପ୍ରତିଶତ ଲୋକ ଏହିବର୍ଷ ଆରମ୍ଭରୁ ଚାକିରି ଛାଡ଼ି ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ପ୍ରତି ଆକର୍ଷିତ ହୋଇଛନ୍ତି। ଏହି ରିପୋର୍ଟ ଅନୁସାରେ, ପ୍ରମପ୍ଟ ଇଞ୍ଜିନିୟର, ଏଆଇ ଇଞ୍ଜିନିୟର, ସଫ୍ଟୱେର ଇଞ୍ଜିନିୟର ଭଳି ଚାକିରି ଦ୍ରୁତ ଭାବେ ବଢ଼ୁଛି।

## ସମ୍ଭାବନା



## ପିଲାଙ୍କ ପାଇଁ ହ୍ୱାଟ୍ସଆପ୍‌ର ନୂଆ ଫିଚର୍

**ହ୍ୱାଟ୍ସଆପ୍ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଲଞ୍ଚ୍ କରିବ। ଏହି ଫିଚର୍ ମୁଖ୍ୟତଃ ପିଲାଙ୍କ ଲାଗି ଉଦ୍ଦିଷ୍ଟ। ନୂଆ ଫିଚର୍‌ରେ ପ୍ୟାରେଣ୍ଟାଲ କଣ୍ଟ୍ରୋଲର ସୁବିଧା ମିଳିବ। ଏହି ଫିଚର୍ ମାଧ୍ୟମରେ ବାପାମାଆ ସେମାନଙ୍କ ପିଲାଙ୍କ ଆକାଉଣ୍ଟକୁ ଆରାମରେ ନିୟନ୍ତ୍ରଣ କରିପାରିବେ। ଉକ୍ତ ଫିଚର୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି ଏବଂ ଖୁବ୍‌ଶୀଘ୍ର ଏହାକୁ ନୂଆ ଅପଡେଟ୍‌ରେ ସାମିଲ କରାଯିବ।**

ଏହି ଫିଚର୍ ଏବେ ସର୍ବସାଧାରଣଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। ଅନ୍ୟପଟେ ଏହି ଫିଚର କିଛି ସୀମିତ ସୁବିଧା ସହିତ କାମ କରିବ। ଏହି ନୂଆ ଫିଚର୍ ଲାଗି ସେକେଣ୍ଡାରି ଆକାଉଣ୍ଟ ତିଆରି କରାଯିବ। ଏହାର ଅର୍ଥ ହେଉଛି, ପିଲା ଏକ ଅଲଗା ପ୍ରୋଫାଇଲରୁ ହ୍ୱାଟ୍ସଆପ୍ ବ୍ୟବହାର କରିବେ ଏବଂ ଏହାର ନିୟନ୍ତ୍ରଣ ବାପାମାଆଙ୍କ ହାତରେ ରହିବ। ଏହା ଦ୍ୱାରା ଅଜଣା ଲୋକଙ୍କ ସହିତ ଯୋଗାଯୋଗ କରିବାର ଆଶଙ୍କା କମିଯିବ।



ତେବେ ଏବେ ଯେଉଁ ଭଳି ଭାବେ ପିଲା ମୋବାଇଲ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି, ଏହା ଦ୍ୱାରା ଅଜଣା ଲୋକଙ୍କ ସଂସ୍ପର୍ଶରେ ଆସିଯାଉଛନ୍ତି। ଫଳରେ ପିଲା ଓ ସେମାନଙ୍କ ପରିବାରକୁ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼ୁଛି। ହ୍ୱାଟ୍ସଆପ୍ ଏହି ସମସ୍ୟାର ସମାଧାନ ବାହାର କରିବା ଲାଗି ଏହି ଫିଚର ଉପରେ କାମ କରୁଛି। ଏହାଦ୍ୱାରା ବାପାମାଆ ପିଲାଙ୍କ ସୁରକ୍ଷା ଉପରେ କିଛିଟା ନିୟନ୍ତ୍ରଣ ରକ୍ଷା କରିପାରିବେ ବୋଲି କୁହାଯାଉଛି।

## ପରୀକ୍ଷାରେ ସଫଳତା ମିଳୁ ନ ଥିଲେ...



ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।

- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି।
- ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଏହା ସହ ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି। ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

## ବ୍ରେନ୍ ଭ୍ୟାକେସନ୍

**ଆଜିକାଲି ଲୋକମାନେ ଏତେ ବେଶି କାର୍ଯ୍ୟବ୍ୟସ୍ତତା ଭିତରେ ରହୁଛନ୍ତି ଯେ, ସେମାନେ ନିଜ ପାଇଁ ସମୟ ବାହାର କରିପାରୁ ନାହାନ୍ତି। ସେଥିପାଇଁ ସେମାନେ ମାନସିକସ୍ତରରେ ନିଜକୁ ଅବସାଦ ମୁକ୍ତ କରିବା ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାନ୍ତି। ସେଥିରୁ ଅନ୍ୟତମ 'ବ୍ରେନ୍ ଭ୍ୟାକେସନ।' ଏହା ହେଉଛି ଏମିତି ଏକ ଥେରାପି, ଯାହା ଜଣକର ଅବସାଦକୁ କମ୍ କରି ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ତା'ସହ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରେ।**

ବିଶ୍ରାମ କେବଳ ଶରୀର ପାଇଁ ଜରୁରି ନୁହେଁ। ଏହା ମସ୍ତିଷ୍କ ପାଇଁ ବି ଗୁରୁତ୍ୱ ବହନ କରେ। ସେଥିପାଇଁ କାର୍ଯ୍ୟବ୍ୟସ୍ତତା ଭିତରେ ମନକୁ ବିଶ୍ରାମ ଦେବା ଦରକାର। ତା'ସହ ପର୍ଯ୍ୟାପ୍ତ ବିଶ୍ରାମ ବିନା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏଣୁ ମାନସିକ ଚିନ୍ତା ତଥା ଅବସାଦରୁ ମୁକ୍ତି ପାଇବା ଏବଂ ମନକୁ ଆରାମ ଦେବା ଲାଗି ବ୍ରେକ୍ ବା ବିରତି ନେବାକୁ କୁହାଯାଏ 'ବ୍ରେନ୍ ଭ୍ୟାକେସନ୍।'

ମାନସିକ ସୁସ୍ଥତାକୁ ବଜାୟ ରଖିବା ଲାଗି 'ବ୍ରେନ୍ ଭ୍ୟାକେସନ୍' ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଅଭ୍ୟାସ। ଏହି ନୂତନ ଅଭ୍ୟାସରେ ଜଣେ ଟେକ୍ନୋଲଜିରୁ ଦୂରତ୍ୱ ରକ୍ଷା କରି ଏକାଗ୍ରତା, ବ୍ୟାୟାମ, ତଥା ସୃଜନାତ୍ମକ କାମରେ ନିଜକୁ ସାମିଲ କରନ୍ତି। ସେହିପରି ପ୍ରକୃତି ସହ ସମୟ ବିତାଇବା ମଧ୍ୟ ବ୍ରେନ୍ ଭ୍ୟାକେସନ୍ ଲାଗି ଉଦ୍ଦିଷ୍ଟ। ଏହିସବୁ ଅଭ୍ୟାସକୁ ଦୈନିକ ଜୀବନଚର୍ଯ୍ୟାରେ ସାମିଲ କରିବା ଜରୁରି। ପ୍ରକୃତି ସହିତ ସମୟ ଅତିବାହିତ କଲେ ମନ ଓ ଶରୀରରେ ଏହାର ଶାନ୍ତିପୂର୍ଣ୍ଣ ପ୍ରଭାବ ପଡ଼େ। ଏଭଳି ପରିବେଶରେ ବ୍ୟାୟାମ କରିବା ମଧ୍ୟ ବ୍ରେନ୍ ଭ୍ୟାକେସନ୍‌ର ଲାଭକୁ ଦ୍ୱିଗୁଣିତ କରିଥାଏ।

